


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-180 ♦FRIDAY ♦26 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୮୦ ♦ଶୁକ୍ରବାର ♦୨୬ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଓଡ଼ିଶାକୁ କମିଲା କେନ୍ଦ୍ରୀୟ ଅନୁଦାନ

## ୭ ଯୋଜନାରେ ଅନୁଦାନ ହ୍ରାସ; ମନ୍ଥର ହେବ ଗ୍ରାମୀଣ ବିକାଶ

**ଭୁବନେଶ୍ୱର, ୨୫।୧୨ (ସମିସ):** ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ବିକାଶର ଗତି ଡବଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ମାତ୍ର କ୍ଷମତାକୁ ଆସିବାର ବର୍ଷକ ମଧ୍ୟରେ ଏହି ପ୍ରତିଶ୍ରୁତି ଓ ବାସ୍ତବତା ମଧ୍ୟରେ ଅନେକ ଫରକ ଜଳଜଳ ଦିଶୁଛି। କେନ୍ଦ୍ର ସରକାର ୭ଟି ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅର୍ଥ ହ୍ରାସ ପରେ ଏବେ ଓଡ଼ିଶାବାସୀଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ କରିଛି। ସବୁ ଯୋଜନାଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ସହ ସଂପୃକ୍ତ ଥିବାବେଳେ ଏହା ରାଜ୍ୟର ଗ୍ରାମ୍ୟ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ୮ଟି ଯୋଜନା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା

### 'ଆବାସ'ରେ କଟିଲା ୩୪୮୫ କୋଟି ଟଙ୍କା

### ଗ୍ରାମୀଣ କର୍ମନିଯୁକ୍ତିରେ କମିଲା ୧୧୪୨ କୋଟି

ମିଶନ, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ସାମିଲ ରହିଛି। ଏମଜିଏନଆରଇଜିଏସ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୪୯୦୬ କୋଟି ଟଙ୍କା ପ୍ରଦାନ କରିଥିଲେ। ମାତ୍ର ୨୦୨୪-୨୮ ବର୍ଷରେ କେନ୍ଦ୍ର ସରକାର ପ୍ରାୟ ୧୧୪୨ କୋଟି ଟଙ୍କା ହ୍ରାସ କରି ୩୭୬୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏବେ 'ମନରେଗା' ଉଚ୍ଛେଦ କରାଯାଇ ଭିବି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ରାଜ୍ୟ ସରକାରଙ୍କ ଉପରେ ଅଧିକ ବୋଝ ବଢ଼ିଛି।

ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୨୩-୨୪ରେ କେନ୍ଦ୍ର ସରକାର ୪୩୧୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ୨୦୨୪-୨୫ରେ ଏଥିରେ ୩୪୮୫ କୋଟି ଟଙ୍କା କାଟିଦେଲେ। ଗତ ଆର୍ଥିକ ବର୍ଷରେ କେନ୍ଦ୍ର ଏ ଯୋଜନା ବାବଦରେ ଓଡ଼ିଶାକୁ ମାତ୍ର ୮୨୫ କୋଟି ଟଙ୍କା ଦେଇଥିବା ବେଳେ ଏଥିଯୋଗୁଁ ରାଜ୍ୟର କଚ୍ଚାଘରକୁ ପକ୍କାଘରରେ ପରିଣତ ଯୋଜନା ମନ୍ଥର ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୩-୨୪ରେ ୧୨୬୨ କୋଟି ଟଙ୍କା ଓଡ଼ିଶାକୁ ମିଳିଥିଲା। ୨୦୨୪-୨୫ ମସିହାରେ ଏଥିରେ ମଧ୍ୟ ଅର୍ଥ ହ୍ରାସ କରି କେନ୍ଦ୍ର ସରକାର ମାତ୍ର ୭୧୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟ ଯୋଜନା ମଧ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶାକୁ ଗତ ଆର୍ଥିକ ବର୍ଷରେ ଟଙ୍କାଟିଏ ମଧ୍ୟ ଦିଆଯାଇନଥିବା ବେଳେ ▶ପୃଷ୍ଠା-୭

# ଏନ୍‌କାଉଣ୍ଟର୍‌ରେ ୬ ନକ୍ସଲ ମୃତ



### ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ମୃତ

### କମ୍ବିଂ ଅପରେସନ ଜୋରଦାର

**ଫୁଲବାଣୀ/ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୫।୧୨ (ସମିସ):** କନ୍ଧମାଳ ଜିଲ୍ଲାରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ ହୋଇଛନ୍ତି। ଚକାପାଦ ଥାନା ଚାହାଳି ପଞ୍ଚାୟତର ରମ୍ଭା ଫରେଷ୍ଟ ରେଞ୍ଜ ଗସମା ଜଙ୍ଗଲରେ ୪ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ବେଳେ ବେଲଘର ଥାନା ଅଞ୍ଚଳରେ ୨ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ଥିବା ସୂଚନା ମିଳିଛି। ବାକିମାନଙ୍କର ପରିଚୟ ଜଣାପଡ଼ିନାହିଁ। ଗୁଇନ୍ଦା ସୂଚନା ଆଧାରରେ ସୁରକ୍ଷା ବାହିନୀ ପକ୍ଷରୁ ▶ପୃଷ୍ଠା-୭

## ଶାହାଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଓଡ଼ିଶାର କନ୍ଧମାଳ ଜିଲ୍ଲାର ଜଙ୍ଗଲରେ ମାଓବାଦୀ କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଓଇକେଙ୍କ ସମେତ ୬ ଜଣ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସରେ ପୋଷ୍ଟ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା 'ନକ୍ସାଲ ମୁକ୍ତ ଭାରତ' ଅଭିଯାନ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସଦୃଶ ହୋଇଛି। ଏଥିସହ ଓଡ଼ିଶା ମାଓବାଦୀଙ୍କ କବଳରୁ ମୁକ୍ତ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅର୍ଥାତ ଓଡ଼ିଶା ଖୁବ୍‌ଶୀଘ୍ର ମାଓମୁକ୍ତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଆମେ ଦେଶରୁ ମାଓବାଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ଗଣେଶଙ୍କ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ଓ ସେ ଓଡ଼ିଶା ସଂଗଠନର ମୁଖ୍ୟ ଥିଲେ।

**ଧନୁଯାତ୍ରା ହେଲା ଶେଷଯାତ୍ରା**

# ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ; ୨ ମୃତ

**କୋମନା, ୨୫।୧୨ (ସମିସ):** କିଟିକିଟି ଅନ୍ଧାରରେ ବାଇକ୍ ସହ ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ। ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ରେ ଏପରି ଏକ ଅଘଟଣ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ହାତୀସରା ଗ୍ରାମର ହରିଚନ୍ଦ୍ର ପଟେଲ (୧୯) ଏବଂ ବାବେଘାଟି ଗ୍ରାମର ଶୁଭରାମ ହଂସ (୧୯)। ରଞ୍ଜିତ ହଂସ (୧୯) ଗୁରୁତର ଆହତ ହୋଇଥିବା ବେଳେ ଭାଗବତ ମାଝୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନାନୁଯାୟୀ, ତରବୋଡ଼ରେ ଏବେ ଧନୁଯାତ୍ରା ଚାଲିଛି। ବୁଧବାର ରାତିରେ ୪ସାଙ୍ଗ ହରିଚନ୍ଦ୍ର, ଶୁଭରାମ, ରଞ୍ଜିତ ଓ ଭାଗବତ ଏକ ବାଇକ୍‌ରେ ଯାତ୍ରା ଦେଖିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଡଙ୍ଗାଘାଟ ନିକଟରେ ବାଇକ୍‌ଟି ▶ପୃଷ୍ଠା-୭

**ଖସୁଛି ପାରଦ**

# ଓଡ଼ିଶା ଉପରେ ଘନ କୁହୁଡ଼ିର ଚାଦର

**ଭୁବନେଶ୍ୱର,୨୫।୧୨(ସମିସ):** ପାରଦ ଖସୁଛି, କୁହୁଡ଼ି ବଢ଼ୁଛି। ରାଜ୍ୟର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଲାଗି ରହୁଛି। ରାଜ୍ୟର କିଛି କିଛି ସ୍ଥାନରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ଅବସ୍ଥିତ ଯୋଗୁଁ କୁହୁଡ଼ି ପରିସ୍ଥିତି ଜାରି ରହିଛି। ଅନ୍ୟପକ୍ଷରେ ଆଗକୁ ଆଉ ଏକ ପଶ୍ଚିମା ଝଡ଼ ସକ୍ରିୟ ହେବାକୁ ଯାଉଛି। ଫଳରେ ଜାନୁଆରୀ ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଲଘୁଚାପ ସୃଷ୍ଟି ହେବା ନେଇ ସ୍ଥିତି ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଯଦି ବି ଏହା ହୁଏ, ଓଡ଼ିଶା ଉପରେ କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ।

### ଜାନୁଆରୀରେ ଲଘୁଚାପ ସୃଷ୍ଟି ସମ୍ଭାବନା

ଉପଗ୍ରହରୁ ମିଳୁଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ କେନ୍ଦୁଝର, କଟକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ଗଞ୍ଜାମ, ଗଜପତି ଏବଂ କୋରାପୁଟ ଜିଲ୍ଲାର ଅନେକ ସ୍ଥାନରେ ଘନକୁହୁଡି ପରିସ୍ଥିତି ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ଗୁରୁବାର ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ କୁହୁଡ଼ି ସ୍ଥିତି ଲାଗି ରହିବାରୁ ଯାତାୟାତରେ ଅନେକ ସମସ୍ୟା ଉପୁଜୁଥିଲା। ଭୁବନେଶ୍ୱରରେ ମଧ୍ୟ ଘନ କୁହୁଡ଼ି ଲାଗିରହିଥିଲା। ପାଣିପାଗ କେନ୍ଦ୍ର କହିଛି ଯେ, ଆଗାମୀ ୫ଦିନ ଯାଏଁ ପାଗରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ବେଳେ ଶୀତ ସାଙ୍ଗକୁ କୁହୁଡ଼ି ସ୍ଥିତି ଲାଗି ରହିବ। ଏହି ସମୟ ମଧ୍ୟରେ କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ସହ ଘନ କୁହୁଡ଼ି ଅନୁଭୂତ ହେବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ▶ପୃଷ୍ଠା-୭

# ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା

**ଢାକା, ୨୫।୧୨ (ଏଜେନ୍ସି):** କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ସରକାରରେ ସଂଖ୍ୟାଲଘୁ ହିନ୍ଦୁଙ୍କ ପାଇଁ ବାଂଲାଦେଶ ନର୍କ ପାଲଟି ଯାଇଛି। ଉପଦ୍ରବୀ, ଦଙ୍ଗାକାରୀ, ଅପରାଧୀଙ୍କୁ ସରକାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଏବେ ଆଉ ଜଣେ ହିନ୍ଦୁଙ୍କୁ ବାଂଲାଦେଶରେ ପିଟି ପିଟି ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟାରେ ରାଜବାଡୀ ଜିଲ୍ଲା ହୋସେନଡାଙ୍ଗା ଗ୍ରାମରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ମୃତକର ନାମ ଅମୃତ ମଣ୍ଡଳ ଓରଫ ସମ୍ରାଟ (୨୯) ବୋଲି ପୁଲିସ କହିଛି।

ଏହା ପୂର୍ବରୁ ଗତ ୧୮ ତାରିଖରେ ହିନ୍ଦୁ ଯୁବକ ଦୀପୁଙ୍କ ବିରୋଧରେ ଈଶ ନିନ୍ଦାର ମିଥ୍ୟା ଅଭିଯୋଗ ଲଗା ଯାଇଥିଲା। ପୁଲିସ ତାଙ୍କୁ ଚରମପନ୍ଥୀଙ୍କ ହାତରେ ଟେକି ଦେଇଥିଲା। ପରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳି ଦିଆ ଯାଇଥିଲା। ଏହି ଆକ୍ରମଣ ପଛରେ ଦୀପୁଙ୍କ ମୁସଲମାନ ବନ୍ଧୁ ମଧ୍ୟ ସାମିଲ ଥିଲେ। ସେମାନେ ଏକାଠି ଏକ କମ୍ପାନୀରେ କାମ କରୁଥିଲେ। ଏକ କାର୍ଯ୍ୟକ୍ରମରେ ସବୁ ଧର୍ମ ସମାନ କହିବା କେବଳ ଦୀପୁଙ୍କ ଭୁଲ ଥିଲା। ଏଥିପାଇଁ ଷଡ଼ଯନ୍ତ୍ର କରି ତାଙ୍କୁ ମାରି ଦିଆଯାଇଥିଲା।

ପୁଲିସ ସୂଚନା ଅନୁଯାୟୀ, ଜୋର ଜବରଦସ୍ତି ଟଙ୍କା ଆଦାୟ ଅଭିଯୋଗ ଲଗାଇ ଲୋକେ ଅମୃତଙ୍କୁ ପିଟି ପିଟି ମାରି ଦେଇଛନ୍ତି। ମୃତକ ହୋସେନଡାଙ୍ଗା ଗ୍ରାମର ବାସିନ୍ଦା ଥିଲେ। ଏହି ମାମଲାରେ ଅମୃତଙ୍କ ସହଯୋଗୀ ମହମ୍ମଦ ସଲିମକୁ ଗିରଫ କରାଯାଇଛି। ତା' ନିକଟରୁ ଦୁଇଟି ବନ୍ଧୁକ ଜବତ ▶ପୃଷ୍ଠା-୭






**ଦ୍ୱିତୀୟ ଦିନରେ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା**

# ଧରାବତରିଲେ ଦେବକୀନନ୍ଦନ

**ବରଗଡ଼, ୨୫।୧୨ (ସମିସ):** ଆକାଶବାଣୀ ସତ ହୋଇଛି। ଦୁରାଚାରୀ କଂସର ମୃତ୍ୟୁ ଭାବେ ସ୍ୱର୍ଗଜଗତ ପାଳନକର୍ତ୍ତା ବିଷ୍ଣୁ ଦେବକୀନନ୍ଦନ ରୂପରେ ଧରାବତରଣ କରିଛନ୍ତି। ନିଶାର୍ଦ୍ଧରେ କାରାଗାରରେ ମା' ଦେବକୀଙ୍କ ଅଷ୍ଟମ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଛନ୍ତି। ଦେବକୀ ଓ ବସୁଦେବଙ୍କୁ ଛାଡ଼ି କାରାଗାରର ସବୁ ରକ୍ଷକ ନିଘୋଡ଼ ନିଦରେ ଶୋଇ ପଡ଼ିଥିବା ବେଳେ ଆପେଆପେ କାରାଗାରର ଦୁଆର ଖୋଲିଯାଇଛି। ବେଡିମୁକ୍ତ ହୋଇଛନ୍ତି ଦେବକୀ-ବସୁଦେବ। ପୁଅର ଜୀବନରକ୍ଷା ପାଇଁ ସଦ୍ୟଜାତ ଶ୍ରୀକୃଷ୍ଣଙ୍କୁ ଧରି ବସୁଦେବ ଗୋପପୁର ଅଭିମୁଖେ ବାହାରିଛନ୍ତି। କିନ୍ତୁ ପ୍ରବଳ ଝଡ଼ତୋଫାନ ସାଙ୍ଗକୁ କୂଳ ଲଙ୍ଘୁଥିବା ଯମୁନା ନଦୀ ପ୍ରଭୁଙ୍କ



ବାଟରେ ଅନ୍ତରାୟ ହୋଇନାହାନ୍ତି। ବସୁଦେବ ଗୋପପୁରରେ ପହଞ୍ଚିବା ପରେ ଯଶୋଦାଙ୍କ ପାଖେ ଶ୍ରୀକୃଷ୍ଣଙ୍କୁ ଶୁଆଇ ବିଜୁଳି କନ୍ୟାଙ୍କୁ ଧରି ପୁଣି କାରାଗାରକୁ ବାହୁଡ଼ି ଆସିଛନ୍ତି। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଦ୍ୱିତୀୟ ଦିନର ଏହି ଦୃଶ୍ୟ ଦେଖିବାକୁ ଆଜି ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିଥିଲା। ବସୁଦେବ କାରାଗାର ବାହାରକୁ ଆସୁଥିବା ବେଳେ କୃଷ୍ଣଙ୍କ ଦର୍ଶନ ପାଇ ଦର୍ଶକଙ୍କ ଆଖିରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଲୁହ ନିଗିଡ଼ି ଆସିଥିଲା।

ଆଜି ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନୀହାର ମହାନନ୍ଦ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହ୍ଲାଦ ସହାୟ ▶ପୃଷ୍ଠା-୭

# ବୁଡ଼ାଜାହାଜରୁ କେ-୪ ବାଲିଷ୍ଟିକ୍ ଉତ୍‌କ୍ଷେପଣ

**ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି):** ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ରର ଆଜି ପରୀକ୍ଷା କରିଛି ଭାରତ। ବଙ୍ଗୋପସାଗର ବିଶାଖାପାଟଣା ଉପକୂଳରେ ଅବସ୍ଥାପିତ ପରମାଣୁ ଶକ୍ତିସପନ୍ନ ବୁଡାଜାହାଜ ଆଇଏନ୍‌ଏସ୍ ଅରିଘାଟରୁ ଏହାର ପରୀକ୍ଷା କରାଯାଇଛି। ପରୀକ୍ଷାରେ ଆଜି



### ୩୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ

### ୨ ଟନର ପରମାଣୁ ଅସ୍ତ୍ର ବହନ କ୍ଷମତା

ସଫଳତା ହାସଲ କରିଥିବା ଏହି କେ-୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ୩୫୦୦ କିଲୋମିଟର ▶ପୃଷ୍ଠା-୭

# କାର୍ ଉପରେ ଚଢ଼ିଗଲା ବସ୍: ୯ ମୃତ

**ଚେନ୍ନଇ, ୨୫।୧୨(ଏଜେନ୍ସି):** ତାମିଲନାଡୁର କୁଡାଲୋର ଜିଲ୍ଲାରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଛନ୍ତି। ତୀରୁଚିରାପଲ୍ଲୀରୁ ଚେନ୍ନାଇ ଯାଉଥିବା ଏକ ରାଜ୍ୟ ପରିବହନ ବସ୍‌ର ଟାୟାର ଫାଟିଯାଇଥିଲା। ଫଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର ଉପରେ ଚଢ଼ିଯିବା ସହ ବିପରୀତ ଲେନ୍‌କୁ ଚାଲିଯାଇଥିଲା ଓ ସମ୍ନାରୁ ଆସୁଥିବା ଦୁଇଟି କାର୍ ଉପରେ ଚଢ଼ିଯାଇଥିଲା। ଦୁଇଟି ଯାକ କାର୍ ବସ୍ ତଳେ ଫସିଯାଇଥିଲା ଓ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା। ଦୁର୍ଘଟଣାରେ ଦୁଇଟି କାର୍‌ରେ ବସିଥିବା ୭ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୫ ପୁରୁଷ ଓ ୪ ମହିଳା ଅଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତଙ୍କୁ ତିରୁଚିରାପଲ୍ଲୀ ଓ ପେରାମ୍ବାଲୁର ସରକାରୀ ▶ପୃଷ୍ଠା-୭

# ଜଳିଗଲା ବସ୍: ୧୦ ଯାତ୍ରୀ ଜୀବନ୍ତ ଦଗ୍ଧ

**ଚିତ୍ରଦୁର୍ଗା, ୨୫।୧୨(ଏଜେନ୍ସି):** କର୍ଣ୍ଣାଟକର ଚିତ୍ରଦୁର୍ଗାରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣ ପ୍ରାଣ ହରାଇଛନ୍ତି। ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଯାଉଥିବା ଏକ ସ୍ଲିପର ବସ୍‌କୁ ଟ୍ରକ୍ ଧକ୍କା ଦେବାରୁ ଏଥିରେ ନିଆଁ ଲାଗିଯାଇଥିଲା। ତେବେ କେତେକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମୃତ୍ୟୁ ସଂଖ୍ୟା ୧୨ ଓ ୧୭ ବୋଲି ଦର୍ଶାଯାଇଛି। ବସ୍‌ରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଯାତ୍ରା କରୁଥିଲେ। ଏହି ଦୁର୍ଘଟଣା ଜାତୀୟ ରାଜପଥ-୪୮ ରେ ହରିୟୁର ତାଲୁକରେ ଘଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ରାତି ୨ଟା ୩୦ରେ ଦ୍ରୁତଗତିରେ ଆସୁଥିବା ଏକ କନଟେନର ଟ୍ରକ୍ ଡିଭାଇଡର ଭାଙ୍ଗିବା ସହ ତାକୁ ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ବସ୍‌କୁ ଧକ୍କା ଦେଇଥିଲା। ବସ୍‌ରେ ନିଆଁ ଲାଗିଯାଇଥିଲା। ସେତେବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଯାତ୍ରୀମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ବସ୍ ▶ପୃଷ୍ଠା-୭

# ଦିଲ୍ଲୀରେ 'ଅଟଳ କ୍ୟାଣ୍ଟିନ୍'; ୫ ଟଙ୍କାରେ ଭୋଜନ ଥାଳି




ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଡାଲି, ଭାତ,ପରଟା, ପନିପରିବା ଓ ଆଚାର ବିଶିଷ୍ଟ ଏକ ସ୍ୱାଦିଷ୍ଟ ଭୋଜନ ଥାଳିର ମୂଲ୍ୟ ୫୦୦ରୁ ୨, ୦୦୦ ଟଙ୍କା ମଧ୍ୟରେ ମିଳିଥାଏ । ଅବଶ୍ୟ ଏହା ରେସ୍ତୋରାଁର ମାନ ଓ ପ୍ରକାର ଏବଂ ସ୍ଥାନ ଉପରେ ନିର୍ଭର କରିଥାଏ । କିନ୍ତୁ ଏବେ ଏହି ଥାଳି ମାତ୍ର ୫ ଟଙ୍କାରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ । ବିଶ୍ୱାସ ନ ହେଲେ ବି ଏହା ସତ ହେବାକୁ ଯାଉଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା 'ଅଟଳ କ୍ୟାଣ୍ଟିନ' ଯୋଜାନର ଶୁଭାରମ୍ଭ କରିଛନ୍ତି । ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ୪୫ଟି ଅଟଳ କ୍ୟାଣ୍ଟିନ ଆରମ୍ଭ କରାଯାଇଛି । ବାକି ୫୫ଟି କ୍ୟାଣ୍ଟିନର କାର୍ଯ୍ୟ ଖୁବ୍‌ଶୀଘ୍ର ପୂରଣ କରାଯିବ । ଅଟଳ କ୍ୟାଣ୍ଟିନ ଦିଲ୍ଲୀର ଆତ୍ମା ହେବାକୁ ଯାଉଛି । ଏବେ କୌଣସି ବ୍ୟକ୍ତି ଖାଲି ପେଟରେ ଶୋଇବେ ନାହିଁ ବୋଲି ସେ କହିଛନ୍ତି । ଏହି ୪୫ଟି କ୍ୟାଣ୍ଟିନ ଆରକେ ପୁରମ, ଜଙ୍ଗପୁରା, ଶାଲିମାର ବାଗ, ଗ୍ରେଟର କୈଳାଶ, ରାଜଉରୀ ଗାର୍ଡେନ, ନାରେଲା, ବାୱାନା ସମେତ ଅନ୍ୟ ଅଞ୍ଚଳରେ ଖୋଲା ଯାଇଛି । ଏହି କ୍ୟାଣ୍ଟିନଗୁଡିକରେ ଶ୍ରମିକ, ଅସହାୟ ଓ ବସ୍ତିରେ ରହୁଥିବା ପରିବାରଗୁଡିକୁ ମାତ୍ର ୫ ଟଙ୍କାରେ ପେଟପୂରା ଖାଦ୍ୟ ମିଳିପାରିବ । ଭୋଜନରେ ଭାତ, ଡାଲି, ରୁଟି, ଋତୁକାଳୀନ ପନିପରିବା ଓ ଆଚାର ମିଳିବ । ଏହି କ୍ୟାଣ୍ଟିନଗୁଡ଼ିକରେ ପ୍ରତିଦିନ ଦୁଇଥର ଯଥା ସକାଳ ୧୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଏବଂ ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ରାତ୍ରି ଭୋଜନ ମିଳିବ । ପ୍ରତ୍ୟେକ କ୍ୟାଣ୍ଟିନରେ ପ୍ରତିଦିନ ୫୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦିଆଯିବ । ଏହି ଯୋଜନାର ହିତାଧିକାରୀଙ୍କ ପାଇଁ ମାନୁଆଲ କୁପନ ବଦଳରେ ଡିଜିଟାଲ ଟୋକନ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି । ସମସ୍ତ କେନ୍ଦ୍ରଗୁଡିକ ସିସିଟିଭି କ୍ୟାମେରା ଦ୍ୱାରା ନିରୀକ୍ଷଣ କରାଯିବ ।

# ଭୋଟ ପାଇଁ ଏସ୍‌ୟୁଭି, ଥାଇଲାଣ୍ଡ ଟ୍ରିପ୍ ଅଫର

ପୁଣେ, ୨୫ ।୧୨(ଏଜେନ୍ସି): ପୁନେ ମହାନଗର ନିର୍ବାଚନକୁ ଆଉ ୩ ସପ୍ତାହ ବାକିଅଛି । ଭୋଟରଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ମନଲୋଭା ପ୍ରସ୍ତାବ ଦେବା ଆରମ୍ଭ କରିଛନ୍ତି । ଭିମାନ ନଗରର ଜଣେ ପ୍ରାର୍ଥୀ ଦେଇଥିବା ପ୍ରସ୍ତାବ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି । ତାଙ୍କୁ ଭୋଟ ଦେଲେ ସେ ୫ ଦିନିଆ ଥାଇଲାଣ୍ଡ ଗସ୍ତର ଖର୍ଚ୍ଚ ବହନ ସହ ସୁବିଧା ସୁଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଅନ୍ୟଏକ ୱାର୍ଡରେ ଜଣେ ପ୍ରାର୍ଥୀ ଏସ୍‌ୟୁଭି କାର୍, ଦୁଇ ଚକିଆ ଯାନ ଓ ସ୍ୱର୍ଣ୍ଣ ଅଳଙ୍କାର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଏଥିପାଇଁ ଲକି ଡ୍ର' ଜରିଆରେ ନିର୍ଣ୍ଣୟ ନିଆଯିବ ବୋଲି ସେ କହିଛନ୍ତି । ଅନ୍ୟପଟେ ଲୋହଗାନ-ଧାନୋରୀ ୱାର୍ଡରେ ଜଣେ ପ୍ରାର୍ଥୀ ୧୧ ଜଣ ଭୋଟରଙ୍କୁ ୧, ୧୧୦ ବର୍ଗଫୁଟ୍‌ର ଜମି ଲକି ଡ୍ର ମାଧ୍ୟମରେ ଦେବାକୁ ଘୋଷଣା କରିଛନ୍ତି । ଏଥିପାଇଁ ସେ ପଞ୍ଜୀକରଣ ମଧ୍ୟ ଆରମ୍ଭ କରିଛନ୍ତି । ସେହିପରି ଗୃହିଣୀ ଓ ମହିଳା ଭୋଟରଙ୍କୁ ହଜାର ହଜାର ପାଇଥାନି ସାଢ଼ି ଓ ରେଶମ ଶାଢ଼ି ବଣ୍ଟନ କରାଯାଇଛି । ସେହିପରି ଏମାନଙ୍କୁ ସିଲେଇ ମେସିନ ଓ



ସାଇକଲ ମଧ୍ୟ ଦିଆଯାଇଛି । କ୍ରୀଡ଼ା ଉତ୍ସାହୀ ଭୋଟରମାନଙ୍କ ପାଇଁ ଲକ୍ଷେ ଟଙ୍କାର ନଗଦ ପୁରସ୍କାର ଓ କ୍ରିକେଟ ଲିଗ୍ ସ୍ଥାପନ କରାଯାଇଛି ।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ଉଦ୍‌ଘାଟନ କରିଛନ୍ତି । ଏଠାରେ ସେ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି । ପ୍ରେରଣା ସ୍ଥଳରେ ଦୀନଦୟାଲ, ଶ୍ୟାମା ପ୍ରସାଦ ଓ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚର ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି । ପ୍ରତ୍ୟେକ ପ୍ରତିମାର ଓଜନ ୪୨ ଟନ । ୬୫ ଏକର ଜମିରେ ୨୩୦ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି ।

# ୧୭ ବର୍ଷ ପରେ ଫେରିଲେ ଖାଲିଦାଙ୍କ ପୁଅ

■ ସ୍ୱାଗତ ପାଇଁ ଢାକା ବିମାନ ବନ୍ଦରରେ ଏକ ଲକ୍ଷ ସମର୍ଥକ
■ ଶାନ୍ତି ରକ୍ଷା ପାଇଁ ଦେଲେ ଆହ୍ୱାନ



ଢାକା, ୨୫ ।୧୨(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପୁଅ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଢାକା ବିମାନ ବନ୍ଦରରେ ରହମାନଙ୍କୁ ସ୍ୱାଗତ ପାଇଁ ତାଙ୍କ ଦଳ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ଲକ୍ଷ କର୍ମକର୍ତ୍ତା ଏକାଠି ହୋଇଥିଲେ । ରହମାନ ଗିରଫ ହେବାର ଆଶଙ୍କାକୁ ଏଡାଇବା ପାଇଁ ୨୦୦୮ରୁ ଲଣ୍ଡନ ଚାଲିଯାଇଥିଲେ । ସେତେବେଳର ଶେଖ ହାସିନା ସରକାର ତାଙ୍କ ବିରୋଧରେ ଏକାଧିକ ଦୁର୍ନୀତି ମାମଲା ଚଳାଇଥିଲେ । ବାଂଲାଦେଶରେ ଆସନ୍ତା ବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ରହମାନଙ୍କ ପ୍ରତ୍ୟାବର୍ତ୍ତନକୁ ଦେଶବାସୀ ବେଶ୍ ଗୁରୁତ୍ୱ ଦେଇଛନ୍ତି । ସେ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି । ଦେଶ ସମସ୍ତଙ୍କର ବୋଲି କହିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ପାର୍ଟି ଆୱାମୀ ଲିଗ୍‌କୁ ନିର୍ବାଚନରେ ଅଂଶଗ୍ରହଣ କରିବାରୁ ନିଷିଦ୍ଧ କରାଯାଇଛି । ଏଭିଳି ସ୍ଥିତିରେ ବିଏନ୍‌ପି ନିର୍ବାଚନ ଜିତିବା ଏକପ୍ରକାର ନିଶ୍ଚିତ ମନେ ହେଉଛି । ବିଏନ୍‌ପି ଅଧ୍ୟକ୍ଷ ଖାଲିଦା ଜିଆ ୮୦ ବର୍ଷର ହୋଇସାରିଥିବାରୁ ଏବେ ଅସୁସ୍ଥତା ଦେଇ ଗତି କରୁଛନ୍ତି । ତେଣୁ ଆଗାମୀ ପ୍ରଧାନମନ୍ତ୍ରୀ ଭାବେ ୬୦ ବର୍ଷୀୟ ରହମାନ ସର୍ବାଗ୍ରେ ଅଛନ୍ତି । ସେ ବାଂଲାଦେଶ ଫେରିବା ପରେ ସୃଷ୍ଟି ହୋଇଥିବା ରାଜନୈତିକ ଶୂନ୍ୟତା ପୂରଣ ହେବ ବୋଲି ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ପ୍ରେସ ସଚିବ କହିଛନ୍ତି । ବିମାନ ବନ୍ଦର ପହଞ୍ଚିବା ପରେ ଲୋକେ ତାଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ । ଫଳରେ ଏବେ ବାଂଲାଦେଶ ରାଜନୀତିରେ ନୂଆ ମୋଡ଼ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି ।

୧୯୬୫ ନଭେମ୍ବର ୨୦ରେ ଜନ୍ମିତ ରହମାନଙ୍କୁ ୧୯୭୧ ମୁକ୍ତି ସଂଗ୍ରାମରେ ଗିରଫ କରାଯିବା ପରେ ଡିସେମ୍ବର ୧୬ରେ ମୁକ୍ତ କରାଯାଇଥିଲା । ୧୯୮୮ରେ ସେ ବାଂଲାଦେଶ ରାଜନୀତିରେ ପ୍ରବେଶ କରିଥିଲେ । ୧୯୯୪ରେ ଜୁବେଦା ରହମାନଙ୍କୁ ବିବାହ କରିଥିଲେ । ୨୦୦୪ରେ ଆୱାମୀ ଲିଗ୍‌ର ରାଲି ଉପରେ ଗ୍ରେନେଡ ଆକ୍ରମଣ କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ସେ ଦଣ୍ଡିତ ହୋଇଥିଲେ । ୨୦୦୭ରେ ତାଙ୍କ ବିରୋଧରେ ୮୪ଟି ଦୁର୍ନୀତି ମାମଲା ରୁଜୁ କରାଯାଇଥିଲା । ୨୦୦୮ରେ ଗିରଫକୁ ଏଡାଇବା ପାଇଁ ସେ ଲଣ୍ଡନ ପଳାୟନ କରିଥିଲେ । ୨୦୧୪ରେ ସେ ନିର୍ବାଚନ ବହିଷ୍କାର କରିବାକୁ ଘୋଷଣା କରିଥିଲେ ଓ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଥିଲା । ୨୦୨୬ରେ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା ।୨୦୧୮ ରେ ସେ ବିଏନ୍‌ପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ୨୦୨୪ରେ ହସିନାଙ୍କ ଗାଦିଚ୍ୟୁତ ଏକରାଯିବା ପରେ ସେ ବହୁ ଅଭିଯୋଗରୁ ମୁକ୍ତ ହୋଇଥିଲେ ।

## ସେନା ଯବାନଙ୍କୁ ଇନ୍‌ଷ୍ଟାଗ୍ରାମ୍ ଅନୁମତି

ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ଭାରତୀୟ ସେନାବାହିନୀ ତା'ର ଯବାନମାନଙ୍କୁ ସାମାଜିକ ଗଣମାଧ୍ୟମ ଆପ୍ ବ୍ୟବହାର କରିବାକୁ ନେଇ ନୂଆ ନିୟମ ଜାରି କରିଛି । ଯବାନମାନେ ଇନ୍‌ଷ୍ଟାଗ୍ରାମରେ ରିଲ, ଭିଡିଓ ଓ ଫଟୋ ଦେଖିପାରିବେ । କିନ୍ତୁ କମେଣ୍ଟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି କୁହାଯାଇଛି । ହ୍ୱାଟ୍ସଆପ, ଟେଲିଗ୍ରାମ ଭଳି ଆପ୍‌ରେ ଯବାନମାନେ ଅଣ-ଗୋପନୀୟ ସୂଚନା ସେୟାର କରିପାରିବେ । ଏହାକୁ ବାଦ୍ ଦେଲେ ୟୁଟ୍ୟୁବ ଓ ଏକ୍ସର ବ୍ୟବହାର କେବଳ ସୂଚନା ପାଇବା ପାଇଁ କରିପାରିବେ ବୋଲି କୁହାଯାଇଛି । ଗତମାସରେ ସେନା ତା'ର ଯୁଦ୍ଧ ୟୁନିଫର୍ମକୁ ପେଟେଣ୍ଟ କରିଥିଲା । ସେନା ଉନ୍ନତ ମାନର ଡିଜିଟାଲ ପ୍ରିଣ୍ଟ ଡିଜାଇନ୍ ପେଟେଣ୍ଟ କରିଥିଲା । ଏହି ତିନି-ସ୍ତର ୟୁନିଫର୍ମ ସୈନିକମାନଙ୍କୁ ସବୁଦିନିଆ ଆରାମ ପ୍ରଦାନ କରିଥାଏ । ଅର୍ଥାତ ସେନାର ବିନା ଅନୁମତି ବିନା କେହି ଏହି ଡିଜାଇନ୍ ସହିତ ୟୁନିଫର୍ମ ତିଆରି, ବିକ୍ରୟ କିମ୍ବା ବ୍ୟବହାର କରିପାରିବେ ନାହିଁ । ଏହା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି ।

## ପ୍ରବଳ କୁହୁଡ଼ି ଯୋଗୁଁ ୬୩ ବିମାନ ବାତିଲ୍

ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ଦେଶରେ କିଛି ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି । ଘନ କୁହୁଡି କାରଣରୁ ଗୁରୁବାର ଏୟାରଲାଇନ୍ସ କମ୍ପାନୀ ଇଣ୍ଡିଗୋର ୬୩ଟି ବିମାନକୁ ବାତିଲ କରାଯାଇଛି । ସେହିପରି ଅପରେସନ ଜନିତ ପ୍ରକ୍ରିୟା କାରଣରୁ ୪ ବିମାନର ଉଡାଣ ରଦ୍ଦ ହୋଇଛି । ଅଗରତାଲା, ଚଣ୍ଡିଗଡ଼, ଡେରାଡୁନ, ବାରଣାସୀ ଓ ବେଙ୍ଗାଲୁରୁ ବିମାନ ବନ୍ଦର କୁହୁଡି ଯୋଗୁଁ ପ୍ରଭାବିତ ହୋଇଛି । ଉତ୍ତରପ୍ରଦେଶର ଲକ୍ଷ୍ନୌ, ପ୍ରୟାଗରାଜ ସମେତ ୫୦ଟି ଉର୍ଦ୍ଧ୍ୱ ଜିଲ୍ଲାରେ ଘନ କୁହୁଡି ଦେଖା ଦେଇଥିଲା । କେତୋଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନରେ ପହଞ୍ଚିଥିଲା । ଗତ ୩ ଦିନରେ ଶୀତ ଓ ପ୍ରବଳ ଥଣ୍ଡା କାରଣରୁ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଉତ୍ତର ଦିଗରୁ ଆସୁଥିବା ପବନ କାରଣରୁ ରାଜସ୍ଥାନରେ ଗୁରୁବାର ଶୀତ ଆହୁରି ବୃଦ୍ଧି ପାଇଛି । ସିକର ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀରେ ପହଞ୍ଚିଛି । ସେହିପରି ମଧ୍ୟପ୍ରଦେଶର ପଚମାଢୀରେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀରେ ପହଞ୍ଚିଛି । ନୂଆବର୍ଷ ଆରମ୍ଭ ହେବା ପର୍ଯ୍ୟନ୍ତ ରାଜ୍ୟର ଏକାଧିକ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

## ହମାସ ମୁଖ୍ୟଙ୍କୁ ହତ୍ୟା ପୂର୍ବରୁ ଭେଟିଥିଲେ ଗଡ଼କରୀ



ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପୂର୍ବତନ ହମାସ ମୁଖ୍ୟ ଇସମାଇଲ ହାନିଆଙ୍କୁ ଭେଟିଥିଲେ । ଏକ ପୁସ୍ତକ ଉନ୍ମୋଚନ ଅବସରରେ ଗଡ଼କରୀ କହିଛନ୍ତି ଯେ ୨୦୨୪ରେ ଯେତେବେଳେ ସେ ଇରାନ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବାକୁ ଯାଇଥିଲେ ସେତେବେଳେ ସେ ହାନିଆଙ୍କୁ ଭେଟିଥିଲେ । କିନ୍ତୁ କିଛି ଘଣ୍ଟା ପରେ ଇସ୍ରାଏଲ ତାଙ୍କୁ ହତ୍ୟା କରିଛି ବୋଲି ସୂଚନା ମିଳିଥିଲା । ହାନିଆ ଇରାନ ରାଷ୍ଟ୍ରପତି ମସୁଦ ପେଜସକିଆନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ତେହେରାନ ଯାଇଥିଲେ । ସେଠାରେ ମିସାଇଲ ଆକ୍ରମଣରେ ତାଙ୍କୁ ହତ୍ୟା କରାଯାଇଥିଲା । ସେ ହମାସର ସବୁଠାର ବଡ଼ ନେତା ଥିଲେ ବୋଲି ଗଡ଼କରୀ କହିଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ବିଶ୍ୱର ପ୍ରାୟ ସବୁ ଦେଶର ନେତା ଯୋଗ ଦେଇଥିଲେ । ସବୁ ଅତିଥିଙ୍କୁ ଏକ ପଞ୍ଚ ତାରକା ହୋଟେଲରେ ରଖାଯାଇଥିଲା । ତାଙ୍କ ହତ୍ୟା ପାଇଁ ଇସ୍ରାଏଲକୁ ଦାୟୀର କରିଥିଲା ଇରାନ ।

# ଆମେରିକା ମିଛ ତଥ୍ୟ ଦେଉଛି: ଚୀନ



ବେଜିଂ, ୨୫।୧୨ (ଏଜେନ୍ସି): ଏବେ ଆମେରିକା ଚୀନ୍ ପଛରେ ପଡ଼ିଛି । ନିକଟରେ ପେଣ୍ଟାଗନ ପକ୍ଷରୁ ଜାରି ରିପୋର୍ଟରେ ଚୀନ୍ ବିରୋଧରେ ଭୟଙ୍କର ଅଭିଯୋଗ ଲଗାଯାଇଛି । ଏହି ରିପୋର୍ଟରେ ଭାରତକୁ କେନ୍ଦ୍ରରେ ରଖି ଅନେକ ଦାବି କରାଯାଇଥିଲା । ଭାରତ ସହ ସମ୍ପର୍କରେ ଚୀନ୍ ଦୋମୁହାଁ ନୀତି ଅବଲମ୍ବନ କରୁଥିବା କୁହାଯାଇଥିଲା । ପାକିସ୍ତାନ ସହ ମିଶି ଚୀନ୍ ଭାରତକୁ ଘେରିବା ପାଇଁ ଷଡ଼ଯନ୍ତ୍ର, ଅରୁଣାଚଳ ପ୍ରଦେଶ ହଡ଼ପ ପାଇଁ ଚାଲ୍, ଭାରତ-ଆମେରିକା ସମ୍ବନ୍ଧ ଖରାପ କରୁଥିବା ଅଭିଯୋଗ ଲଗା ଯାଇଥିଲା । ଏବେ ଏହାକୁ ନେଇ ଚୀନ୍ ଆମେରିକାକୁ ଦୃଢ଼ ଜବାବ ଦେଇଛି । ଚୀନ୍ ସ୍ପଷ୍ଟ କରିଛି ଯେ ଭାରତ ସହିତ ଦେଶର ସମ୍ପର୍କ ସୁଧୁରୁଛି । ଭବିଷ୍ୟତକୁ ଦୃଷ୍ଟିରେ ରଖି ଭରସମା ମଜବୁତ ଏବଂ ମତଭେଦକୁ ଦୂର କରିବା ପାଇଁ ସମ୍ବାଦ ଆଗକୁ ବଢ଼ାଇବାକୁ ଚାହୁଁଛି । ଏଥିରେ କୌଣସି ପ୍ରକାରର ଷଡ଼ଯନ୍ତ୍ର କରାଯାଇ ନାହିଁ । ଏବେ ଏଲଏସିର ସ୍ଥିତି ସ୍ଥିର ରହିଛି । ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ ।ମାତ୍ର ଭାରତ-ଚୀନ୍ ସମ୍ପର୍କକୁ ଖରାପ କରିବାକୁ ଆମରିକା ପ୍ରୟାସ କରୁଛି । ଚୀନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଭାରତ-ଚୀନ୍ ସୀମାରେ ସ୍ଥିତି ସ୍ଥିର ରହିଛି । ଦୁଇ ଦେଶ ମଧ୍ୟରେ ଯୋଗାଯୋଗର ପଥଗୁଡ଼ିକ ସଠିକ୍ ଭାବରେ କାର୍ଯ୍ୟ କରୁଛି । ଏହି ପ୍ରସଙ୍ଗରେ ଯେକୌଣସି ତୃତୀୟ ଦେଶର ଅନାବଶ୍ୟକ ମନ୍ତବ୍ୟକୁ ଚୀନ୍ ବିରୋଧ କରୁଛି । ଆମେରିକା ଜାଣିଶୁଣି ଚୀନ୍‌ର ପ୍ରତିରକ୍ଷା ନୀତିକୁ ଭୁଲ ଭାବେ ଚିତ୍ରଣ କରୁଛି । ଅନ୍ୟ ଦେଶ ସହ ଚୀନ୍‌ର ସମ୍ପର୍କକୁ ଖରାପ କରିବାକୁ ପ୍ରୟାସ କରାଯାଉଛି । ଅନ୍ୟ ଦେଶ ଉପରେ ନିଜ ସେନା ପ୍ରଭାବ ବଜାୟ ରଖିବା ପାଇଁ ଆମେରିକା ଏପରି କରୁଛି ବୋଲି ଚୀନ୍ ଅଭିଯୋଗ କରିଛି । ଏଭଳି ରିପୋର୍ଟ ଜାରି କରି ଭାରତ-ଚୀନ୍ ମଧ୍ୟରେ ଆମେରିକା ମୁହାଁମୁହିଁ ସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି ।

## ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ-ଗୋଆ ଫରୱାର୍ଡ ମେଣ୍ଟ ବିଜୟୀ

ପଣଜୀ, ୨୫ ।୧୨(ଏଜେନ୍ସି): ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ ଓ ଗୋଆ ଫରୱାର୍ଡ ମେଣ୍ଟ ବିଜୟ ହାସଲ କରିଛି । ଦୀର୍ଘ ୧୫ ବର୍ଷ ପରେ ଏହି ମେଣ୍ଟ ବାଜି ମାରିବାକୁ ସକ୍ଷମ ହୋଇଛି । ଗୋଆ ଫରୱାର୍ଡ ଦଳର ଅଧ୍ୟକ୍ଷ ବିଜୟ ସରଦେଶାଇ କହିଛନ୍ତି ଯେ, ଏହି ବିଜୟ ଏକତାର ଶକ୍ତି, ନିରନ୍ତର କଠିନ ପରିଶ୍ରମ ଓ ଛାତ୍ରମାନଙ୍କ ଦ୍ୱାରା ପ୍ରଗତିଶୀଳ ଦୃଷ୍ଟିକୋଣର ବିଶ୍ୱାସକୁ ପ୍ରତିଫଳିତ କରୁଛି । ଏହି ବିଜୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସହଯୋଗ ରାଜନୀତିକୁ ଦର୍ଶାଉଛି । ଏହି ବିଜୟ ମେଣ୍ଟକୁ ଆହୁରି ଶକ୍ତିଶାଳୀ କରିବା ସହ ମନୋବଳକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି । ଡିସେମ୍ବର ୨୩ରେ ଏହି ନିର୍ବାଚନ ହୋଇଥିଲା । କାର୍ଯ୍ୟକାରୀ କମିଟିର ୯ଟି ଆସନରୁ ୮ଟିରେ ମେଣ୍ଟ ବାଜି ମାରିଛି । ସାଇ ବାଲାଚନ୍ଦ୍ର ଦେଶାଇଙ୍କୁ ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି ।

# ହାତ ମିଳାଇବେ ଦୁଇ ପାୱାର

ମୁମ୍ବଇ, ୨୫।୧୨ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । ୨୦ ବର୍ଷ ପରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଏବଂ ତାଙ୍କ ଭାଇ ଏମଏନଏସ ମୁଖ୍ୟ ରାଜ ଠାକରେ ଏକାଠି ହୋଇ ମୁମ୍ବଇ ମହାନଗର ନିଗମ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ଏହାର ଦିନକ ପରେ ଏନ୍‌ସିପି ଗୋଷ୍ଠୀରୁ ମଧ୍ୟ ଏଭଳି ଭେଟଘାଟର ଖବର ଆସିଛି । ପୁଣି ଦାଦା-ପୁତାର ଏକାଠି ହେବାର ସମ୍ଭାବନା ରହିଛି । ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଏବଂ ତାଙ୍କ ଦାଦା ତଥା ଏନସିପି ମୁଖ୍ୟ ଶରଦ ପାୱାର ପୁରୁଣା କଥାକୁ ଭୁଲି ଏକାଠି ହେବାର ସଙ୍କେତ ଦେଇଛନ୍ତି । ଜାନୁଆରୀ ୧୫ରେ ହେବାକୁ ଥିବା ପୁନେ ପୌର ପାଳିକା ନିର୍ବାଚନରେ ଦୁଇ ଗୋଷ୍ଠୀ ଏକାଠି ଲଢ଼ିପାରନ୍ତି । ଏଥିପାଇଁ ଉଭୟ ଗୋଷ୍ଠୀର ନେତାଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଏ କେତେ ଆସନରେ ଲଢ଼ିବ ତାହାକୁ ନେଇ ଚର୍ଚ୍ଚା ହେଉଛି । ଏପରି ହେଲେ ରାଜ୍ୟରେ ନୂଆ ସମୀକରଣ ସୃଷ୍ଟି ହେବ । ଏବେ ବିଜେପି ଉପରେ ସମସ୍ତଙ୍କ ନଜର ରହିଛି । କାରଣ କ୍ଷମତାସୀନ ମହାଯୁତି ମେଣ୍ଟରେ ସାମିଲ ହେବା ପାଇଁ ଦିନେ ଅଜିତ ଦାଦାଙ୍କ ସହ ବିଦ୍ରୋହ କରିଥିଲେ । ଅନେକ ବିଧାୟକଙ୍କୁ ଧରି ସରକାରରେ ସାମିଲ ହୋଇଥିଲେ ।

ପୁନେ ପୌର ନିର୍ବାଚନରେ ଏକନାଥ ସିନ୍ଦେଙ୍କ ଶିବେସନା ୪୦ରୁ ୪୫ ଆସନ ଚାହୁଁଛି । ମାତ୍ର ଅଜିତ ଗୋଷ୍ଠୀ ଏତେ ଦେବାକୁ ଚାହୁଁନାହିଁ । ଏପଟେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇ ନ ଥିବାବେଳେ ସେପଟେ ଅଜିତ ଗୋଷ୍ଠୀ ଦାଦାଙ୍କ ଦଳ ସହ ଆଲୋଚନା ଆରମ୍ଭ କରିଛି । ତେବେ ଶରଦଙ୍କ ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଭଉଣୀ ସୁପ୍ରିୟା ସୁଲେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ବୁଧବାର ରାତିରେ ଏଥିପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ।

## ନାନ୍ଦେଡରେ କୃଷକଙ୍କ ପରିବାରର ସାମୂହିକ ଆତ୍ମହତ୍ୟା !

ନାନ୍ଦେଡ, ୨୫ ।୧୨(ଏଜେନ୍ସି): ମହାରାଷ୍ଟ୍ରର ନାନ୍ଦେଡ ଜିଲ୍ଲାରେ ଗୁରୁବାର ସକାଳେ ଜଣେ କୃଷକ, ତାଙ୍କ ପତ୍ନୀ ଓ ଦୁଇ ପୁଅଙ୍କ ମୃତଦେହ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି । ପୁଲିସ ଏହାକୁ ସାମୂହିକ ଆତ୍ମହତ୍ୟା ବୋଲି ଆଶଙ୍କା କରୁଛି । ୫୧ ବର୍ଷୀୟ କୃଷକ ରମେଶ ସୋନାଜି ଲାଖେ ଓ ପତ୍ନୀ ୪୫ ବର୍ଷୀୟା ରାଧାବାଇ ଲାଖେଙ୍କ ମୃତଦେହ ମୁଦଖେଡ ତହସିଲ୍‌ର ଜୱାଲ ମୁନାର ଗାଁରେ ତାଙ୍କ ଘରୁ ଉଦ୍ଧାର କରାଯାଇଥିଲା । ସେହିପରି ୨୫ ବର୍ଷୀୟ ପୁଅ ରମେଶ ଓ ୨୩ ବର୍ଷୀୟ ବରରଙ୍ଗଙ୍କ ମୃତଦେହ ନିକଟସ୍ଥ ରେଳ ଲାଇନ୍‌ରୁ ଉଦ୍ଧାର କରାଯାଇଥିଲା । ଦୁଇଜଣ ଦ୍ରୁତଗତିରେ ଆସୁଥିବା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବାର ସନ୍ଦେହ କରାଯାଉଛି । ଫରେନସିକ ଲାବୋରାଟୋରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି । ସମ୍ପୂର୍ଣ୍ଣ ବୈଷୟିକ ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି ।

# 'ଦୁଷ୍କର୍ମ' ନାମରେ ୧୦ କୋଟି ବଟି ଆଦାୟ; ଦୁଇ ମହିଳା ଗିରଫ



ମୁମ୍ବଇ, ୨୫।୧୨ (ଏଜେନ୍ସି): ମିଥ୍ୟା ଅଭିଯୋଗ ଲଗାଇ ଆଇନର ଅପବ୍ୟବହାର କରିବା ମାମଲା ସାରା ଦେଶରେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ବଟି ଆଦାୟ ପାଇଁ ଆଇନର ଅପବ୍ୟବହାର କେମିତି କରାଯାଏ ତାହାର ଜ୍ୱଳନ୍ତ ଉଦାହରଣ ମୁମ୍ବଇରୁ ସାମ୍ନାକୁ ଆସିଛି । ଦୁଇ ଜଣ ମହିଳା ମିଥ୍ୟା ଦୁଷ୍କର୍ମ ଅଭିଯୋଗ ଲଗାଇ ୧୦ କୋଟି ଟଙ୍କା ବଟି ମାଗିବା ମାମଲାରେ ମୁମ୍ବଇ ପୁଲିସ ୨ ମହିଳାଙ୍କୁ ଗିରଫ କରିଛି । ହେମଲତା ଆଦିତ୍ୟ ପଟକର ଓରଫ ହେମଲତା ବାନେ (୩୯) ଏବଂ ଅମରିନା ଇକବାଲ ଜାଭେରି ଓରଫ ଅମିରନା ମାଥ୍ୟୁ ଫର୍ଣ୍ଣାଣ୍ଡିଜଙ୍କୁ ଟଙ୍କା ନେଉଥିବା ସମୟରେ ଆଣ୍ଟି-ଏକ୍ସଟୋର୍ସନ ସେଲ ଧରିଛି । ଉଭୟେ ଜଣେ ବ୍ୟବସାୟୀଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ ।

ସୂଚନା ଅନୁଯାୟୀ, ଗୋରେଗାଁଓ ୱେଷ୍ଟରେ ରହୁଥିବା 'ଗୋୟଲ ଆଣ୍ଡ ସନ୍‌ସ ଇନଫ୍ରା ଏଲଏଲପି'ର ମାଲିକ ଅରବିନ୍ଦ ଗୋୟଲଙ୍କ ପୁଅ ରିତମଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ । ନଭେମ୍ବର ୫ରେ ଯଶଭି ଶାହଙ୍କ ସହିତ ରିତମଙ୍କ ନିର୍ବନ୍ଧ ହୋଇଥିଲା । ନଭେମ୍ବର ୧୪ ରାତିରେ ଆମ୍ବୋଲି ଅଞ୍ଚଳର ଏକ ହୋଟେଲରେ ବିବାହ ଉତ୍ସବ ପାଳନ ପାଇଁ ଏକ ପାର୍ଟିର ଆୟୋଜନ କରାଯାଇଥିଲା । ଏଠାରୁ ଲିଫ୍ଟରେ ବାହାରୁଥିବା ସମୟରେ ଜଣେ ଅଜଣା ମହିଳା ପ୍ରବେଶ କରି ରିତମ୍ ତାଙ୍କ ଉପରେ ଲେଜର ଲାଇଟ୍ ପକାଇ ଥିବା ଅଭିଯୋଗ କରିଥିଲେ । ଏହାକୁ ନେଇ ବିବାଦ ହୋଇଥିଲା । ମହିଳା ଚିତ୍କାର କରିଥିଲେ । ଏହା ଶୁଣି ଲୋକ ରୁଣ୍ଡ ହୋଇ ଯାଇଥିଲେ । ପରେ ସେ ଯାଇ ଆମ୍ବୋଲି ଥାନାରେ ଦୁଷ୍କର୍ମ ମାମଲା ରୁଜୁ କରିଥିଲେ ।

ତେବେ କିଛି ଦିନ ପରେ କୋର୍ଟ ବାହାରେ ମାମଲାର ଫଇସଲା ପାଇଁ ଦୁଇ ମହିଳା ବ୍ୟବସାୟୀଙ୍କ ଉପରେ ଚାପ ପକାଇ ଥିଲେ । ଏଥିପାଇଁ ଉଭୟେ ୧୦ କୋଟି ଟଙ୍କା ମାଗିଥିଲେ । ଡିସେମ୍ବର ୨୦ରେ ଅରବିନ୍ଦଙ୍କୁ ଏକ ହୋଟେଲକୁ ଡାକି ଟଙ୍କା ଦେବା ପାଇଁ ହେମଲତା ଧମକାଇଥିଲେ । ଏପରି ନ କଲେ ପୁଅ ଜୀବନ ଯାକ ଜେଲ୍‌ରେ ରହିବ ବୋଲି କହିଥିଲେ । ମୂଳଚାଲ ପରେ ୫.୫ କୋଟି ଦେବାକୁ ଛିଡ଼ି ଥିଲା । ମାତ୍ର ଏ ନେଇ ବ୍ୟବସାୟୀ ଥାନାରେ ଅଭିଯୋଗ କରିଥିଲେ । ବ୍ୟବସାୟୀଙ୍କଠୁ ଟଙ୍କା ନେଉଥିବା ବେଳେ ପୁଲିସ ଦୁଇ ମହିଳାଙ୍କୁ ଧରିଥିଲା । ଏହି ମାମଲାରେ ଉତ୍କର୍ଷ ନାମକ ଅଭିଯୁକ୍ତ ମଧ୍ୟ ସାମିଲ ରହିଛି ।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା

# ଶବ ଧରି ଫେରାର୍ ବେଳେ ଧରିଲେ ଗାଁ ଲୋକ

ଦେଓଗାଁ, ୨୫।୧୨(ସମିସ): ସ୍ତ୍ରୀକୁ ହତ୍ୟା କରିବା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ଜଣେ ଯୁବକଙ୍କୁ ଗାଁଲୋକ ଧରି ପୁଲିସ ଜିମା ଦେବା ଭଳି ଘଟଣା ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଦେଓଗାଁ ଥାନା ତଥା ଗାଇବାହାଲ ପଞ୍ଚାୟତ ଜୁର୍ଲାକାନୀ ଗାଁରେ ଏହି ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୁର୍ଲାକାନୀ ଗାଁର ତପ ମଲ୍ଲିକ(୩୧)। ତପଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ପୁଲିସ୍। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ମହାଦେବ ମଲ୍ଲିକଙ୍କୁ ଗିରଫ କରିଛି। ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛି। ହସ୍ପିଟାଲରୁ ଫେରିବା ପରେ ତାକୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଳୟ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତିରେ ମହାଦେବ ଓ ପତ୍ନୀ ତପଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗଯାଇ ମହାଦେବ ଏକ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିଲା। ହତ୍ୟା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ଗାଁଲୋକ ତାକୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଦେଓଗାଁ ପୁଲିସ ଘଟଣାସ୍ଥଳରୁ ତାକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସୁସ୍ଥ ହେବା ପରେ ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ଗୁରୁବାର ସକାଳେ ବଲାଙ୍ଗିରରୁ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୁକ୍ତ ମହାଦେବଙ୍କ ବଡ଼ଭାଇ ଉଦ୍ଧବଙ୍କ କହିବାନୁସାରେ, ମହାଦେବ ଘରଜ୍ୱାଇଁ ଭାବେ ମଦନପୁର ରାମପୁର ଥାନା କୁନ୍ଦେଇପାଲି ଗାଁରେ ସ୍ତ୍ରୀ ଓ ଏକ ଶିଶୁପୁତ୍ର ସହ ରହୁଥିଲା। ସେ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀକୁ ଆସି ରହେ। କିଛି ଦିନ ହେଲା ସେ ଏଠାକୁ ଆସି ରହୁଥିବା ବେଳେ ତାକୁ ଚିକିତ୍ସା କରାଇବା ପାଇଁ ମହାଦେବର ସ୍ତ୍ରୀ ଓ ଶଶୁର ମଧ୍ୟ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀକୁ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଶବ ଧରି ଫେରାର ମାରିବା ସମୟରେ ଗାଁ ଲୋକ କାବୁ କରିଥିଲେ।

■ ଏସ୍‌ଆଇ ଚାକିରି ଦେବା ଆଳରେ ୧.୫ କୋଟି ଠକେଇ

# ପୁଣେରୁ କାଳନ୍ଦୀ ରାଉତଙ୍କୁ ବାନ୍ଧିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୨୫।୧୨(ସମିସ): ପୁଲିସ ସବ୍‌ଇନ୍ସପେକ୍ଟର ଚାକିରି କରାଇ ଦେବା ଆଳରେ ଠକେଇ ଅଭିଯୋଗରେ କାଳନ୍ଦୀ ରାଉତଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପୁଲିସ ପୁଣେରୁ ଗିରଫ କରିଛି। ତାଙ୍କ ନିକଟରୁ ଲାପ୍‌ଟପ୍, ବେଆଇନ ସିମ୍‌କାର୍ଡରେ ବ୍ୟବହୃତ ମୋବାଇଲ ଫୋନ୍ ଓ ୭ରୁ ଅଧିକ ବେନାମୀ ଏଟିଏମ୍ କାର୍ଡ ମିଳିଛି। ସେ ୨୦୨୧ ମସିହାରୁ ଇଓଡବ୍ଲୁ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିଲେ। ସବ୍‌ଇନ୍ସପେକ୍ଟର ଚାକିରି କରାଇ ଦେବା ନାଁରେ ୨୦୨୦ ମସିହାରେ ସେ ୩୮ ଜଣଙ୍କଠାରୁ ପ୍ରାୟ ୧ କୋଟି ୪୭ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଶ୍ରୀ ରାଉତ ନିଜକୁ ଗୃହ ବିଭାଗର ସର୍ବେସର୍ବା କହି ବିଶ୍ୱାସ ଜନ୍ମାଇବା ପରେ ଖାଲିଥିବା ତାଲିକାରେ ନାଁ ଯୋଡ଼ି ଦେବାକୁ କହି ଜଣକ ପିଛା ୫ ଲକ୍ଷ ଟଙ୍କା ନେଇଥିଲେ। ଏହି ମାମଲାରେ ୨୦୨୨ ମସିହାରେ ଅଭିଯୁକ୍ତ ବୈକୁଣ୍ଠ ନାୟକଙ୍କୁ ନବରଙ୍ଗପୁରରୁ, ଭୀମସେନ ମହାରଣାଙ୍କୁ ଭୁବନେଶ୍ୱରରୁ ଏବଂ ଜୟନ୍ତ ମହାନ୍ତିଙ୍କୁ ବାଲେଶ୍ୱରରୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଅନ୍ୟପଟେ ଚଳିତବର୍ଷ ହୋଇଥିବା ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ମାଷ୍ଟରମାଇଣ୍ଡ ଅମିତ ଭାରତୀଙ୍କୁ ବିହାରରୁ ଗିରଫ କରିବା ପରେ ଜେରା ଆରମ୍ଭ କରିଛି।

## ରାଜ୍ୟରେ ଥମୁନି ମହିଳା ହିଂସା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ

ଭୁବନେଶ୍ୱର,୨୫ ।୧୨(ସମିସ): ନାବାଳିକା ଓ ମହିଳା ହିଂସା ପ୍ରସଙ୍ଗରେ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ବିଜେପି ସରକାର। ରାଜ୍ୟରେ ସରକାର ପରିବର୍ତ୍ତନ ପରଠାରୁ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ମାମଲା ସାରା ରାଜ୍ୟକୁ ଦୋହଲାଇ ଦେଉଛି। ଗତ କେଇଦିନର ବ୍ୟବଧାନରେ ଧଉଳି ଗଣଦୁଷ୍କର୍ମ ଓ ଚାନ୍ଦବାଲିରେ ଜଣେ ୧୦ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନ୍‌ଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାସହିତ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଏହି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିବା ବେଳେ ଆସନ୍ତା ୨୭ ତାରିଖରେ ଚାନ୍ଦବାଲି ଗସ୍ତ କରିବେ ବୋଲି କହିଛନ୍ତି। ଏହା ବ୍ୟତୀତ ଗୁରୁବାର ବିଜେଡି ଓ କଂଗ୍ରେସ ଏହି ଘଟଣାରେ ଚାନ୍ଦବାଲି ବନ୍ଦ ପାଳନ କରିଛନ୍ତି, ସବୁ ଦିଗରୁ ଚାପ ସୃଷ୍ଟି ହେଉଥିବାରୁ ଆଇନଶୃଙ୍ଖଳାକୁ ନେଇ ସରକାର ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଜାତୀୟସ୍ତରରେ ପହଞ୍ଚିଥିଲା। ଏହପରେ ଗୋଟିଏ ପରେ ଗୋଟିଏ ଘଟଣା ସରକାରଙ୍କୁ ହରଡ଼ଘଣାରେ ପକାଇଛି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାର କ୍ଷମତାସୀନ ହେବା ପରେ ଓଡ଼ିଶାରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ପୁରାପୁରି ଭୁଶୁଡ଼ି ପଡ଼ିଛି। ରାଜ୍ୟ ଆଜି ଅରାଜକତା, ଭୟ ଏବଂ ଅସୁରକ୍ଷାର ଗଭୀର ଅନ୍ଧକାରରେ ବୁଡି ରହିଛି। ଦିନକୁ ଦିନ ଦୁଷ୍କର୍ମ, ଗଣଦୁଷ୍କର୍ମ, ମହିଳା ଓ ଶିଶୁମାନଙ୍କ ଉପରେ ହିଂସା,ଅତ୍ୟାଚାର, ହତ୍ୟା ଏବଂ ଆଦିବାସୀ, ଦଳିତ, ଶ୍ରମିକ ଏବଂ ଗରିବ ଲୋକଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି। ଏହି ସବୁ ଘଟଣା ପରେ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀମାନଙ୍କୁ ରୋକିବାରେ ପୁରାପୁରି ବିଫଳ ହୋଇଯାଇଥିବା ପରିଲକ୍ଷିତ ହୋଇଛି।

ଚାନ୍ଦବାଲି ଘଟଣା ପୂର୍ବରୁ ଭୁବନେଶ୍ୱର ନିକଟରେ ଧଉଳି ଠାରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାରେ ସରକାରଙ୍କ ବିଫଳତାକୁ ପ୍ରଶ୍ନ ଉଠିବା ସହ ରାଜଧାନୀର ନାକତଳେ କିପରି ଏଭଳି ଘଟଣା ଘଟାଇବାକୁ ଅପରାଧୀ ସାହସ ପାଇଲେ ତାକୁ ନେଇ ପ୍ରଶ୍ନ ଉଠିଥିଲା। ପୂର୍ବରୁ ଗୋପାଳପୁର ବେଳାଭୂମି ଠାରେ ଏହିଭଳି ବର୍ବର ଘଟଣା ମଧ୍ୟ ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ପୁରୀ ଜିଲ୍ଲା ବାଲିହରଚଣ୍ଡିରେ ଏକ ଗଣଦୁଷ୍କର୍ମ ମାମଲା ଲୋକଙ୍କ ଛାତି ଥରାଇ ଦେଇଛି। ଏହି ତିନୋଟି ଘଟଣା କେବଳ ଉଦାହରଣ ମାତ୍ର। ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା ବଳଙ୍ଗାରେ ଜଣେ ଯୁବତୀଙ୍କୁ ନିଆଁରେ ପୋଡ଼ି ହତ୍ୟା ଘଟଣା ଓଡ଼ିଶାର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି। ଅପରାଧର ଗମ୍ଭୀରତା ଅନୁଯାୟୀ ଅପରାଧୀମାନଙ୍କୁ ଶୀଘ୍ର ଗିରଫ କରାଯାଉନି, ଦୃଢ଼ ତଦନ୍ତ ହେଉନି ଏବଂ କଠୋର ଶାସ୍ତି ମିଳୁନି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ପ୍ରତି ମାମଲାରେ ଅପରାଧୀ ଗିରଫ ହେଉଛନ୍ତି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ଏଭଳି ଘଟଣା ବଢ଼ୁଥିବାରୁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହେବା ସହ ନିଜର ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଆମେରିକା ଜାରି କରିଥିବା ମାର୍ଗଦର୍ଶିକାରେ ଓଡ଼ିଶା ନାଁ ରହିବା, ଓଡ଼ିଶାର ଗରିମାକୁ ମାଟିରେ ମିଶାଇ ଦେଇଛି। ଚାନ୍ଦବାଲି ଘଟଣାକୁ ନେଇ ଏବେ ସବୁ ବିରୋଧୀ ଦଳ ସରକାରଙ୍କୁ ଘେରୁଥିବା ବେଳେ ସରକାର କେଉଁ ଉପାୟରେ ଏହି ଆକ୍ରମଣକୁ ପ୍ରତିହତ କରୁଛନ୍ତି, ତା ଉପରେ ଲକ୍ଷ୍ୟ ରହିଛି।

## ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

# ୨୭ରେ ପିସିସି ପ୍ରତିନିଧିଙ୍କ ଚାନ୍ଦବାଲି ଗସ୍ତ

ଭୁବନେଶ୍ୱର,୨୫ ।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ପିସିସିର ଏକ ପ୍ରତିନିଧି ଦଳ ଚାନ୍ଦବାଲି ଗସ୍ତ କରିବ ବୋଲି ସ୍ଥିର ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପିସିସି ପ୍ରତିନିଧି ଦଳ ଚାନ୍ଦବାଲି ଯିବ ବୋଲି ଗୁରୁବାର ଦଳ ପକ୍ଷରୁ କୁହାଯାଇଛି। ଦଳ କହିଛି ଯେ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନାର ଏହା ଆଉ ଏକ ଉଦାହରଣ। ଉକ୍ତ ଦିବଙ୍ଗତ ନାବାଳିକାଙ୍କ ପରିବାରକୁ ସମବେଦନା ଜଣାଇବା ସହ ନାରୀ ନିର୍ଯାତନା ବିରୋଧରେ ଜନସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୨୭ ତାରିଖ ପୂର୍ବାହ୍ନ ୯ଟାରେ କଂଗ୍ରେସ ଭବନରୁ ବାହାରି କଟକ, ସାଲେପୁର, କେନ୍ଦ୍ରାପଡ଼ା, ପଟାମୁଣ୍ଡାଇ, ଆଳି ଓ ରାଜକନିକା ହୋଇ ମଧ୍ୟାହ୍ନରେ ଚାନ୍ଦବାଲିରେ ପହଞ୍ଚିବ।

ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ବିଧାୟକ ଅଶୋକ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଅସିତ ପଟ୍ଟନାୟକ, ଅମୀୟ ମହାପାତ୍ର, କଟକ, କେନ୍ଦ୍ରାପଡ଼ା ଓ ଭଦ୍ରକର ଡିସିସି ସଭାପତିବୃନ୍ଦ ରହିବେ। ଅପରାହ୍ଣ ୩ଟାରେ ଉକ୍ତ ପ୍ରତିନିଧିଦଳ ଭଦ୍ରକ ଆସି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ବାଜପେୟୀ ଥିଲେ ନୀତି ଓ ଆଦର୍ଶର ବ୍ରାଣ୍ଡ ଆମ୍ବାସାଡର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୨(ସମିସ): ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଏବଂ ଭାରତୀୟତାର ଦାର୍ଶନିକ। ରାଜନୀତିକୁ କେବେ ହେଲେ ସେ ଏକ ପେସା ଭାବେ ଗ୍ରହଣ କରିନଥିଲେ। ଜନସେବା ଏବଂ ରାଷ୍ଟ୍ରସେବାକୁ ନିଜର ଧର୍ମ ଭାବେ ଗ୍ରହଣ କରି ସାମାଜିକ ଜୀବନରେ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ବାଜପେୟୀଜୀଙ୍କ ସୁଶାସନର ମନ୍ତ୍ର ଏବଂ ମୋଦୀଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟ କରି ଆମ ୧୮ ମାସର ସରକାର ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ସ୍ୱର୍ଗତଃ ବାଜପେୟୀ ରାଜନୈତିକ ନୀତି ଓ ଆଦର୍ଶର ସେ ଥିଲେ ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସଡର ଥିଲେ ବୋଲି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ

ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍ ଲୋକାର୍ପିତ



ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକସ୍ତର ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ଉନ୍ନତମାନର ଚିକିତ୍ସାସେବା ଓ ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍'ର ଲୋକାର୍ପଣ କରିଛନ୍ତି।

ଭୁବନେଶ୍ୱର ଓୟୁଏଟି କୃଷିଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଟଳଜୀଙ୍କ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଏମ୍ସ ଖୋଲାଯାଇଥିଲା। ରାଜ୍ୟରେ ପ୍ରତିଷ୍ଠା ପାଇଥିବା ଇଷ୍ଟକୋଷ୍ଟ ରେଳୱେ, ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ-ହରିଦାସପୁର ରେଳପଥ ପରି ମେଗା ପ୍ରକଳ୍ପ ମାନଙ୍କରେ ଅଟଳଜୀଙ୍କ ସ୍ୱାକ୍ଷର ରହିଛି। ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିକାଶ ସହିତ ଦେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ଦେଶକୁ ନୂଆ ଭାରତର ଏକ ସଂଜ୍ଞା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହା ଜରିଆରେ ୧୫୦ରୁ ଉର୍ଦ୍ଧ୍ୱ ଜରୁରୀ ସରକାରୀସେବା ଉପଲବ୍ଧ ହେବ ଏବଂ ଓସ୍ୱାସ୍ ସଂପ୍ରସାରଣ ମାଧ୍ୟମରେ ଏଣିକି ଜିଲ୍ଲା ଓ ବ୍ଲକସ୍ତରରେ ମଧ୍ୟ ସରକାରୀ କାର୍ଯ୍ୟଗୁଡ଼ିକ ପେପରଲେସ୍ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

## ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ପ୍ରକଳ୍ପ ଟେଣ୍ଡର୍

# ହାଇକୋର୍ଟଙ୍କ ଅନ୍ତରୀଣ ସ୍ଥଗିତାଦେଶ

କଟକ,୨୫ ।୧୨(ସମିସ): କନ୍ଧମାଳ ଜିଲ୍ଲାରେ ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ଅଧୀନସ୍ଥ ବିଭିନ୍ନ ସ୍ଥାନର ବିକାଶ ସମ୍ପର୍କିତ ସାନି ଟେଣ୍ଡର ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ (କୋଠା-୨)ଙ୍କ ପକ୍ଷରୁ ଗତ ନଭେମ୍ବର ୧୮ରେ ଜାରି ଟେଣ୍ଡର ବିଡ୍ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ସ୍ଥଗିତାଦେଶ ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ଡି.କେ.ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଉପରୋକ୍ତ ପ୍ରକଳ୍ପ ପାଇଁ ପ୍ରଥମଥର ହୋଇଥିବା ଟେଣ୍ଡର୍‌ରେ ଆବେଦନକାରୀ ସଂସ୍ଥା ସର୍ବନିମ୍ନ ବିଡ୍ ଦାଖଲ କରି କାର୍ଯ୍ୟ ସମ୍ପାଦନ ପାଇଁ ମନୋନୀତ ହୋଇଥିଲା। କିନ୍ତୁ ଆବେଦନକାରୀଙ୍କୁ କୌଣସି ପକ୍ଷ ରଖିବାକୁ ସୁଯୋଗ ଦିଆନଯାଇ ବିଭାଗ ଦ୍ୱାରା ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟଦକ୍ଷତା "ଅତ୍ୟନ୍ତ ଖରାପ ଓ ସନ୍ତୋଷଜନକ" ନୁହେଁ ବୋଲି ଦର୍ଶାଇ ଟେଣ୍ଡରକୁ ୨୦୨୫ ଅକ୍ଟୋବର ୨୩ରେ ବାତିଲ କରି ଦିଆଯାଇଥିଲା। ଏଥିସହ ନଭେମ୍ବର ୧୮ରେ ସାନି ଟେଣ୍ଡର୍ କରାଯାଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥାକୁ ପକ୍ଷ ରଖିବାକୁ ସୁଯୋଗ ନଦେଇ ଏପରି ମନ୍ତବ୍ୟ ଭବିଷ୍ୟତର ଟେଣ୍ଡରରେ ଅଂଶଗ୍ରହଣକୁ ପ୍ରଭାବିତ କରିବ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମଣ୍ଡିରୁ ଉଠୁନି ଧାନ

# ପ୍ରତି ମଣ୍ଡିର ସମୀକ୍ଷା କରିବ କଂଗ୍ରେସ

ଭୁବନେଶ୍ୱର, ୨୫ ।୧୨(ସମିସ): ସରକାରଙ୍କ ପୂର୍ବ ନିଷ୍ପତ୍ତି ମୁତାବକ ନଭେମ୍ବର ୧ରୁ ମଣ୍ଡି ଖୋଲିବା କଥା। କିନ୍ତୁ ଏଥିରେ ପରିବର୍ତ୍ତନ କରି ସରକାର ବିଳମ୍ବରେ, ନଭେମ୍ବର ୨୦ରୁ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଲେ; କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏବେ ସୁଦ୍ଧା ୧୧ଟି ଜିଲ୍ଲାରେ ସମ୍ପୂର୍ଣ୍ଣ ଭାବେ ମଣ୍ଡି ଖୋଲାଯାଇନାହିଁ କିମ୍ବା ମଣ୍ଡିରୁ ଧାନ ଉଠୁନାହିଁ। ବର୍ତ୍ତମାନ ସରକାର ମିଲର୍‌ଙ୍କ ଚାପରେ ରହିଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଦେଉଛୁ ବୋଲି ବାହାଦୂରୀ ମାରୁଥିବା ସରକାର ବାସ୍ତବ କ୍ଷେତ୍ରରେ ଫେଲ୍ ମାରିଛନ୍ତି। ଫଳରେ ଆଜି ଚାଷୀ ରାଜରାସ୍ତାରେ ବସିଛି। ଶୀଘ୍ର ଚାଷୀଙ୍କ ସମସ୍ୟା ଦୂର କରି ସରକାର ସୁରୁଖୁରୁରେ ଧାନକିଣା ପାଇଁ ପଦକ୍ଷେପ ନ ନେଲେ, ବ୍ୟାପକ ଆନ୍ଦୋଳନ କରିବ କଂଗ୍ରେସ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ସେଲ୍ ପ୍ରତି ଜିଲ୍ଲାସ୍ତରରେ ମଣ୍ଡି ସମୀକ୍ଷା କରି ସରକାରଙ୍କ ତ୍ରୁଟିକୁ ଉଜାଗର କରିବା ସହ ଚାଷୀଙ୍କ ହକ୍ ପାଇଁ ରାସ୍ତାକୁ ଓହ୍ଲାଇବ। ଦଳ ପକ୍ଷରୁ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଚାଷୀ ଶୀତ କାକରରେ ଖୋଲା ଆକାଶ ତଳେ ଦିନ ଦିନ ଧରି ବସି ରହୁଥିବା ବେଳେ ସେମାନଙ୍କ ଧାନ ଉଠୁନାହିଁ। ବହୁ ଚାଷୀଙ୍କୁ ଟୋକନ୍ ମଧ୍ୟ ମିଳୁନାହିଁ। କଟନୀଛଟନୀ ଚରମସୀମାରେ ପହଞ୍ଚିଛି। ପଞ୍ଜିକୃତ ଅନୁଯାୟୀ ଟୋକନ୍ ପିଛା କେତେ ଧାନ କିଣାଯିବ, ତାହାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅନେକ ମଣ୍ଡିରେ ଏଫଏକ୍ୟୁ ଗ୍ରେନ୍ ଆନାଲାଇଜର୍ ମାଧ୍ୟମରେ ଧାନକିଣା ପରିମାଣକୁ ଜାଣିଶୁଣି କମାଇ ଦିଆଯାଉଛି। ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରାନଗଲେ, ଚାଷୀକୁଳ ବହୁ କ୍ଷତିର ସମ୍ମୁଖୀନ ହେବେ। ସରକାର ଧାନ କିଣା କ୍ଷେତ୍ରରେ ଯେତେ ସଫେଇ ଦେଲେ ମଧ୍ୟ ଧାନ କିଣାରେ ମହାଦୁର୍ନୀତି ହେଉଛି। ଯଦି ଚାଷୀକୁଳ ପାଇଁ ସରକାରଙ୍କର ତିଳେମାତ୍ର ସମବେଦନା ଅଛି, ତେବେ ନ୍ୟାୟୋଚିତ ଭାବେ ଚାଷୀଙ୍କ ସମସ୍ତ ବଳକା ଧାନକୁ କଟନୀଛଟନୀ ଆଳ ନ ଦେଖାଇ ନିର୍ଦ୍ଧାରିତ ଏମ୍‌ଏସ୍‌ପିରେ କ୍ରୟ କରନ୍ତୁ ବୋଲି ସେ କହିଛନ୍ତି।

ଏହାସହ ଅନ୍ୟ ବକେୟା ଜିଲ୍ଲାଗୁଡ଼ିକରେ ତୁରନ୍ତ ମଣ୍ଡି ଖୋଲି ଧାନ ବିକିବା ପାଇଁ ଚାତକ ପରି ବସି ରହିଥିବା ଚାଷୀଙ୍କଠାରୁ ସବୁ ବଳକା ଧାନକୁ କ୍ରୟ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

## ତାଳଚେର ଡବଲ ମର୍ଡର ଘଟଣା

# ୫ ସୁରକ୍ଷା କର୍ମଚାରୀ ଗିରଫ

ଅନୁଗୋଳ,୨୫ ।୧୨(ସମିସ): ତାଳଚେର ଡବଲ୍-ମର୍ଡର୍ ଘଟଣାରେ ତାଳଚେର ପୁଲିସ ଗୁରୁବାର ଟାୱାର ନିର୍ମାଣକାରୀ ସଂସ୍ଥା ଗ୍ରୋଟାମ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ କମ୍ପାନୀର ୫ ସୁରକ୍ଷା କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ସମଲ ଥାନା ବିଲିଣ୍ଡା ଗ୍ରାମର କୁମର ସାହୁଙ୍କ ପୁଅ ଗଣେଶ୍ୱର ସାହୁ (୪୫), ବଅଁରପାଳ ଥାନା ଲାଙ୍ଗୁଲିବେଡ଼ା ଗ୍ରାମର ଅଜୟ ସାହୁଙ୍କ ପୁଅ ଅଭିମନ୍ୟୁ ସାହୁ (୩୫), ତାଳଚେର ଥାନା ଲିଙ୍ଗରାକଟା ଗ୍ରାମର ବାଇଞ୍ଚା ପରିଡ଼ାଙ୍କ ପୁଅ ପର୍ଶୁରାମ ପରିଡ଼ା (୫୦), ବିହାର ବତରାମପୁର ଥାନା ସାୱାରାମପୁର ଖଣ୍ଡରୀ ଗ୍ରାମର ମଙ୍ଗଲ ମାଞ୍ଜୀଙ୍କ ପୁଅ କିଷାନ ମାଞ୍ଜୀ(୨୫) ଏବଂ ବିହାର ଜାଙ୍କିଡିହି ଥାନା ଅଞ୍ଚଳର ଲୋକି ମାଝୀଙ୍କ ପୁଅ ଅନାଦି ମାଝୀ(୪୮)। ଅଭିଯୁକ୍ତଙ୍କଠାରୁ ପୁଲିସ ଗୋଟିଏ ୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ ଏବଂ ଖାଲି କାର୍ଟ୍ରିଜ୍ ଜବତ କରିଛି। ଅନୁଗୋଳଠାରେ ଏସ୍‌ପି ରାହୁଲ ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।



ବୁଧବାର ତାଳଚେର ଥାନା ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରୁ ବୁଧବାର ସକାଳେ ଦୁଇ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଓ ଭୋଗବେରେଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ। ଗୁଳି କରି ଉଭୟଙ୍କୁ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟାକାଣ୍ଡ ପରେ ଉକ୍ତ ଟାୱାର୍ ନିର୍ମାଣକାରୀ କମ୍ପାନୀ ପରିସରରୁ କର୍ମଚାରୀମାନେ ପଳାଇ ଯାଇଥିଲେ। ତେଣୁ ପୁଲିସର ସମସ୍ତ ସନ୍ଦେହ କମ୍ପାନୀ କର୍ମଚାରୀଙ୍କ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ପୁଲିସ ଜଣେ ବ୍ୟକ୍ତିଙ୍କୁ ଧରିଆଣି ପଚରାଉଚରା କରିବାରୁ ସେ ସବୁ ସତ ଉଗାରି ଦେଇଥିଲା।

ଏସ୍‌ପିଙ୍କ ସୂଚନାନୁଯାୟୀ, ଗ୍ରୋଟାମ କମ୍ପାନୀର ଷ୍ଟକ୍‌ୟାର୍ଡରେ ବିଦ୍ୟୁତ ଟାୱାର୍ ସାମଗ୍ରୀ ଗଚ୍ଛିତ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଦିବ୍ୟରଞ୍ଜନ ପରିଡ଼ା ଓ ଜନାର୍ଦ୍ଦନ ନାଏକଙ୍କ ସମେତ ୧୦/୧୨ଜଣ ବ୍ୟକ୍ତି

### ୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ, କାର୍ଟିଜ୍ ଜବତ

ଚୋରି କରିବା ଉଦ୍ଦେଶ୍ୟରେ ଉକ୍ତ ଷ୍ଟକ୍‌ୟାର୍ଡ ଭିତରକୁ ପଶିଥିଲେ। ସୁରକ୍ଷା କର୍ମୀ ଏବଂ ଷ୍ଟକ୍‌ୟାର୍ଡରେ ନିୟୋଜିତ ବନ୍ଧୁକଧାରୀ ସୁରକ୍ଷାକର୍ମୀ ଗଣେଶ୍ୱର ସାହୁ ସେମାନଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ। ଏହି ସମୟରେ ବନ୍ଧୁକଧାରୀ ସୁରକ୍ଷା କର୍ମୀ ଗଣେଶ୍ୱର ସାହୁ ତାଙ୍କ ୧୨ ବୋର୍ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳି ଦିବ୍ୟରଞ୍ଜନ ଓ ଜନାର୍ଦ୍ଦନଙ୍କ ଦେହରେ ବାଜିଥିଲା। ସେମାନେ ସେଠାରୁ ଦୌଡ଼ି ଯାଇ ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରେ ପଡ଼ିଯାଇଥିଲେ। ସେଠାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଗୁରବାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି।




## ଧର୍ମାନ୍ତରୀକରଣ ସନ୍ଦେହକରି ଫଟାମୁଣ୍ଡାରେ ଉତ୍ତେଜନା

**ଦେଓଗାଁ,୨୫।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଫଟାମୁଣ୍ଡାରେ ଗୁରୁବାର ଧର୍ମାନ୍ତରିକରଣ ସନ୍ଦେହରେ ଉତ୍ତେଜନା ପ୍ରକାଶ ପାଇଥିଲା। ବରଗଡରୁ ଗୋଟି, ସମ୍ପ୍ରଦାୟର ଲୋକ ଆସି ଫଟାମୁଣ୍ଡାରେ ବଡଦିନ ଉତ୍ସବ ପାଳନ ପାଇଁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଧର୍ମାନ୍ତରୀକରଣ କରାଯାଉଥିବା ସନ୍ଦେହ କରି ଲୋକେ ବିରୋଧ କରିଥିଲେ। ଏ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବା ପରେ ଖବର ପାଇ ଦେଓଗାଁ ଥାନା ପୁଲିସ ଟିମ୍ ପହଞ୍ଚି ଥିଲା। ବରଗଡରୁ ଆସିଥିବା ଲୋକଙ୍କୁ ଫେରିଯିବା ପାଇଁ କହିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଦାଦନ ସର୍ଦ୍ଦାର ଗିରଫ

**ମୁରିବାହାଲ,୨୫।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ପୁଲିସ ପତ୍ରାପାଲୀ (କ) ପଞ୍ଚାୟତ ଖପାଉଦର ଗ୍ରାମର ଲକ୍ଷ୍ମଣ ତାଣ୍ଡି (୩୭)ଘରୁ ୪ ଜଣ ଦାଦନ ଶ୍ରମିକଙ୍କ ସହ ୮ ଜଣ ନାବାଳକ ଏବଂ ଏକ ୩ ବର୍ଷ ଶିଶୁକୁ ଉଦ୍ଧାର କରିଛି। ଏହି ଘଟଣାରେ ସର୍ଦ୍ଦାର ଲକ୍ଷଣକୁ ପୁଲିସ ଗିରଫ କରିଛି। ତେବେ ସେଠାରେ ଥିବା ଅନ୍ୟତମ ସର୍ଦ୍ଦାର ବଙ୍ଗୋମୁଣ୍ଡା ଥାନା ବର୍ଲାବାହାଲୀ ଗ୍ରାମର ବିହାରୀ ଛତ୍ରିଆ ଫେରାର ମାରିଥିଲା। ପୁଲିସ ମାମଲା ରୁଜୁକରି ଲକ୍ଷ୍ମଣକୁ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ତା ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲକୁ ପଠାଇ ଦିଆଯାଇଛି।

## ବାଜପେୟୀଙ୍କ ଜନ୍ମତିଥିରେ ଶ୍ରଦ୍ଧାଞ୍ଜଳି

**ଟିଟିଲାଗଡ଼,୨୫।୧୨(ସମିସ):** ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମତିଥି ଅବସରରେ ଟିଟିଲାଗଡ଼ ବିଜେପି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ଏନେଇ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ବରିଷ୍ଠ ବିଜେପି ନେତା ସଞ୍ଜୟ ତ୍ରିପାଠୀ, ନାକ ସାହୁ, ସୁରେଶ ଭୋଇ, ମନୋଜ ପାଢ଼ୀ, ରିଙ୍କୁ ପାତ୍ର, କାଳିଆ ସାହୁ, ଅଶୋକ ଭୋଇ, ଦିନେଶ ଅଗ୍ରୱାଲ, ପବିତ୍ର ସାହୁ, ତଥାଗତ କଟା, ଅମରେଶ ସାହୁ, ପିଙ୍କୁ ସାହୁ, ନରେଶ ବେହେରା, ରଞ୍ଜନ ଆଡ଼ୁଆଡ଼, ତପିକାନ୍ତ ବେନିଆ ପ୍ରମୁଖ ଯୋଗ ଦେଇଥିଲେ।

## ବଲାଙ୍ଗିରରେ ସୁଶାସନ ଦିବସ

**ବଲାଙ୍ଗିର,୨୫।୧୨ (ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ତଥା ସୁଶାସନ ଦିବସ ପାଳିତ ହୋଇଛି। ଓସୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରଓ୍ୱ ଶିୱାଜୀ ଇସଲଓ୍ୱାର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଡେପୁଟି କଲେକ୍ଟର ପ୍ରଶାନ୍ତ ମହାପାତ୍ର, ସହାୟକ ଜିଲ୍ଲାପାଳ ରାମ ନାରାୟଣ ମିଶ୍ର, ସହାୟକ ଜିଲ୍ଲାପାଳ ସସ୍ମିତା ପ୍ରଧାନ, ସହାୟକ ଜିଲ୍ଲାପାଳ ସରିତା ରାଣୀ ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଡ. ଅନୁପମା ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାଇକା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ପରିଚାଳନା କରିଥିଲେ।

# ଧୁମ୍‌ଧାମ୍‌ରେ ପାଳିତ ହେଲା ଜଂଘାଦେଓ ଯାତ୍ରା

**ବଲାଙ୍ଗିର/ଲୋଇସିଂହା,୨୫।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହାର ପ୍ରସିଦ୍ଧ ବଡଦେଓ ବା ଜଂଘାଦେଓଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ଜମିଦାର ଅର୍ଚ୍ଚନା ସିଂ ରାଏଙ୍କ ତତ୍ତ୍ୱାବଧାନରେ ଗଣ୍ଡ ସମ୍ପ୍ରଦାୟର ଏହି ପାରମ୍ପରିକ ଯାତ୍ରା ପୁରାତନ ପାଟଣା ଇତିହାସ ତଥା ଆଦିବାସୀ ପରମ୍ପରାର ପରିଚୟ ସାଜିଛି। ତେବେ ଏହି ଯାତ୍ରାକୁ ନେଇ ଅନେକ ଐତିହାସିକ ପ୍ରଷ୍ଠଭୂମି ରହିଛି।

ଗଣ୍ଡ ସମ୍ପ୍ରଦାୟର ଅନ୍ୟତମ ପ୍ରମୁଖ ଇଷ୍ଟଦେବତା ହେଉଛନ୍ତି ବଡ଼ଦେଓ ବା ଜଂଘାଦେଓ। ଲୋଇସିଂହା ଅଞ୍ଚଳରେ ବାସବାସ କରୁଥିବା ଏହି ସମ୍ପ୍ରଦାୟର ଜନସାଧାରଣ କାହିଁ କେଉଁ କାଳରୁ ଏହି ପୂଜା ପ୍ରତିବର୍ଷ ଧୁମଧାମରେ ପାଳନ କରିଆସୁଛନ୍ତି। ପୂର୍ବେ ରାଜାରାଜୁଡ଼ା ଅମଳରେ ଜମିଦାର ପରିବାର ପକ୍ଷରୁ ଏହାର ଆୟୋଜନ କରାଯାଉଥିଲା। ଏବେ ସାର୍ବଜନୀନ ଭାବେ ଏହା ଆୟୋଜନ କରାଯାଉଛି। ପୁରାତନ ପାଟଣା ରାଜ୍ୟରେ ଚୌହାନ ଶାସନ ସମୟରୁ ଗଣ୍ଡମାନଙ୍କ ଇଷ୍ଟଦେବ ଜଙ୍ଘାଦେଓଙ୍କ ପୂଜା ପାଳିତ ହୋଇଆସୁଛି। ଗଣ୍ଡମାନେ ପାଟଣା ରାଜ୍ୟ ଶାସନରେ ପ୍ରମୁଖ ଭୂମିକା ଗ୍ରହଣ



କରୁଥିଲେ। ଇତିହାସ ଅନୁସାରେ କୌଣସି ଏକ ବିପଦ ସମୟରେ ବଡଦେଓ ପାଟଣା ମହାରାଜଙ୍କ ଜୀବନ ରକ୍ଷା କରିଥିଲେ। ତେଣୁ ମହାରାଜ ଜଂଘାଦେଓଙ୍କ ପୂଜା ପାଇଁ ଗଣ୍ଡ ପରିବାରକୁ ୫୨ଟି ଗ୍ରାମ ଦେଇଥିଲେ। ସେଇ ଦିନଠାରୁ ପ୍ରତିବର୍ଷ ପୌଷ ମାସ ସପ୍ତମୀ ତିଥିରେ ଏହି ପୂଜା ସ୍ଥାନୀୟ ଜମିଦାର ପରିବାର ପୌରହିତ୍ୟରେ ଅନୁଷ୍ଠିତ ହୋଇ ଆସୁଛି। ତେବେ ବଡ଼ଦେଓଙ୍କୁ ବିଭିନ୍ନ ନାମରେ ପୂଜା କରାଯାଇଥାଏ। ଜଙ୍ଘାଦେଓଙ୍କୁ ବଡ଼ଦେଓ, କୁନ୍ଦାଦେଓ, ମଣିସଦା ନାମରେ ପୂଜା କରାଯାଇଥାଏ। ଜଙ୍ଘାଦେଓଙ୍କ ସଂପର୍କ ଜଗନ୍ନାଥ ସଂସ୍କୃତି ସହ ସଂପୃକ୍ତ ରହିଥିବା ଦାବି କରାଯାଏ। ଦାରୁରେ ଆଦି ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ପରେ ଅବଶିଷ୍ଟ କାଷ୍ଠଗଣ୍ଡିରୁ ଜଙ୍ଘାଦେଓଙ୍କ ଉତ୍ପତ୍ତି ବୋଲି ବିଶ୍ୱାସ ରହିଛି। ପୂଜାବିଧି ଅନୁସାରେ ଚାରି ଜଣ ବରୁଆ ଜଙ୍ଘାଦେଓଙ୍କୁ କାନ୍ଧରେ ବୋହି ଗ୍ରାମ ପରିକ୍ରମା କରନ୍ତି। ସେ ସମୟରେ ସେମାନଙ୍କ ମୁହଁରୁ କଥା ବାହାରେ ନାହିଁ।

ପାଞ୍ଚ ଖଣ୍ଡ କାଠରେ ନିର୍ମିତ ଏହି ଦେବତା ସତ୍ୟଯୁଗରେ ମାଣେକସଦା, ଯୋଗସଦା, ଦୁର୍ଲଭ ସଦା, କାଳିଆସଦା, ପଞ୍ଚରୋଖା, ଦ୍ୱାପର ଏବଂ କଳିଯୁଗରେ ପଞ୍ଚୁପାଣ୍ଡବଙ୍କ ନାମରେ ପୂଜା ପାଉଥିବା ଜଙ୍ଘାଦେଓଙ୍କ ପୂଜକ ବା ବିଶି କହନ୍ତି। ଏହି ଦେବତାଙ୍କ ବିଶେଷତ୍ୱ ହେଲା ଅନ୍ୟ ଦେବାଦେବୀଙ୍କ ପରି ଯାଙ୍କର ମନ୍ଦିର ନାହିଁ। ପ୍ରଥମେ କଗାଁଗଡରେ ଏକ ଶାଳଗଛରେ ଝୁଲନ୍ତା ଅବସ୍ଥାରେ ବିରାଜମାନ ଥିଲେ। ସେହିଠାରୁ ଆଣିବା ପରେ ପ୍ରଥମେ ପଥରଗଡରେ ଆବସ୍ଥାପିତ ହୋଇଥିଲେ। ପରେ ତାଙ୍କୁ ଲୋଇସିଂହା ଜମିଦାରଙ୍କ ଘରେ ଅବସ୍ଥାପିତ କରାଯାଇଥିଲା। ଜଙ୍ଘାଦେଓଙ୍କ ବିଶି, କୁମର, ବରୁଆମାନେ ପଥରଗଡକୁ ପାଟମାରିବା ଯିବାର ପରମ୍ପରା ଏବେ ବି ଅନୁସୃତ ହୋଇଆସୁଛି। ଯାତ୍ରା ପୂର୍ବଦିନ ଗ୍ରାମବାସୀ ଦେଇଥିବା ଗୁଆଘିଅ ଓ କଳାରାଶିକୁ ମିଶାଇ ପ୍ରସ୍ତୁତ ଲେପ ଦେବତାଙ୍କୁ ମର୍ଦ୍ଦନ କରାଯାଏ। ଯାତ୍ରା ଦିନ ତାଙ୍କ ଛତର ଓ ନିଶାନକୁ ପୂଜା କରାଯାଇଥାଏ। ଏହା ପରେ ଏକ ସ୍ୱତନ୍ତ୍ର ବାଦ୍ୟ ଯନ୍ତ୍ର ବ୍ରିକବାନା ବାଦନ ସହ ତାଙ୍କ ପୂଜା କରାଯାଏ। ଏହାପରେ ବରୁଆମାନେ ଜଙ୍ଘାଦେଓଙ୍କ ବିଗ୍ରହକୁ ଗ୍ରାମ ପରିକ୍ରମା କରାନ୍ତି। ପ୍ରଥମେ ଜମିଦାର ପରିବାରର ଜ୍ୟେଷ୍ଠ ପୁତ୍ରବଧୂ ବା କୁମରେନ ଜଙ୍ଘାଦେଓଙ୍କ ଗୋଡ଼ଧୋଇ ପୂଜା କରନ୍ତି। ଏହାପରେ ଜଙ୍ଘାଦେଓ ପୂର୍ବପୁରୁଷଙ୍କୁ ଭେଟ ହୋଇ ଗଡ ଭିତରୁ ବାହାରିଥାନ୍ତି। ପରିକ୍ରମା ସମୟରେ ଜଙ୍ଘାଦେଓ ଘର ଘର ବୁଲନ୍ତି। ପରେ ତ୍ରିଶୂଳବନ୍ଧ ବନ୍ଧରେ ବୁଡପକାଇ ଜମିଦାରଙ୍କ ବାସଭବନକୁ ପ୍ରତ୍ୟାବର୍ତ୍ତନ କରନ୍ତି। କୁମରେନ ତାଙ୍କୁ ଗୋଡ଼ଧୋଇ ସ୍ୱାଗତ କରନ୍ତି। ପୁର୍ନବାର କୁମରେନଙ୍କଠାରୁ ଗୋଡ ଧୋଇ ହୋଇ ତାଙ୍କ କୁଡିଆ ଭିତରକୁ ପ୍ରବେଶ କରନ୍ତି।

## ସରିଲା ମୁରିବାହାଲ ବ୍ଲକ୍‌ସ୍ତରୀୟ ଧନୁଯାତ୍ରା ମହୋତ୍ସବ

**ମୁରିବାହାଲ,୨୫।୧୨(ସମିସ):** ମୁରିବାହାଲରେ ୭ ଦିନ ଧରି ଚାଲିଥିବା ସପ୍ତମ ବର୍ଷ ବିରାଟ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ରାତିରେ ଶେଷ ହୋଇଛି। ଶ୍ରୀକୃଷ୍ଣ ବଳରାମଙ୍କ ହାତରେ ମହାରାଜ କଂସଙ୍କ ନିଧନ ହୋଇଛି। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତରୁଣ ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁରିବାହାଲ ବ୍ଲକ୍ ଅଧ୍ୟକ୍ଷ ହରିବନ୍ଧୁ ମେହେର, ବିଜେପି ରାଜ୍ୟ ଉପସଭାପତି ଶିବାଜି ମହାନ୍ତି, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ପତ୍ରାପାଲି(କ)ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଜିଲ୍ଲା ଓଷ୍ଟା ସଂଘ ସଭାପତି ପ୍ରଦୀପ ପୁଟେଲ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣା, ଅର୍ଜୁନ ଯାଦବ, ଅଗସ୍ତି ବାଗ, ଶ୍ରୀପତି ଷାଣ୍ଢ, ବେଦବ୍ୟାସ ନାଗ, ବ୍ରଜଶ୍ୟାମ ଗୁରୁ, ଅର୍ଦ୍ଧେନ୍ଦୁ ଦାସ ଯାଦବ, ଆୟୋଜକ କମିଟି ଉପସଭାପତି ରମାରଞ୍ଜନ ପାତ୍ର, କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ଓ ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର ପ୍ରମୁଖ ରାଜଦରବାରରେ ଅତିଥି ଭାବେ ଯୋଗ ଦେଇଥିଲେ।

## ସାହିତ୍ୟିକ ସେବକ ଚରଣ ଦାଶଙ୍କ ମାତୃ ବିୟୋଗ

**ଟିଟିଲାଗଡ,୨୫।୧୨(ସମିସ):** ଟିଟିଲାଗଡ଼ ସହର ନୀଳଚକ୍ର ନିବାସୀ ସେବକ ଚରଣ ଦାଶଙ୍କ ମା' କେଶରୀ ଦାଶ(୯୭ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସ୍ଥାନୀୟ ମୁକ୍ତିଧାମରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବିଶିଷ୍ଟ ଶିକ୍ଷାବିତ ଜଗନ୍ନାଥ ପଣ୍ଡା, ରାଜୀବ ଲୋଚନ ପାଢ଼ୀ, ଡ. ଯୁଗଳକିଶୋର ଷଡ଼ଙ୍ଗୀ, ଉମାକାନ୍ତ ମିଶ୍ର, ସୁଦୀପ୍ତ ତ୍ରିପାଠୀ,



ଗଣେଶ ମହାନ୍ତି, ଶଙ୍କର ଦାଶ, ରଞ୍ଜନ ଦାଶ, ବାଳକୃଷ୍ଣ ମହାକୁର, ସୁଧିର ଦାଶ, ଆଇନଜୀବୀ ଅରବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଟିଟିଲାଗଡ଼ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଜିଲା ବିଜେପି ସାଧାରଣ ସମ୍ପାଦକ ପ୍ରଶାନ୍ତ ଷଡ଼ଙ୍ଗୀ, ନଗର ସଭାପତି ସୁନିଲ ଆଚାର୍ଯ୍ୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବୀଣାପାଣି କଳା ପରିଷଦର ବାର୍ଷିକ ଉତ୍ସବ

**ଟିଟିଲାଗଡ,୨୫।୧୨(ସମିସ):** ବୀଣାପାଣି କଳା ପରିଷଦର ବାର୍ଷିକ ଉତ୍ସବ ସର୍ଗିଗୁଡାସ୍ଥିତ କଳା ପରିଷଦ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କଳାପରିଷଦର ନୃତ୍ୟଗୁରୁ ପ୍ରମୋଦ ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରାରମ୍ଭିକ ସଭାରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ଥାନାର ଭାରପ୍ରାପ୍ତ ଅଧିକାରୀ କଲ୍ୟାଣୀ ବେହେରା ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଜ୍ୟୋତିପ୍ରକାଶ ଗଡତିଆ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ବଲାଙ୍ଗୀରର ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, ଅବସରପ୍ରାପ୍ତ ଗୋଷ୍ଠୀ ଅର୍ଥ ନୈତିକ ଅଧିକାରୀ ପଞ୍ଚାନନ ତାଣ୍ଡି ଏବଂ ସଇଁତଳାସ୍ଥିତ ଅନ୍ଧମୂକ ବଧିର ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ମମତା ବୈଠରୁ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଅସ୍ମିତା ସାହୁ, ବସୁଧାଚନ୍ଦନ, ରୂପାଲି ନାୟକ, ଚୁମକି ଖରସେଲ ପ୍ରମୁଖ ସହଯୋଗ କରିଥିଲେ। କଳାକାର ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜି ନାଗରିକ କମିଟି ଗଠିତ

**କଣ୍ଟାବାଞ୍ଜି,୨୫।୧୨(ସମିସ):** କଣ୍ଟାବାଞ୍ଜି ହରି ଭବନରେ ସହର ତଥା ଆଖପାଖ ଅଞ୍ଚଳର ଯୁବକ ଗୋଷ୍ଠୀକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଣ୍ଟାବାଞ୍ଜି ନାଗରିକ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ କଣ୍ଟାବାଞ୍ଜି ନାଗରିକ କମିଟିର ସଭାପତି ଭାବେ ଅରୁଣ ତାଣ୍ଡି, ସମ୍ପାଦକ ଭାବେ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କୁ ଚୟନ କରାଯାଇଛି। ସେହିପରି ପରି ଉପ ସଭାପତି ଭାବେ ରାଜୁ ଛତ୍ରିଆ, ସହସମ୍ପାଦକ ଭାବେ ଜିତୁ ସୁନା, କୋଷାଧ୍ୟକ୍ଷ ଭାବେ ରୋହିତ ଅଗ୍ରୱାଲ, ସହ କୋଷାଧ୍ୟକ୍ଷ ଭାବେ ନୀଲେଶ ଛତ୍ରିଆ, ଆଇନ ପରାମର୍ଶଦାତା ଭାବେ ଯୁବ ଆଇନଜୀବୀ ବିଧୁଭୂଷଣ ଗୁରୁ, ଗଣମାଧ୍ୟମ ପ୍ରଭାରୀ ଭାବେ ପ୍ରମୋଦ ବେହେରା, କୁଶଳ ଠାକୁର, କାର୍ଯ୍ୟକାରୀ ସଦସ୍ୟ ଭାବେ ଲୋକେଶ ଭୋଇ, ସୁଶୀଲ ବେହେରା, ସନ୍ତୋଷ ଅଗ୍ରୱାଲ, ମନୋଜ ଚିହ୍ନାଗୁନ, ବିଶାଳ ତାଣ୍ଡି, ଟେମ୍ପୁ ନାଏକ, ଜଗଦୀଶ ନାଗ, ଦିଗେଶର ଠେଲା, ପ୍ରତାପ ବୋନଛର, ଅମିତ ଦାସ, ମଦନ ଦୀପ ଓ ରଘୁନାଥ ବୋନଛରଙ୍କୁ ମନୋନୀତ କରାଯାଇଛି।

**ଦୀନବନ୍ଧୁ ଦଣ୍ଡସେନା ସ୍ମାରକୀ କ୍ରିକେଟ**

## ମୁରସିଂକୁ ହରାଇ ବଡଙ୍ଗୋମୁଣ୍ଡା ବିଜୟୀ

**ଦେଓଗାଁ,୨୫।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲିସ୍ଥିତ ଧୋବାଟୁଠ ବରଗଛ ଖେଳପଡିଆରେ ବୁଧବାର ତୃତୀୟ ଦୀନବନ୍ଧୁ ଦଣ୍ଡସେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଡୁଲିଆ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଶିକ୍ଷକ ଶିକ୍ଷା ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଡା. ସୁଧାଂଶୁ ଭୂଷଣ ମେହେର ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ଏ ଅବସରରେ ସମ୍ମାନୀତ ଅତିଥି ଭାବେ



ହେମସାଗର ଭୋଇ, ଶଙ୍କର୍ଷଣ ଭୋଇ, ନୀଳକଣ୍ଠ ଷାଣ୍ଢ, ବୁଦ୍ଧଦେବ ସାମଲ, ପ୍ରହଲ୍ଲାଦ ଦଣ୍ଡସେନା, ଲୋକନାଥ ସାହୁ, ଶଙ୍କର ପଧାନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦଶରଥ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶୁଭେନ୍ଦୁ ପ୍ରସାଦ ଷାଣ୍ଢ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୁପ୍ତେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ମୁରସିଂ ଓ ବଡଙ୍ଗୋମୁଣ୍ଡା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

ଏଥିରେ ବଡଙ୍ଗୋମୁଣ୍ଡା ଦଳ ବିଜୟୀ ହୋଇଥିଲା। ରୂପେଶ ସାହୁ, ଯୋଗେଶ୍ୱର ଘିଭେଲା, ଅଶ୍ୱିନୀ ଶାମଲ ପ୍ରମୁଖ ପରିଚାଳନା କରିଥିଲେ। ମିଳନ ପଧାନ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ମୋହନ ଭୋଇ ଧାରା ବିରରଣୀ ପ୍ରଦାନ କରିଥିଲେ।

## ୪୭ ୟୁନିଟ୍ ରକ୍ତ ସଂଗ୍ରହ

**ତୁଷୁରା,୨୫।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ୍ ଘୁନା ହାଇସ୍କୁଲରେ ଶିକେରପାଟ୍ ମହୋତ୍ସବ କମିଟି ଖଡଙ୍ଗା ଅଞ୍ଚଳ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୪୭ ଜଣ ୪୩ ପୁରୁଷ ଓ ୪ ମହିଳା ରକ୍ତଦାନ କରିଥିଲେ। ମହୋତ୍ସବ କମିଟିର ସଭାପତି ରୋହିତ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୁଡଭେଲା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଅଶୋକ ଦୋରା, ସମ୍ମାନିତ ଅତିଥି ଭାବେ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ସମୀର ଆଚାର୍ଯ୍ୟ, ଭାଗବତ ନାହାକ, ଘୁନା ସରପଞ୍ଚ କବିତା ମହାନନ୍ଦ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସମ୍ପାଦକ ଲମ୍ବୋଦର ମନହିରା ମଞ୍ଚ ପରିଚାଳନା ଓ ସ୍ୱାଗତ ଭାଷଣ ଦେଇଥିଲେ। ଧବଳେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତ ଭଣ୍ଡାର କାଉନସିଲର ଶେଖ ଅସରଫ ଓ ରକ୍ତ ପରୀକ୍ଷକ ଲକ୍ଷ୍ମୀଧର ସାହୁ, ରଞ୍ଜିତ ବେହେରାଙ୍କ ସହ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡ. ସୂର୍ଯ୍ୟକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଖାଉଟି ଦିବସ ପାଳନ

**ବଲାଙ୍ଗିର,୨୫।୧୨(ସମିସ):** ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ ଗୁରୁବାର ଜାତୀୟ ଖାଉଟି ଦିବସ ପାଳିତ ହୋଇଛି। ବୈଧ ମାପ ବିଜ୍ଞାନ ବିଭାଗର ସହଯୋଗରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗିର ବିଭାଗ ସଭାପତି ଗୋପବନ୍ଧୁ ଶତପଥୀ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗିର ପୌରାଧ୍ୟକ୍ଷ ଲିକା ସାହୁ, ଅଧିବକ୍ତା ଜୟକୃଷ୍ଣ ସାହୁ, ଜିଲ୍ଲା ଯୋଗାଣ ବିଭାଗ ନିରୀକ୍ଷକ ଜ୍ୟୋତିପ୍ରକାଶ ଦାଶ, ଡେପୁଟି କଲେକ୍ଟର ପ୍ରଶାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରେମଚାନ୍ଦ ମହାନ୍ତି, ରସରାଜ ଅଚ୍ୟୁତ ପୁରୋହିତ, ଗ୍ରାହକ ପଞ୍ଚାୟତ ପ୍ରାନ୍ତ ସଭାପତି ଇଞ୍ଜିନିୟର କିଶୋର ମୋହନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଖେଳପଡ଼ିଆ ଉଦ୍‌ଘାଟିତ

**ବଲାଙ୍ଗିର,୨୫।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋୟର ସୁକତେଲ ଡ୍ୟାମ୍ ପାଦ ଦେଶର ସିଦ୍ଧାଶ୍ରମ



ସେବା ପ୍ରତିଷ୍ଠାନ ଓ ବନଦୁର୍ଗା ମହୋତ୍ସବ କମିଟି ଉଦ୍ୟମରେ ଖେଳ ପଡିଆ ନିର୍ମିତ ହୋଇଛି। ଏହାକୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି ଖେଳ ପଡିଆରେ ୫ ଦିବସୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାକୁ ଲୋୟର ସୁକତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବେଲାର ସିଂ ଭୋଇ, ଚୁଡାପାଲି ଗୌନ୍ତିଆ ଲୋକନାଥ କୁମୁରା, ସରପଞ୍ଚ ସଦାଶିବ କଣ୍ଡେଲ, ସୋମନାଥ ପଟେଲ ଯୋଗ ଦେଇଥିଲେ। ବନଦୁର୍ଗା ମହୋତ୍ସବ କମିଟିର ଅଧ୍ୟକ୍ଷ ସଂଜୟ ଗଡତ୍ୟା, ଉପ ସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସଂପାଦକ ଜୟକୃଷ୍ଣ ମିଶ୍ର, ସହସଂପାଦକ ବିକାଶ ରଂଜନ ରଥ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ରାମ କିଶୋର ଅଦାବରିଆ, ପ୍ରମୋଦ ପଟେଲ, ଯୁଗଳ ରଣା, ପିଙ୍କୁ ଭୋଇ, ବ୍ୟାସଦେବ ବନଛୋର, ଅଜୟ ଗଡତ୍ୟା ଓ ରେଫରି ଉମେଶ ଭୋଇ, ଜଳନ୍ଧର ସାହୁ, ବିକି ବିଶି ପ୍ରମୁଖ ପରି.ଳନା କରିଥିଲେ। ମାଗୁରବେଡା, କୁସମେଲ କଲୋନି, କୁଟୁମଡୋଲା, ଭାଲୁପିଟା, ତମିଆଁ, ବାରପୁଡୁଗିଆ, ଗେର୍ଡି, ଘୁଚେପାଲି, ଛତାବାହାଲ, ସାରସପିଟା, ଘସିଏନ, ବିଲେଇସର୍ଡା, ରେଙ୍ଗଟାସିଲ, କୁଶମେଲ, କୁଶଙ୍ଗ, ଅମାମୁଣ୍ଡା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ମାଗୁରବେଡା ସେମିଫାଇନାଲକୁ ପ୍ରବେଶ କରିଛି।

**● ବନଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ତମିଆଁକୁ ହରାଇ ଗେର୍ଡି ସେମିକୁ ଉନ୍ନୀତ




**ବଲାଙ୍ଗିର,୨୫।୧୨(ସମିସ):** ଲୋଇସିଂହା ବ୍ଲକ୍ ମାଗୁରବେଡା ପଞ୍ଚାୟତ ନିକଟ ଲୋୟର ସୁକତେଲ ଡ୍ୟାମ ଖେଳ ପଡିଆରେ ବନଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ତମିଆଁକୁ ହରାଇ ଗେର୍ଡି ସେମିଫାଇନାଲକୁ ଉନ୍ନିତ ହୋଇଛି। ଯୁବନେତା ଆକାଶ ମିଶ୍ର, କୁଶମେଲ ସରପଞ୍ଚ କୌସ୍ତୁବ ସାହୁ, ନିମାଇଁ ଚରଣ ପାଣିଗ୍ରାହୀ, ବରିଷ୍ଠ ଫୁଟବଲ ଖେଳାଳି ମନୋଜ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂଜୟ ଗଡତ୍ୟା, କୈଳାସ ଚନ୍ଦ୍ର ସିଂଦେଓ, ଜୟକୃଷ୍ଣ ମିଶ୍ର, ବିକାଶ ରଂଜନ ରଥ, ନରେନ୍ଦ୍ର ବିଶି, ରାମକିଶୋର ଅଦାବରିଆ, ପ୍ରମୋଦ ପଟେଲ, ଯୁଗଳ ରଣା, ଭରତ ସାହୁ, ପିଙ୍କୁ ଭୋଇ, ବ୍ୟାସଦେବ ବନଛୋର, ଅଜୟ ଗଡତ୍ୟା, ରେଫରି ଉମେଶ ଭୋଇ, ଜଳନ୍ଧର ସାହୁ, ବିକି ବିଶି, ସଦାନନ୍ଦ ମହଲା, ପରମେଶ୍ୱର ନାଏକ ପ୍ରମୁଖ ପରି.ଳନା କରିଥିଲେ।

## ଜାତୀୟ ସାଇକେଲିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିଣିଲେ ରାମ

**ସଇଁତଲା,୨୫।୧୨(ସମିସ):** ଝାଡ଼ଖଣ୍ଡର ବୋକାରୋରେ ସ୍ୱତନ୍ତ୍ର ଅଲିମ୍ପିକ୍ସ ଦ୍ୱାରା ଆୟୋଜିତ ଜାତୀୟ ସାଇକେଲିଂ ଚାମ୍ପିଅନସିପ୍‌ରେ ଯୋଗଦେଇ ସଇଁତଲା ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ର ରାମ ବରିହା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୨ କିମି ଓ ୫ କିମି ରେସ୍‌ର ପୁରୁଷ ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ଅନ୍ତର୍ଜାତୀୟ କୋଚ୍ ଉମାକାନ୍ତ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସଇଁତଲା ବ୍ଲକ୍ ଡେଙ୍ଗ କଲୋନୀ ବାସିନ୍ଦା ରାମ ବରିହା ୩୮ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ବିଜୟ ହାସଲ କରିଛନ୍ତି। ସେ ୨୦୨୭ ମସିହାରେ ଆମେରିକାର ଚିଲିରେ ହେବାକୁ ଥିବା ବିଶ୍ୱ କ୍ରୀଡ଼ାର ପ୍ରାରମ୍ଭିକ ଚୟନରେ ସ୍ଥାନ ବଜାୟ ରଖିଛନ୍ତି। ଏଥିସହ ୨୦୨୬ ଜାନୁଆରୀରେ ଗ୍ୱାଲିୟରରେ ହେବାକୁ ଥିବା ବିଶ୍ୱ କ୍ରୀଡ଼ା ପ୍ରସ୍ତୁତି ଶିବିର ପାଇଁ ତାଙ୍କୁ ଆମନ୍ତ୍ରିତ କରାଯାଇଛି। ରାମଙ୍କୁ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ, ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ସଭାନେତ୍ରୀ ସୁନିତା ମୁଣ୍ଡ, ରାଜ୍ୟ ସଂଯୋଜିକା ଅର୍ପିତା ମହାପାତ୍ର,



କ୍ରୀଡା ନିର୍ଦ୍ଦେଶିକା ସସ୍ମିତା ମହାପାତ୍ର, ସହଯୋଗୀ କୋଚ୍ ବୀରେନ୍ଦ୍ର ଜେନା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## କବାଡ଼ିରେ ଡିଆର୍ ମେହେର ହାଇସ୍କୁଲ ଛାତ୍ରଙ୍କ ସଫଳତା

**ବେଲପଡା,୨୫।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡାସ୍ଥିତ ଦିନରଘୁ ମେହେର ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ଚନ୍ଦନ ଧାରୁଆଙ୍କୁ ଜାତୀୟସ୍ତରରେ କବାଡି ଚାମ୍ପିୟନସିପ୍ ଭାଗ ନେବା ପାଇଁ ଚୟନ କରାଯାଇଛି। ରାଜ୍ୟସ୍ତରରୁ ମୋଟ ୧୨ ଜଣ ଖେଳାଳିଙ୍କ ମଧ୍ୟରୁ ବଲାଙ୍ଗୀର ଜିଲ୍ଲାର ମାତ୍ର ଜଣେ ଖେଳାଳି ଭାବେ ଚନ୍ଦନ ଧାରୁଆ



ଜାତୀୟସ୍ତରରେ ଖେଳିବା ପାଇଁ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ବ୍ଲକ୍ ଶିକ୍ଷାଧିକାରୀ ଅଭିନବ ମିଶ୍ର, ନୋଡାଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ଖେଳ ସମ୍ପାଦକ ପ୍ରମୋଦ ଠାକୁର ଚନ୍ଦନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଛତିଶଗଡର ଦୁର୍ଗାରେ ଆସନ୍ତା ୫ରେ ଅନୁଷ୍ଠିତ ଜାତୀୟ କବାଡି ଚାମ୍ପିୟନରେ ସେ ଭଗନେବା ପାଇଁ ଚୟନ ହୋଇଛନ୍ତି।




## କେସିଙ୍ଗାରେ ନାହିଁ ପଲ୍ୟୁସନ ସେଣ୍ଟର

# ଯିବାକୁ ପଡୁଛି ୩୫ କି.ମି ଭବାନୀପାଟଣା

**କେସିଙ୍ଗା, ୨୫।୧୨(ସମିସ):** ଓଡ଼ିଶାରେ ବିଜେପି ସରକାର ଆସିବା ଦିନ ଠାରୁ ରାଜ୍ୟବାସୀଙ୍କ ଲାଇନ ଦୁଇ ବର୍ଷ ପରେ ମଧ୍ୟ ସରିନାହିଁ। ପ୍ରଥମେ ଚାଉଳ କାର୍ଡ ଇ-କେୱାଇସି ପାଇଁ ଲାଇନ ପୁଣି ସୁଭଦ୍ରା ପଇସା ପାଇଁ ଆଧାର ସେଣ୍ଟର୍‌ରେ ଲାଇନ ଆଜି ପର୍ଯ୍ୟନ୍ତ ସରିନାହିଁ। ପୁଣି ବର୍ତ୍ତମାନ ମଟର ସାଇକଲର ପଲ୍ୟୁସନ୍ ପାଇଁ ପଲ୍ୟୁସନ୍ ସେଣ୍ଟରରେ ଅସମ୍ଭବ ଭିଡ ଦେଖିବାକୁ ମିଳିଛି। ଲୋକଙ୍କ ସେବା ଅଞ୍ଚଳର ସମସ୍ୟାକୁ ସମାଧାନ କରିବା ପାଇଁ ଆସିଥିବା ରାଜ୍ୟ ସରକାର ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି। ରାଜ୍ୟ ସରକାର ବିନା ପଲ୍ୟୁସନ ସାର୍ଟିଫିକେଟରେ ଫେବୃୟାରୀ ୧ ତାରିଖରୁ ଆଉ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ ବୋଲି ଘୋଷଣା ପରେ ବାଇକ୍ ଚାଳକଙ୍କ ନିଦ ହଜି ଯାଇଛି।କାମଧନ୍ଦା ଛାଡି ଧାମ ଲୋକେ ପଲ୍ୟୁସନ ସେଣ୍ଟରରେ ଭିଡ ଜମାଉଛନ୍ତି। କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ମଧ୍ୟ ଲୋକେ ଗାଡିର ପଲ୍ୟୁସନ ପାଇଁ ଚିନ୍ତାରେ ଅଛନ୍ତି କାରଣ କେସିଙ୍ଗାରେ ପୋଲ୍ୟୁସନ ସେଣ୍ଟର୍ ନାହିଁ।ଦୁଇ ଚାରି ବର୍ଷ ପୂର୍ବେ ସହରରେ ଗୋଟିଏ ଦୁଇ ଜାଗାରେ ପଲ୍ୟୁଶନ ଟେଷ୍ଟ ହେଉଥିଲା କିନ୍ତୁ ବର୍ତ୍ତମାନ ବନ୍ଦ ହୋଇ ଯାଇଛି।କେସିଙ୍ଗାବାସୀଙ୍କୁ ବର୍ତ୍ତମାନ ୩୫ କିମି ଦୂର ଭବାନୀପାଟଣାକୁ ଯିବାକୁ ପଡୁଛି।୧୦୦ ଟଙ୍କାର ପଲ୍ୟୁସନ ପାଇଁ ୫ ଶହ ଟଙ୍କା ଖର୍ଚ୍ଚ କରି ଭବାନୀପାଟଣା ଯାଇ ଦିନ ତମାମ ଲମ୍ବା ଲାଇନରେ ଛିଡା ହେବାକୁ ପଡୁଛି। ରାଜ୍ୟ ସରକାର କେବଳ ନିର୍ଦ୍ଦେଶ ଦେଇ ଚୁପ ରହିଯାଇଥିବା ବେଳେ ଲୋକଙ୍କ ଅଯଥାରେ ସମୟ ଓ ଟଙ୍କା ଖର୍ଚ୍ଚ ବୋଝ ଉପରେ ନଳିତା ବିଡା ହୋଇ ଯାଉଛି।ଯଦି ପଲ୍ୟୁସନ ପାଇଁ ସରକାର ଏତେ ଚିନ୍ତା କରୁଛନ୍ତି ତାହାହେଲେ ସବୁ ବ୍ଲକ ହେଡକ୍ୱାଟରରେ ସରକାର ପଲ୍ୟୁସନ ସେଣ୍ଟର କାହିଁକି ଖୋଲୁ ନାହାନ୍ତି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି।

# ମୌଳିକ ଭିତ୍ତିଭୂମି ନାହିଁ ; ତ୍ରିଶଙ୍କୁରେ ଆୟୁଷ ଚିକିତ୍ସା

**ଭବାନୀପାଟଣା, ୨୫।୧୨(ସମିସ)**




ଆଜିକାଲିର ଆଧୁନିକ ଯୁଗରେ ମଧ୍ୟ ହୋମିଓପାଥି ଓ ଆୟୁର୍ବେଦିକ ଭଳି ପ୍ରାକୃତିକ ଚିକିତ୍ସାର ଆଦର ବଢୁଛି। ବିଶେଷ କରି ଅଣସଂକ୍ରମକ ଓ ପୁରାତନ ରୋଗର ଉପଶମ ଲାଗି ପ୍ରାଚୀନ ଚିକିତ୍ସା ପଦ୍ଧତି ଉପରେ ଅନେକ ଲୋକ ନିର୍ଭର କରୁଛନ୍ତି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ କିଛି ଚିକିତ୍ସାଳୟ କାର୍ଯ୍ୟ କରୁଥିବା ବେଳେ ଏଥିରେ ରୋଗୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। କଳାହାଣ୍ଡି ଜିଲ୍ଲାରେ ଆୟୁଷ ଚିକିତ୍ସାକୁ ସାଧାରଣ ଓ ଅପହଞ୍ଚ ଇଲାକାରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ୩୮ଟି ଆୟୁଷ ଚିକିତ୍ସାଳୟ ସ୍ଥାପନା କରିଛନ୍ତି। କିନ୍ତୁ ଏହି ଚିକିତ୍ସାଳୟମାନଙ୍କରେ ଭିତ୍ତିଭୂମିର ଘୋର ଅଭାବ ଯୋଗୁଁ ସାଧାରଣଲୋକ ଏହାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ଥିବା ୩୮ଟି ଆୟୁଷ ଚିକିତ୍ସାଳୟ ମଧ୍ୟରୁ ୨୦ଟି ଆୟୁର୍ବେଦିକ, ୧୮ଟି ହୋମିଓପାଥି ଚିକିତ୍ସାଳୟ ସ୍ଥାପନା କରାଯାଇଛି। ଆୟୁଷ ଚିକିତ୍ସାଳୟ ପ୍ରାୟ ୯୦ପ୍ରତିଶତ ଗ୍ରାମାଞ୍ଚଳ ଓ ପଛୁଆ ଅଞ୍ଚଳରେ ରହିଛି।ଏସବୁ ଚିକିତ୍ସାଳୟରେ ମୌଳିକ ଭିତ୍ତିଭୂମି ଯଥା ନିଜସ୍ୱ ଜମି, ନିଜସ୍ୱ କୋଠା ଘର, ବିଜୁଳି ସୁବିଧା, ପାନୀୟ ଜଳଯୋଗାଣ, କର୍ମଚାରୀ ଓ ରୋଗୀଙ୍କ ପାଇଁ ଶୌଚାଳୟ, ନିବାସ ଆଦି ସୁବିଧା ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହୋଇପାରିନାହିଁ। ମିଳିଥିବା ତଥ୍ୟ ଅନୁସାରେ ୪ଟି ଡାକ୍ତରପଦ, ୧୦ଟି ଆୟୁଷ ସହାୟକ ପଦ, ୭ଟି ଝାଡୁଦାର ପଦ ଖାଲିପଡ଼ିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨୫ଟି ଚିକିତ୍ସାଳୟରେ ଡାକ୍ତର ଓ କର୍ମଚାରୀଙ୍କ ରହିବା ପାଇଁ ଆବାସ ସୁବିଧା ନାହିଁ।୨୬ଟି ଚିକିତ୍ସାଳୟରେ ନିଜସ୍ୱ ଜାଗା ନାହିଁ, ୨ଟିରେ କୋଠା ନ ଥିବା ବେଳେ ୯ ଟି କାର୍ଯ୍ୟରତ ଅବସ୍ଥାରେ ଥିବା ଜଣାପଡ଼ିଛି। ପୁନଶ୍ଚ ୨୪ ଟି ଚିକିତ୍ସାଳୟକୁ ଜଳଯୋଗାଣ ହୋଇନାହିଁ, ସେହିପରି ୩୧ଟି ଚିକିତ୍ସାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆକ୍ୱାଗାର୍ଡ ଇତ୍ୟାଦିର ବ୍ୟବସ୍ଥା ନାହିଁ। ୨୮ଟି ରେ ଶୌଚାଳୟ ଓ ୧୬ ଟି ଚିକିତ୍ସାଳୟରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏଭଳି ସ୍ଥିତିରେ ଜିଲ୍ଲାରେ କେମିତି ଆୟୁଷ ଚିକିତ୍ସା ଚାଲିଥିବ ତାହା ସହଜରେ ଅନୁମେୟ। ଏହିସବୁ ଚିକିତ୍ସାଳୟମାନଙ୍କର ଡାକ୍ତର ଓ କର୍ମଚାରୀଙ୍କ ଅବସର ହେଲେ ନୂତନ ନିଯୁକ୍ତି ମଧ୍ୟ ହେଉନାହିଁ ଫଳରେ ଜିଲ୍ଲାରେ ଆୟୁଷ ଚିକିତ୍ସା ତ୍ରିଶଙ୍କୁରେ ଗତି କରୁଛି।ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ଅବସ୍ଥିତ ସବୁ ଆୟୁଷ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ କଲେ ସମ୍ପୃକ୍ତ ଅଞ୍ଚଳର ଲୋକେ ଉପକୃତ ହେବା ସହ ଆୟୁଷ ଚିକିତ୍ସାର ପ୍ରଚାର ପ୍ରସାର ଓ ଲୋକପ୍ରିୟତା ବୃଦ୍ଧି ପାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ■ କେନାଲ ହୁଡା କାଟି ସମତୁଲ କରିଦେଲା ମିଲ ମାଲିକ

# ଚାଷୀଙ୍କ ମହଲରେ ଉତ୍ତେଜନା

**କଲମପୁର, ୨୫।୧୨ (ସମିସ):** କଲମପୁର ଇନ୍ଦ୍ରାବତୀ ଡାହାଣ ମୁଖ୍ୟ କେନାଲ ସାଗବାରି ଡିଷ୍ଟ୍ରିବ୍ୟୁଟାରି ଶାଖା କେନାଲ ହୁଡା କାଟିବାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଏହା ଦ୍ୱାରା ପାଣି ଯୋଗାଣରେ ବ୍ୟାଘାତ ହେବ ବୋଲି ଆଶଙ୍କା କରି ଚାଷୀମାନେ ପ୍ରତିବାଦ କରିଥିଲେ। ଉତକ୍ଷିପ୍ତ ହୋଇ ମିଲ ମାଲିକଙ୍କ ଭାଇ ଖଗେଶ୍ୱର ସାହୁ ଅସଭ୍ୟ ଭାଷା ପ୍ରୟୋଗ କରି ସମ୍ପୃକ୍ତ ବିଭାଗ, ପୁଲିସ ଓ ଗଣମାଧ୍ୟମ ଉପରେ ବର୍ଷି ଥିଲେ, ଅଭିଯୋଗ ଅନୁସାରେ ଶାଖା କେନାଲର ମଧ୍ୟସ୍ଥଳରୁ ବାମ ଓ ଡାହାଣକୁ ୧୫ ଫୁଟ ଲେଖାଏଁ ଅଧିକୃତ କରାଯାଇଛି। ହେଲେ ସମ୍ପୃକ୍ତ ବାବୁ ଜଣକ କେନାଲରେ ଏକ ହୁଡା ଛାଡିଦେଇ ସବୁତକ ମାଟି କାଢ଼ି ଜମି ନିର୍ମାଣ କରୁଛନ୍ତି। ଫଳରେ ପାଣି ଲିକେଜ ଆଶଙ୍କା କରି ଚାଷୀମାନେ ଘଟଣାସ୍ଥଳରେ ପ୍ରତିବାଦ କରିବାରୁ ଉପସ୍ଥିତ ସମସ୍ତଙ୍କୁ ଗାଳି କରିଥିଲେ। ସାଗବାରିଗ୍ରାମର ଚାଷୀ କୃପାସିନ୍ଧୁ ସାହୁ, ରାଜିନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ, ଅକ୍ଷୟ ପୁରୋହିତ, ତ୍ରିଲୋଚନ ସାହୁ, ସଞ୍ଜିତ ପୁରୋହିତ, କେଶବ ସାହୁ ସମେତ ଏକାଧିକ ଚାଷୀ ଗୋଟିଏ ପଟରେ ରହିଥିବା ବେଳେ ସମ୍ପୃକ୍ତ ମିଲ ମାଲିକଙ୍କ ଭାଇ କାହାକୁ ଖାତିର କରୁନାହାନ୍ତି। ଏନେଇ କଲମପୁର ଇନ୍ଦ୍ରାବତୀ ସହକାରୀ ଯନ୍ତ୍ରୀ କଳାକାର ବାଗ କହିଛନ୍ତି ଏହା ବେଆଇନ ଭାବେ ମାଟି ଖୋଲାଯାଇଛି, ଏଭଳି ହେବାକଥା ନୁହେଁ, ପାଣି ପଞ୍ଚାୟତ ଏଥିପାଇଁ ଦୃଢ଼ ପଦକ୍ଷେପ ନେବା କଥା, ସେମାନେ ଲିଖିତ ଅଭିଯୋଗ କଲେ ଆଇନର ଆଶ୍ରୟ ନିଆଯିବ ବୋଲି କହିଛନ୍ତି। ଏନେଇ ଗ୍ରାମରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ।



# ଡାଲଗୁମା କୋଳରେ ସାରସ୍ୱତ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୫।୧୨ (ସମିସ):** ପ୍ରକୃତି ଓ ସାହିତ୍ୟ ପରସ୍ପର ପରିପୂରକ। ପ୍ରକୃତିର ବନ୍ଦନାରେ ସାହିତ୍ୟ ଚଳଚଞ୍ଚଳ ହୋଇଉଠେ। ପ୍ରକୃତିକୁ ଜୀବନ୍ୟାସ କରେ ସାହିତ୍ୟ।ସାହିତ୍ୟକୁ ପ୍ରକୃତି ଦିଏ ଭାବଗତ ଜୀବନ। ତେଣୁ ଶବ୍ଦ ଓ ପ୍ରକୃତି ନିଜନିଜ ନୈସର୍ଗିକ ସ୍ୱର ଯୋଡି ମଧୁମୟ ପୃଥିବୀ ତିଆରନ୍ତି ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୭ ସଂଖ୍ୟା ସାରସ୍ୱତ ପର୍ବ 'ପ୍ରକୃତି କୋଳରେ ସର୍ବଶ୍ରୀ କବିତା' ପାଳନ ଅବସରରେ ମତ ପ୍ରକାଶ ପାଇଥିଲା। ଭବାନୀପାଟଣା ନିକଟସ୍ଥ ଡାଲଗୁମା ଅରଣ୍ୟ ମଧ୍ୟରେ ଆୟୋଜିତ ଏଇ କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ସାମଲ ପୌରୋହିତ୍ୟ କରିଥିଲେ। ଶିଳ୍ପୀ କାଜଲ ମହାରଣା ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସର୍ବଶ୍ରୀ ସ୍ୱର୍ଣ୍ଣକାନ୍ତି ବୈକାର, ଆନନ୍ଦିନୀ ପାତ୍ର, ଦୀପ୍ତି ମୁଣ୍ଡ, କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ଅର୍ଚ୍ଚନା ମିଶ୍ର, ସକିତ ରତେ, ଅଶୋକ କୁମାର ଖମାରୀ, ତିଳକରାମ ନିଆଲ, ଗୋପବନ୍ଧୁ ପଣ୍ଡା, ଲିଙ୍ଗରାଜ ବୈକାର, ସଞ୍ଜୀବ ପଣ୍ଡା, ପ୍ରତାପ ପଣ୍ଡା, ଯୁଧିଷ୍ଠିର ମୁଦୁଲି, ଆଶୁତୋଷ ପୁରୋହିତ, ବିନା ମୁଣ୍ଡ, ତପନ ସାହୁ ପ୍ରମୁଖ ପ୍ରକୃତିକୁ ନେଇ କବିତାବୃତ୍ତି ଓ ଗପପାଠ କରିଥିଲେ। ସୁରେନ୍ଦ୍ର ମାଝୀ ଓ ରଞ୍ଜିତ ବାଗ ସହାୟତା କରିଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଓ ଯୁଧିଷ୍ଠିର ମୁଦୁଲି ଆସର ପରିଚାଳନା କରିଥିବା ବେଳେ ଯୁବକବି ଆଶୁତୋଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




# ବ୍ରାହ୍ମଣଛେଣ୍ଡିଆ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

**ଧର୍ମଗଡ଼, ୨୫।୧୨(ସମିସ):** ଧର୍ମଗଡ଼ ବ୍ଲକ ବ୍ରାହ୍ମଣଛେଣ୍ଡିଆ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଟିକେଶ୍ୱର ନାଏକଙ୍କ ସଂଯୋଜନା ଓ ଆବାହନକ୍ରମେ ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ବ୍ରାହ୍ମଣ ଛେଣ୍ଡିଆରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧା ମଞ୍ଜରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ବିଦ୍ୟାଳୟ ନିରୀକ୍ଷକ ଅନିରୁଦ୍ଧ ମୁଣ୍ଡ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ବ୍ରାହ୍ମଣ ଛେଣ୍ଡିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହୋମରାଜ ନାଏକ, ନାଏବ ସରପଞ୍ଚ ସୀତା ଶବର, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିନେଶ କୁମାର ନାଏକ, ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ପାତ୍ର ଓ କାଁକେରି ସିଆରସିସି ମଞ୍ଚାସିନ ଥିଲେ। ଅତିଥି ମାନେ ଶିକ୍ଷାର ଗୁରୁତ୍ୱ ତଥା ବିଦ୍ୟାଳୟରେ ନାମ ଲେଖାଇ ଭବିଷ୍ୟତ ନିର୍ମାଣ କରିବା ସହ ଏକ ଶିକ୍ଷିତ ସମାଜ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମ ରେ ପାଠ ୪୦ରୁ ଉର୍ଦ୍ଧ୍ୱ ପାଠଛାଡିଥିବା ଛାତ୍ର ଛାତ୍ରୀ ସହିତ ତାଙ୍କର ଅଭିଭାବକ ଓ ପୁରାତନ ଛାତ୍ର, ଅଙ୍ଗନବାଡି ଦିଦି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସଦସ୍ୟ ଯୋଗଦେଇଥିଲେ। ପାଠ ଛାଡିଥିବା୧୩ ଜଣ ଛାତ୍ର ଛାତ୍ରୀ ନିଃଶୁଳ୍କରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇ ଥିଲେ। କ୍ଲଷ୍ଟରସ୍ତରୀୟ ନାମଲେଖା ଦାୟିତ୍ୱରେ କେବିଡି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କବିତା ମୁଣ୍ଡ, ମୌଳିକ ସାକ୍ଷରତା ଦାୟିତ୍ୱରେ ଗୀତାଞ୍ଜଳି ମାଝୀ, ମୌଳିକ ସଂଖ୍ୟା ଜ୍ଞାନ ଦାୟିତ୍ୱ ମୀରା ନାଏକ ଓ ସଚେତନତା ଗ୍ରାମ ପରିକ୍ରମା ଦାୟିତ୍ୱରେ ବରିଷ୍ଠ ଶିକ୍ଷକ ଆଶିଷ କୁମାର ମୁଣ୍ଡ ଓ ସିମାଞ୍ଚଳ ଗୋପାଳ ରହିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଟିକେଶ୍ୱର ନାଏକ ପରିଚାଳନା କରିଥିବା ବେଳେ ଚିଲିଚିଲା ବିଦ୍ୟାଳୟ ପ୍ରଧା ଶିକ୍ଷକ ଚକ୍ରଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର, ଜଣେ ଆହତ

**ଥୁଆମୂଳରାମପୁର, ୨୫।୧୨(ସମିସ):** କଳାହାଣ୍ଡି ଜିଲ୍ଲାର ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ସୀମାନ୍ତ ସିଲେଟ ପଞ୍ଚାୟତର ଦାଣ୍ଡପଦର-ସିଲେଟ କେନ୍ଦୁଘାଟି ରାସ୍ତାରେ ବାଇକ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଛି।ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ନାକୁରୁଣ୍ଡି ପଞ୍ଚାୟତର ସୁଇଙ୍ଗ ଗାଁର ତେଲି ମାଝୀ(୨୪), ରାଇ ମାଝୀ(୫୫)ଏବଂ ମାନସିଂ ମାଝୀ(୨୩) ତିନିଜଣ ସିଲେଟ ପଞ୍ଚାୟତର କୁଟଖାଲ୍ ଗାଁକୁ ନିଜ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ତେଲି ମାଝୀ ଏବଂ ରାଇ ମାଝୀ ଗୁରୁତର ଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଥିବା ଜଣାପଡ଼ିଛି।ହେଲେ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ନେବାପାଇଁ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରିଥିଲେ।କିନ୍ତୁ କୌଣସି ଆମ୍ବୁଲାନ୍ସ ଉପଲବ୍ଧ ନଥିବା ଜାଣିବାକୁ ପାଇଥିଲେ।ସିଲେଟ ପଞ୍ଚାୟତରେ ଉକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ସ୍ୱରାଜ ନାମକ ଏକ ସଂସ୍ଥା ତରଫରୁ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି।ହେଲେ ସେମାନଙ୍କ ସହିତ ଯୋଗାଯୋଗ କଲାପରେ ମଧ୍ୟ କୌଣସି ସହଯୋଗ ମିଳିପାରିନଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଶେଷରେ ଘଟଣାସ୍ଥଳରେ ସ୍ଥାନୀୟ ସମିତି ସଭ୍ୟ ବିପିନ ନାଏକ, ସରପଞ୍ଚଙ୍କ ସ୍ୱାମୀ ସାନ ମାଝୀ ଏବଂ ଦାଣ୍ଡପଦର ଗ୍ରାମର କିଛି ଯୁବକଙ୍କ ଉଦ୍ୟମରେ ସାନ ମାଝୀଙ୍କ ଟାଟା ମେଜିକ୍ ଗାଡିରେ ନେଇ କଲ୍ୟାଣସିଂପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ। ତେଲି ମାଝୀ ଏବଂ ରାଇ ମାଝୀଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ରହିଛି।

# ଚିଚିଆ ଆଞ୍ଚଳିକ ଯାଦବ ସମାଜର କର୍ମକର୍ତ୍ତା ଚୟନ



**ଗୋଲାମୁଣ୍ଡା, ୨୫।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ଅନ୍ତର୍ଗତ ଚିଚିଆ ଆଞ୍ଚଳିକ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ ଚିଚିଆ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଯାଦବସମାଜର ସମ୍ପାଦକ ପରୀକ୍ଷିତ ଖର୍ସେଲ ଉପସ୍ଥିତିରେ ସମାଜ ସଂକ୍ରାନ୍ତିୟ ଆଲୋଚନା ସହିତ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେକୃପା ବାଗ, ଉପସଭାପତି ପ୍ରଶନ୍ନ ନାଗ, ସମ୍ପାଦକ ଅଶ୍ୱିନ ନାଗ, ଯୁଗ୍ମ ସମ୍ପାଦକ ଗୁଞ୍ଜ ଭାଟି, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାଗ, ଯୁବ ଯାଦବ ସଭାପତି ରାଜେଶ ବାଗ, ଉପ ସଭାପତି ଚୈତନ୍ୟ ବାଗ, ସମ୍ପାଦକ ରାକେଶ ବାଗ, କୋଷାଧ୍ୟକ୍ଷ ବିକାଶ ବାଗ ଉପଦେଷ୍ଟା ମଣ୍ଡଳିରେ ଗୁନସାଗର ବାଗ, ଇଶ୍ୱରୀ ବାଗ, କ୍ଷିରସିନ୍ଧୁ ବାଗ, ନାରାୟଣ ହାତୀ, ମଧୁବାଗ, ତୁଳସୀ ଖର୍ସେଲ, କାର୍ତ୍ତିକ ଚଲାନ, ସୁଦର୍ଶନ ବାଗ, ଜୟ ବାଗ, ସୁବାଷ ଭରାସଗରିଆ, ଉଁଆସୁ ବଗର୍ତ୍ତୀ, ଗକୁଲ ଭାଟି, ବୈଷ୍ଣବ ନିଆଲ, ଭିମ ଚନ୍ଦ୍ର ଭାଟି ପ୍ରମୁଖ ଚୟନ ହୋଇଛନ୍ତି।



## ବିଲ ପୈଠ ନ ହେବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

# ବିଶୁଦ୍ଧ ପାନୀୟ ଜଳ ପାଇବାରୁ ୫ ଶହ ପରିବାର ବଞ୍ଚିତ

**କଲମପୁର, ୨୫।୧୨(ସମିସ)**

ବିଦ୍ୟୁତ୍ ବିଲ ପୈଠ କରି ନ ପାରିବାରୁ ପାନୀୟ ଜଳ ଯୋଗାଣ ଠପ ହୋଇ ପଡ଼ିଛି। ଏଭଳି ଅବସ୍ଥା କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳର ବଡକୁଟ୍ରୁ ପଞ୍ଚାୟତରେ ଦେଖିବାକୁ ମିଳିଛି। ଫଳରେ ଜନ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ଦେୟ ବକେୟା ଥିବା ନେଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆ ଯାଇଛି। ଏଥିପାଇଁ ପ୍ରାୟ ମାସେ ହେବ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଲୋକେ କିପରି ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ ସେ ସକାଶେ ରାଜକୋଷରୁ କୋଟି କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଏହି ପଞ୍ଚାୟତରେ ୨କୋଟି ଟଙ୍କା ବ୍ୟୟ ଅଟକଳରେ ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଛି। ଏହାର ପରିଚାଳନା ଦାୟିତ୍ୱ ପଞ୍ଚାୟତ ହାତରେ ନ୍ୟସ୍ତ ରହିଛି। ହେଲେ ଏହି ପଞ୍ଚାୟତ ପ୍ରାୟ ୨ଲକ୍ଷ ଟଙ୍କା ବିଦ୍ୟୁତ୍ ବିଲ ପୈଠ କରି ପାରିନାହିଁ। ଏଥିଯୋଗୁଁ ବିଦ୍ୟୁତ୍ ଯୋଗାଣ ସଂଯୋଗ ବିଚ୍ଛିନ୍ନ କରି ଦେଇଛି। ଯଦ୍ୱାରା ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଏନେଇ ବଡକୁଟ୍ରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିକାଶ ମାଝୀ ବିଦ୍ୟୁତ୍ ବିଚ୍ଛିନ୍ନ ଘଟଣାକୁ ସ୍ୱିକାର କରିବା ସହିତ ବିଦ୍ୟୁତ୍ ବିଲ ପୈଠ କରିବାରେ ଡିଜିଟାଲ ଦସ୍ତଖତକୁ ଦାୟି କରିଛନ୍ତି। ଏଥିରେ ସମସ୍ୟା ଥିବାରୁ ବିଲ ପୈଠ ହୋଇ ପାରି ନ ଥିବା କହିଛନ୍ତି। ଏନେଇ ସରପଞ୍ଚ ଗଣେଶ ପଣ୍ଡା ମଧ୍ୟ ଦୁଃଖ ପ୍ରକାଶ କରିବା ସହିତ ଡିଜିଟାଲ ଦସ୍ତଖତର ସମସ୍ୟା ଦୂରିଭୁତ ହେବା କ୍ଷଣି ବିଲ ପୈଠ କରାଯିବ ବୋଲି କହିଛନ୍ତି। ବିଡିଓ ବିଜୟ ମାଣ୍ଡାଙ୍ଗି ମଧ୍ୟ ବିଦ୍ୟୁତ୍ ବିଭାଗ ସହିତ ଆଲେଚନା କରି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କହିଛନ୍ତି। ୫ଶହ ପରିବାର କେବେ ବିଶୁଦ୍ଧ ପାନୀୟ ଜଳ ପାଇବେ ଅପେକ୍ଷା କରି ରହିଛନ୍ତି।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## ବିପଦରେ ତଥ୍ୟ

ଆଇଟି ବିଶେଷଜ୍ଞମାନେ ଡାଳେ ଡାଳେ ଗଲେ ହ୍ୟାକର ଓ ସାଇବର ଅପରାଧୀମାନେ ପତ୍ରେ ପତ୍ରେ ଯାଉଛନ୍ତି । ସାଇବର ସୁରକ୍ଷାକୁ ସରକାର ଯେତେ ଦୃଢ଼ କଲେ ମଧ୍ୟ ପ୍ରତିଦିନ ସାଇବର ଅପରାଧ ଜଗତରୁ ନୂଆ ଆହ୍ୱାନ ଓ ଆଶଙ୍କା ସୃଷ୍ଟି ହେଉଛି । ନିକଟରେ ପ୍ରାୟ ୬୮ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇମେଲ୍ ଆଇଡି ଓ ପାସ୍‌ୱାର୍ଡ ପ୍ରଘଟ ହୋଇଥିବା ମଧ୍ୟପ୍ରଦେଶ ପୁଲିସ୍‌ର ସାଇବର ସେଲ୍‌ଫ ସୂଚନା ଦେବା ସହିତ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛି । କିଛିଦିନ ପୂର୍ବରୁ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା । ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହେବା ନିଶ୍ଚିତ । ବର୍ତ୍ତମାନ ଦେଶରେ ସାଇବର ନିରାପତ୍ତାର ଦୁଃସ୍ଥିତି ଏପରି ହୋଇଛି ଯେ ଲୋକସଭା ସାଂସଦମାନଙ୍କୁ ସ୍ମାର୍ଟଫୋନ୍, ସ୍ମାର୍ଟ ୱାଚ୍ ଓ ସ୍ମାର୍ଟ ଚଷମା ଆଦି ସଂସଦ ପରିସରକୁ ନ ଆଣିବାକୁ ମାର୍ଗଦର୍ଶିକା ଜାରି କରାଯାଇଛି । ଦେଶର କୋଟି କୋଟି ଜନସାଧାରଣଙ୍କ ସାଇବର ଓ ଗୋପନୀୟ ତଥ୍ୟ ସୁରକ୍ଷାରେ ଯେ ସରକାର ଦୃଢ଼ ନିଶ୍ଚିତ ନୁହନ୍ତି ତାହା ଏହି ମାର୍ଗଦର୍ଶିକା ଜାରି ପରେ ପ୍ରମାଣିତ ହେଉଛି ।

ଏବେ ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ତଥ୍ୟ ପ୍ରଘଟ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି । ତଥ୍ୟ ସୁରକ୍ଷା ଓ ଗୋପନୀୟତା ରକ୍ଷା ପାଇଁ ସରକାର ଆଇନ ପରେ ଆଇନ ଆଣୁଥିଲେ ମଧ୍ୟ ରୂପାୟନ ସ୍ତରରେ ରହିଯାଉଥିବା ଗଳାବାଟର ସୁଯୋଗ ନେଇ ସାଇବର ଅପରାଧୀମାନେ ସହଜରେ ଲକ୍ଷ୍ୟ ହାସଲ କରି ନେଉଛନ୍ତି । ଆଉ ଏକ ଉଦ୍‌ବେଗଜନକ ବିଷୟ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ 'ଆଧାର' ଏବେ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ହୋଇଯାଇଛି । ସତେଯେମିତି ଆଧାର ବିନା ମଣିଷ ଜୀବନଯାତ୍ରା ଅସମ୍ଭବ ଓ ଅସମ୍ପୂର୍ଣ୍ଣ । ପରିସ୍ଥିତି ଏପରି ହୋଇଛି ଯେ ଆଧାର ନମ୍ବର ଦେବ ନତୁବା ସେବା ହାସଲ କରିବ ନାହିଁ । ଏଭଳି ପରିସ୍ଥିତି ହ୍ୟାକରଙ୍କୁ ସୁହାଉଛି । ସେମାନେ ତଥ୍ୟ ଚୋରି କରି ନେଇ ବିଦେଶୀ ସରକାରଙ୍କୁ ବିକ୍ରି କରି ପ୍ରଚୁର ଲାଭ ପାଉଛନ୍ତି ।

ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ସରକାର ଯୋଜନା କରୁଥିଲେ ହେଁ ତାହା ତଥ୍ୟ ଓ ଗୋପନୀୟତା ରକ୍ଷା ପାଇଁ ଯଥେଷ୍ଟ ନୁହେଁ । ତଥ୍ୟ ପ୍ରଘଟ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ଦେଶ ପ୍ରତି ମଧ୍ୟ ବିପଦ । ତେଣୁ ବେଳ ହୁଁ ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ ।।

## ବିବଶ ପଡ଼ୋଶୀ

ବାଂଲାଦେଶରେ ମତାନ୍ଧ ମୌଳବାଦୀଙ୍କ ପ୍ରଚ୍ଛନ୍ନ ପ୍ରୋତ୍ସାହନରେ ସୃଷ୍ଟ ସାମ୍ପ୍ରଦାୟିକ ହିଂସାର ନିଆଁଠାରୁ ବଳି ଯାଇଛି ଭୋକର ନିଆଁ । ଭାରତ ବିରୋଧରେ ବିଷୋଦ୍‌ଗାର କରୁଥିବା ସେଠାକାର କାମଚଳା ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ଶେଷରେ ଖାଦ୍ୟଶସ୍ୟ ପାଇଁ ଭାରତ ପାଖରେ ହାତ ପାତିଛନ୍ତି । ସବୁଠାରୁ ଚମକପ୍ରଦ ଖବରଟି ହେଉଛି ବାଂଲାଦେଶକୁ ଶସ୍ୟ ସଙ୍କଟରୁ ଉଦ୍ଧାର କରିବା ଲାଗି ନୂଆ ନୂଆ ହିତାକାଂକ୍ଷୀ ହୋଇଥିବା ପାକିସ୍ତାନ ମଧ୍ୟ ପଛଘୁଞ୍ଚା ଦେଇଛି । ଏଥିରୁ ୟୁନୁସ୍ କି ଶିକ୍ଷା ପାଇଥିବେ ତାଙ୍କୁ ଜଣା ।

ଗତବର୍ଷ ଅଗଷ୍ଟ ମାସରେ ଶେଖ୍ ହସିନା ପ୍ରଧାନମନ୍ତ୍ରୀ ପଦରୁ ଗାଦିଚ୍ୟୁତ ହେବା ପରଠାରୁ ବାଂଲାଦେଶରେ ସଂଖ୍ୟାଲଘୁ ବିରୋଧୀ ହିଂସା ଏବଂ ଭାରତ ବିରୋଧରେ ପ୍ରତିକ୍ରିୟା ତୀବ୍ର ହେବାରେ ଲାଗିଛି । ଜନ୍ମଦାତା ଓ ଆଶ୍ରୟଦାତା ଭାରତର ସାହାଯ୍ୟ ସହଯୋଗକୁ ଭୁଲି ଚୀନ୍ ଓ ପାକିସ୍ତାନ ପ୍ରତି ୟୁନୁସ୍ ବନ୍ଧୁତ୍ୱର ହାତ ବଢ଼ାଇଛନ୍ତି । ଏପରିକି ସେହି ଦୁଇ ଦୁଷ୍ଟ ରାଷ୍ଟ୍ରର ପ୍ରରୋଚନାରେ ଭାରତର ଅଖଣ୍ଡତା ବିରୋଧରେ ମନ୍ତବ୍ୟମାନ ଦେଉଛନ୍ତି । ଏହା ମୌଳବାଦୀମାନଙ୍କୁ ସାମ୍ପ୍ରଦାୟିକ ହିଂସା ଭିଆଇବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି । ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ୍ ରେହେମାନ୍ ନିର୍ବାସନରୁ ଏବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେଠାରେ ସାମ୍ପ୍ରଦାୟିକ ହିଂସା ଆହୁରି ବ୍ୟାପକ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ବିବଶ ବାଂଲାର ବିଡ଼ମ୍ବନା ଏହା ଯେ ସେଠାରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ପାଇଁ ଦାୟିତ୍ୱ ନେଇଥିବା ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍ ହିଁ ଆସନ୍ତା ଫେବୃଆରୀ ମାସରେ ହେବାକୁ ଥିବା ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଉଦ୍ଦେଶ୍ୟମୂଳକ ଭାବେ ହିଂସା ଓ ଅସ୍ଥିରତାକୁ ପ୍ରଶ୍ରୟ ଦେଉଛନ୍ତି । ଗତବର୍ଷ ଅଗଷ୍ଟ ମାସରେ ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପଛର କାରଣ ଏବେ ସ୍ପଷ୍ଟ ହେଉଛି । ସେଠାରେ ଏକ ନିର୍ବାଚିତ ସରକାର ଶପଥ ନେବା ସହିତ ୟୁନୁସ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହେବ । ପରିଣତ ବୟସରେ କ୍ଷମତାଲୋଭରେ ବଶବର୍ତ୍ତୀ ହୋଇ ୟୁନୁସ୍ ଯେଉଁ ଚକ୍ରାନ୍ତ ରଚିଛନ୍ତି, ସେଥିରେ ସେ ନିଜେ ହିଁ ଫସି ଯାଇଛନ୍ତି । ଅର୍ଥନୈତିକ ଅଭିବୃଦ୍ଧି ହାର ୩%କୁ ହ୍ରାସ ପାଇଥିବା ବେଳେ ମୁଦ୍ରାସ୍ଫୀତି ଦୁଇ ଅଙ୍କ ଛୁଇଁଛି, ୨୧ ଲକ୍ଷ ଛଟେଇ ହେବା ସହିତ ବେରୋଜଗାର ବଢ଼ି ଚାଲିଛି । ସବୁଠାରୁ ଉତ୍କଟ ହୋଇଛି ଖାଦ୍ୟ ଶସ୍ୟ ସମସ୍ୟା । ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବାଂଲାଦେଶକୁ ନିହାତି ୯ ଲକ୍ଷ ଟନ୍ ଚାଉଳ ଆବଶ୍ୟକ । ଅପରପକ୍ଷରେ ଚୀନ୍ ଓ ପାକିସ୍ତାନ ଯେଉଁ ଦରରେ ଚାଉଳ ଯୋଗାଣ ପାଇଁ ମୂଲଚାଲ୍ କରିଛନ୍ତି ଆର୍ଥିକ ଦୃଷ୍ଟିରୁ ବାଂଲାଦେଶ ତାହା ଗ୍ରହଣ କରିବା ସ୍ଥିତିରେ ନାହିଁ । ତେଣୁ ସୁଲଭ ମୂଲ୍ୟରେ ଚାଉଳ ଯୋଗାଇ ଦେବା ପାଇଁ ଭାରତ ହିଁ ଶେଷ ସହାୟ ବୋଲି ୟୁନୁସ୍‌ଙ୍କ ଚେତା ପଶିଛି ।

ଏବେ ବାଂଲାଦେଶର ଖାଦ୍ୟ ନିରାପତ୍ତା ଭାରତର ନିଷ୍ପତ୍ତି ଉପରେ ନିର୍ଭର କରୁଥିବା ବେଳେ ଚାଉଳ ରପ୍ତାନୀ ନ କରିବା ପାଇଁ ଭାରତ ଭିତରୁ ସ୍ୱର ତେଜିଛି । 'ପଡ଼ୋଶୀ ପ୍ରଥମ' ନୀତିରେ ଭାରତ ସବୁ ପରିସ୍ଥିତିରେ ବାଂଲାଦେଶକୁ ସହାୟତାର ହାତ ବଢ଼ାଇଛି । ତେଣୁ ସାରା ବିଶ୍ୱ ଏବେ ବାଂଲାଦେଶର ବିବଶତାକୁ ଦେଖୁଛି ଏବଂ ଭାରତର ମାନବିକ ପଦକ୍ଷେପକୁ ଅପେକ୍ଷା କରି ରହିଛି । ଏଥିସହିତ ଚୀନ୍ ଓ ପାକିସ୍ତାନ ଛଳନା ମଧ୍ୟ ପୁଣି ଥରେ ବିଶ୍ୱମଞ୍ଚରେ ଅଭିନୀତ ହୋଇଛି ।

# ଦୋଛକିରେ ବାଂଲାଦେଶ

ଡା. ରାଜ କିଶୋର ପଣ୍ଡା

ବାଂଲାଦେଶର ପରିସ୍ଥିତି ବର୍ତ୍ତମାନ ସମୟରେ କାହାରିକୁ ଅଜଣା ନାହିଁ । ଗତବର୍ଷ ଅଗଷ୍ଟ ମାସରୁ ସେଠାରେ ଆରମ୍ଭ ହୋଇଥିବା ବ୍ୟାପକ ହିଂସା ଓ ଉତ୍ତେଜନା ଏବେ ମଧ୍ୟ ଜାରି ରହିଛି । ପ୍ରବଳ ବିରୋଧ ପରେ ପ୍ରଧାନମନ୍ତ୍ରୀ ଶେଖ ହାସିନା ଗାଦିଚ୍ୟୁତ ହୋଇ ଭାରତରେ ଆଶ୍ରୟ ନେଇଛନ୍ତି । ଧର୍ମାନ୍ଧ ମୌଳବାଦୀଙ୍କ ସମର୍ଥନରେ ସେଠାରେ ଚାଲିଥିବା କାମଚଳା ସରକାର ଅଧୀନରେ ହିନ୍ଦୁ ଓ ଭାରତ ବିରୋଧୀ ହିଂସା ବଢ଼ିଚାଲିଛି । ଡିସେମ୍ବର ୧୨ ତାରିଖରେ ସେଠାକାର ବିପ୍ଳବୀ କବି ତଥା ଭାରତ ବିରୋଧୀ ଯୁବନେତା ସରିଫ୍ ଓସମାନ ହାଦିଙ୍କୁ ହତ୍ୟା ପରବର୍ତ୍ତୀ ହିଂସା ଦେଶର ଶାନ୍ତି ଓ ସ୍ଥିରତାକୁ ଅଧିକ ଅନ୍ଧକାରମୟ କରିଦେଇଛି । ଦୁର୍ଭାଗ୍ୟଜନକ ଭାବରେ ଏହାର ପ୍ରତିକ୍ରିୟା ସ୍ୱରୂପ ଭିଡ଼ ହିଂସାର ଶିକାର ହୋଇଛନ୍ତି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକ । ମତାନ୍ଧ ଗୋଷ୍ଠୀ ଦୀପୁଙ୍କୁ ନୃଶଂସତାର ସହ ମାଡ଼ ମାରି ତାଙ୍କୁ ଲହୁଲୁହାଣ କଲେ ଏବଂ ତାଙ୍କ ମୃତଦେହକୁ ଗଛରେ ବାନ୍ଧି ସେଥିରେ ଅଗ୍ନିସଂଯୋଗ କରିଦେଲେ । ଏହାଠାରୁ ବଳି ଚିନ୍ତାଜନକ ଖବର ସାମ୍ପ୍ରତିକ ସମୟରେ ଆଉ କ'ଣ ହୋଇପାରିବ?

ଏହି ପ୍ରବନ୍ଧଟି ଲେଖିବା ବେଳକୁ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟାକାରୀଙ୍କ ମଧ୍ୟରୁ ବାରଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ସରିଫ ହାଦିଙ୍କ ହତ୍ୟାକାରୀମାନଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ । ବାଂଲାଦେଶ ଏବେ ହିଂସାର ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ ହୋଇସାରିଛି, ଯାହା ପ୍ରଶମିତ ହେବାର ସମ୍ଭାବନା ଦେଖାଯାଉନାହିଁ । ଏହାର ପ୍ରଥମ କାରଣ ଆଗାମୀ ଫେବୃଆରୀରେ ଏଠାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଏବଂ ଦ୍ୱିତୀୟରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରେହେମାନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି । ମୌଳବାଦୀ ସମର୍ଥକ ଖାଲେଦା ଜିଆଙ୍କର ପୁତ୍ର ତାରିକ୍‌ଙ୍କୁ ହସିନାଙ୍କ ଶାସନ କାଳରେ ଦେଶାନ୍ତର କରାଯାଇଥିଲା । ଦୀର୍ଘ ପ୍ରାୟ ଅଠର ବର୍ଷ ଧରି ନିର୍ବାସନ ଦଣ୍ଡ ଭୋଗୁଥିବା ତାରିକ୍ ହସିନା ଗାଦିଚ୍ୟୁତ ହେବା ପରେ ନିଜ ଦେଶକୁ ଫେରିଥିବାରୁ ତାଙ୍କ ଭିତରେ ଜଳୁଥିବା ପ୍ରତିଶୋଧର ଅଗ୍ନି ନିଶ୍ଚୟ ବାଂଲାଦେଶକୁ ଆହୁରି ଅଶାନ୍ତ କରିପାରେ । ଅପରପକ୍ଷରେ ତାଙ୍କର ସୁରକ୍ଷା ମଧ୍ୟ ବାଂଲାଦେଶର କାମଚଳା ସରକାରଙ୍କ ପାଇଁ ଆଉ ଏକ ଆହ୍ୱାନ ସୃଷ୍ଟି କରିଛି । ବିରୋଧୀ ହସିନା ଗୋଷ୍ଠୀ ପକ୍ଷରୁ ତାଙ୍କ ଉପରେ ସାମାନ୍ୟତମ ଆକ୍ରମଣ ହେଲେ ମଧ୍ୟ ବାଂଲାଦେଶରେ ହିଂସା ଅଣାୟତ୍ତ ହୋଇପଡ଼ିବ ।

ପାକିସ୍ତାନ ଭଳି ବାଂଲାଦେଶରେ ମଧ୍ୟ ରାଜନୈତିକ ହତ୍ୟାର ଏକ ଲମ୍ବା ଇତିହାସ ରହିଆସିଛି । ବାଂଲାଦେଶର ଜନ୍ମଦାତା ବଙ୍ଗବନ୍ଧୁ ଶେଖ ମୁଜିବୁର ରେହେମାନ ଏବଂ ତାଙ୍କ ପରିବାର ବର୍ଗଙ୍କୁ କିଛି ଅସନ୍ତୁଷ୍ଟ ସେନା ଅଧିକାରୀ ଅଗଷ୍ଟ ୧୫, ୧୯୭୫ ରେ ନିର୍ମମତାର ସହ ହତ୍ୟା କରିଥିଲେ । ତାରିକ ରେହେମାନଙ୍କର ପିତା ଜିଆ-ଉର ରେହେମାନ, ଯିଏ ନିଜେ ଜଣେ ସେନା ଅଧିକାରୀ ଥିଲେ ଏବଂ ବଙ୍ଗବନ୍ଧୁଙ୍କ ପରେ ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଥିଲେ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା ସେନାର ବିଦ୍ରୋହ ଦ୍ୱାରା ୧୯୭୯ରେ । ସେହିପରି ବଙ୍ଗବନ୍ଧୁଙ୍କର କନ୍ୟା ଶେଖ ହସିନାଙ୍କ ଉପରେ ମଧ୍ୟ ବହୁବାର ପ୍ରାଣାନ୍ତକ ଆକ୍ରମଣ ହୋଇଛି । ଏଥିମଧ୍ୟରୁ ୨୦୦୪ର ଗ୍ରେନେଡ୍ ଆକ୍ରମଣ ଅନ୍ୟତମ । ଆୱାମୀ ଲିଗର ବହୁ ନେତୃବୃନ୍ଦ ଏହି ଆକ୍ରମଣରେ ମୃତାହତ ହୋଇଥିଲେ । ତାରିକ୍ ରେହେମାନ, ଖାଲେଦା ଜିଆ ଏବଂ ବିଏନ୍‌ପିର ଅନ୍ୟାନ୍ୟ ନେତାମାନଙ୍କୁ ଏହି ଆକ୍ରମଣ ପାଇଁ ଦାୟୀ କରି ସେମାନଙ୍କ ବିରୁଦ୍ଧରେ ମୋକଦ୍ଦମା ମଧ୍ୟ ହୋଇଥିଲା । ସମ୍ପ୍ରତି ବାଂଲାଦେଶର ସର୍ବୋଚ୍ଚ ଅଦାଲତ ଏହି ମାମଲାକୁ ରଦ୍ଦ କରିଛନ୍ତି ।

ତାରିକଙ୍କର ବାଂଲାଦେଶକୁ ପ୍ରତ୍ୟାବର୍ତ୍ତନ ଓ ଓସମାନ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ହିଂସା କାକତାଳିକ ହୋଇପାରେ । କିନ୍ତୁ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ବିକ୍ଷୋଭ ଓ ହିଂସାରେ ବାଂଲାଦେଶର ଦୁଇଟି ପ୍ରତିଷ୍ଠିତ ଖବର କାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ' ଉପରେ ମଧ୍ୟ ଆକ୍ରମଣ ହୋଇଛି । ଯଦିଓ ଏହି ଦୁଇଟି ଖବରକାଗଜ ଶେଖ ହାସିନାଙ୍କ ବିରୋଧୀ ଥିଲେ ଏବଂ ଗତବର୍ଷ ଜୁଲାଇରେ ସଂଘଟିତ ହୋଇଥିବା ଗଣଆନ୍ଦୋଳନର ସମର୍ଥକ ଥିଲେ, ଏମାନଙ୍କ ଉପରେ ଆକ୍ରମଣର କାରଣ ତର୍ଜମା କଲା ବେଳେ ଭିନ୍ନ ସଂକେତ ମିଳୁଛି । ହାଦିଙ୍କ ମୃତ୍ୟୁ ପାଇଁ ବାଂଲାଦେଶର ବିଭିନ୍ନ ଇସଲାମୀୟ ମୌଳବାଦୀ ଗୋଷ୍ଠୀ ଶେଖ ହାସିନାଙ୍କୁ ଓ ତାଙ୍କୁ ଆଶ୍ରୟ ଦେଇଥିବାରୁ ପରୋକ୍ଷରେ ଭାରତକୁ ଦାୟୀ କରୁଛନ୍ତି । ଏହି ପ୍ରସଙ୍ଗକୁ ନେଇ ଢାକାରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ତେବେ ବିଭିନ୍ନ ସୂତ୍ରରୁ ଜାଣିବାକୁ ମିଳୁଛି କି ବାଂଲାଦେଶର ଏଭଳି ପରିସ୍ଥିତିକୁ ସୃଷ୍ଟି କରିବାରେ ଜମାତ-ଇ-ଇସଲାମୀର ସବୁଠାରୁ ବଡ଼ ହାତ ରହିଛି । ସମ୍ପ୍ରତି ଏହା ବାଂଲାଦେଶର ସବୁଠାରୁ ବୃହତ୍ ଇସଲାମୀୟ ମୌଳବାଦୀ ଓ ଆତଙ୍କବାଦୀ ସଙ୍ଗଠନ । ଶେଖ ହସିନାଙ୍କ ଶାସନ ସମୟରେ ସେ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ପ୍ରଭାବକୁ କ୍ଷୁଣ୍ଣ କରିଥିଲେ । ହସିନା ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କର ସ୍ୱାର୍ଥରକ୍ଷା କରିବା ସହିତ ଦେଶର ଧର୍ମନିରପେକ୍ଷତାକୁ ବଜାୟ ରଖିଥିଲେ ଏବଂ ଭାରତ ସହିତ ଉତ୍ତମ ସମ୍ପର୍କ ରଖିଥିଲେ । କିନ୍ତୁ ଗତବର୍ଷର ବିଦ୍ରୋହ ଓ ଶେଖ ହସିନାଙ୍କ ଭାରତ ପଳାୟନ ପରେ ଜମାତ ନିଜର ଭାରତବିରୋଧୀ କାର୍ଯ୍ୟକଳାପ, ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ଦ୍ୱାରା ବାଂଲାଦେଶକୁ ଏକ ଇସଲାମୀୟ ରାଷ୍ଟ୍ରରେ ପରିଣତ କରିବା ପାଇଁ ଚେଷ୍ଟା କରୁଛି । ରୋଚକ କଥା ଏହି ଯେ ହସିନାଙ୍କ ଶାସନ ସମୟରେ ଯେଉଁ ଜମାତ, ଖାଲେଦା ଜିଆଙ୍କ ଦଳ ବିଏନପିକୁ ସମର୍ଥନ କରୁଥିଲା, ବର୍ତ୍ତମାନ ପରିସ୍ଥିତିରେ ଏହି ଦଳ ସହ ପ୍ରତିଦ୍ୱନ୍ଦ୍ୱିତା କରି ସବୁଠାରୁ ଶକ୍ତିଶାଳୀ ଦଳ ହେବା ପାଇଁ ଚେଷ୍ଟା କରୁଛି ।

ସେଠାକାର ବହୁଳ ପ୍ରସାରିତ ଖବରକାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ', ଯେଉଁମାନେ କି ଶେଖ ହାସିନାଙ୍କ ଦୃଢ଼ ସମାଲୋଚକ ଥିଲେ, ସେମାନଙ୍କର କାର୍ଯ୍ୟାଳୟ ଉପରେ ଆକ୍ରମଣ ପଛର କାରଣ ଏବେ ଧୀରେଧୀରେ ସାମନାକୁ ଆସୁଛି । ୧୯୭୧ ମସିହାରେ ସଂଘଟିତ ପାକିସ୍ତାନ ସେନାର ନୃଶଂସ ଅତ୍ୟାଚାର, ବଳାତ୍କାର ଏବଂ ବାଂଲାଦେଶ ମୁକ୍ତିବାହିନୀର ଅତୁଳନୀୟ ତ୍ୟାଗ ସମ୍ବଳିତ 'ବାଂଲାଦେଶର ମୁକ୍ତି ସଂଗ୍ରାମ'ର ଇତିହାସକୁ ବିଲୋପ କରିବା ପାଇଁ ଜମାତ୍ ଚେଷ୍ଟା କରୁଥିବା ବେଳେ ଉପରଲିଖିତ ଖବରକାଗଜ ଦୁଇଟି ଏହାର ବିରୋଧ କରୁଛନ୍ତି । ଜମାତ ଓ ୟୁନସ୍ ସରକାର ଏହିପରି କରିବାର କାରଣ, ପାକିସ୍ତାନ ଓ ବାଂଲାଦେଶର ସାମ୍ପ୍ରତିକ ସମୟରେ ବଢ଼ୁଥିବା ଘନିଷ୍ଠତା । ଆମେମାନେ ଲକ୍ଷ୍ୟ କଲେ ଜାଣିପାରିବା ଯେ, ୧୯୭୧ ମସିହା ପରେ ପ୍ରଥମଥର ପାଇଁ ପାକିସ୍ତାନ ଓ ବାଂଲାଦେଶ ପରସ୍ପରର ନିକଟବର୍ତ୍ତୀ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ହେଉଥିବା ଦ୍ୱିପାକ୍ଷିକ ଆଲୋଚନା ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ବାରମ୍ବାର ବାଂଲାଦେଶ ଗସ୍ତରୁ ଏହା ସ୍ପଷ୍ଟ ଅନୁମେୟ ।

ଶେଷରେ ଆମ ଓଡ଼ିଶାର ପ୍ରଥିତଯଶା ଲେଖକ ସ୍ୱର୍ଗତ ମନୋଜ ଦାସଙ୍କ ବାଂଲାଦେଶ ଉପରେ ଲିଖିତ ଏକ ଆଲେଖ୍ୟରୁ କିଛିଅଂଶ ଉଦ୍ଧୃତ କରି ମୁଁ ପ୍ରବନ୍ଧଟିକୁ ଶେଷ କରୁଛି । ଏହି ଆଲେଖ୍ୟଟି ମନୋଜ ଦାସ ଲେଖିଥିଲେ ୧୯୭୫ ମସିହାରେ ବଙ୍ଗବନ୍ଧୁଙ୍କ ହତ୍ୟା ପରେ । ଆଲେଖ୍ୟଟିର ନାମ 'ମୌଳିକ ପାପ' । ଆଲେଖ୍ୟଟିରେ ଶ୍ରୀଦାସ କହିଛନ୍ତି, 'ଯେଉଁ ହିଂସାର ନଗ୍ନ ନୃତ୍ୟ ଭିତରୁ ପାକିସ୍ତାନର ଜନ୍ମ ସେହି ହିଂସାର ପ୍ଳାବନରେ ବାଂଲାଦେଶର ଜନ୍ମ । ସେଠାକାର ବାତାବରଣରେ ହିଂସା ଏଡ଼େ ବେଶି ଦେହସୁହା ହୋଇଯାଇଛି ଯେ ହିଂସା ଭିତରେ ତୁଙ୍ଗତମ ନେତାର ମୃତ୍ୟୁ ମଧ୍ୟ ହୁଏତ ସେତେ ବେଶି ଚମକ ସୃଷ୍ଟି କରୁ ନଥିବ । ଆଜି ବାଂଲାଦେଶରେ ଯାହା ଘଟୁଛି ତାହାର ସ୍ଥୂଳକାରଣ ଓ କୈଫିୟତ୍ ଦିନେ ଇତିହାସ ଦେଇପାରିବ ନିଶ୍ଚୟ, କିନ୍ତୁ ସବୁକିଛିର ଅସଲ ହେତୁ ଭାରତବିଭାଜନ ରୂପୀ ମୌଳିକ ପାପ ।'

ଭୁବନେଶ୍ୱର, ମୋ:୮୧୪୪୦୪୨୯୯୭

# ଭାରତରେ ମାନବସମ୍ବଳ ଓ ଉର୍ଜା

ଡ. ସନ୍ତୋଷ କୁମାର ସାହୁ



ଭାରତବର୍ଷରେ ଆଜିବି ପ୍ରାୟ ୭୦ ଲକ୍ଷ ଲୋକ ବିଦ୍ୟୁତ ସେବାରୁ ବଞ୍ଚିତ । ଏଆଇ ଓ ୫ଜି ଇଣ୍ଟରନେଟ ଯୁଗରେ କୋଟି କୋଟି ଲୋକ ବିଦ୍ୟୁତ ଭଳି ମୌଳିକ ସେବା ଓ ସୁବିଧାରୁ ବଞ୍ଚିତ ରହିବା ବୁଦ୍ଧିଜୀବୀଙ୍କ ପାଇଁ ଯେତିକି ଚିନ୍ତାଜନକ, ତା'ଠୁ ବଳି ଅଧିକ ଉଦ୍‌ବେଗଜନକ କହିଲେ ଭୁଲ ହେବ ନାହିଁ । ୧୯୪୭ ମସିହାରେ ସ୍ୱାଧୀନତା ପରଠାରୁ ସରକାର ରାଷ୍ଟ୍ରନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଶେଷକରି ଗ୍ରାମାଞ୍ଚଳରେ ସାକ୍ଷରତାର ପ୍ରସାରରେ ବହୁଳ ଭାବେ ଧ୍ୟାନକେନ୍ଦ୍ରିତ କଲେ । ଏହା ସତ୍ତ୍ୱେ ଦେଶରେ ସାମାଜିକ ଓ ଅର୍ଥନୈତିକ ଅସମାନତା, ଜାତି ଓ ଲିଙ୍ଗଗତ ବିଭେଦ ଶିକ୍ଷାର ସାମୂହିକ ବିକାଶରେ ପ୍ରତିବନ୍ଧକ ସାଜିଥିଲା । ବିଶ୍ଳେଷଣରୁ ପ୍ରମାଣିତ ହୁଏ ଯେ ଭାରତରେ ମାନବସମ୍ବଳର ବଂଶାନୁକ୍ରମିକ ପରିବର୍ତ୍ତନ ପ୍ରକ୍ରିୟାରେ ଅନେକ କ୍ରମିକ ଓ ଗୁରୁତ୍ୱପୂର୍ଣ୍ଣ ବିକାଶ ଲକ୍ଷ୍ୟ କରାଯାଇଛି, ଯାହାକି ଆମର ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଣାଳିର ପରିବର୍ତ୍ତନ ଦ୍ୱାରା ଅନେକାଂଶରେ ଆକୃତି ପାଇଛି ।

୧୯୯୦ ଦଶକର ପ୍ରାରମ୍ଭରେ ଦେଶର ଆର୍ଥିକ ଉଦାରୀକରଣ ଏକ ପ୍ରମୁଖ ପରିବର୍ତ୍ତନ ବିନ୍ଦୁ ଭାବରେ ଉଭା ହୋଇଥିଲା । ବଜାରମୁଖୀ ସଂସ୍କାରଗୁଡ଼ିକ ଦକ୍ଷ ଶ୍ରମଚାହିଦାକୁ ଉତ୍ସାହିତ କରିଥିଲା । ଫଳରେ ଶିକ୍ଷା ଓ ବୃତ୍ତିଗତ ତାଲିମରେ ଅଧିକ ନିବେଶ ହୋଇଥିଲା । ଏହା ଯଦିଓ କିଛି ସମୟ ପାଇଁ ସମାଜର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରକୁ ଉତ୍ସାହିତ କରିଥିଲା, ତଥାପି ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ଶିକ୍ଷାରେ ନିରନ୍ତର ଅସମାନତା ଦେଶର ଦାରିଦ୍ର୍ୟଚକ୍ର ନିରାକାରଣରେ ସେତେଟା ସହାୟକ ହୋଇପାରି ନ ଥିଲା । ଉଚ୍ଚପ୍ରଗତିରେ ଏହା ଏବେ ବି ପ୍ରତିବନ୍ଧକ ହୋଇ ଠିଆହୋଇଛି । ଇତିହାସକୁ ଅବଲୋକନ କଲେ ଜଣାଯାଏ, ସ୍ୱାଧୀନତା ପୂର୍ବରୁ ଆମ ଦେଶର ପରିବାରଗୁଡ଼ିକର ଶିକ୍ଷାଗତ ଯୋଗ୍ୟତା ଓ ଆର୍ଥିକ ସ୍ୱାଧୀନତା ମୁଖ୍ୟତଃ ସାଂରଚନିକ ସ୍ଥିତି ଯଥା ସ୍କୁଲିଂ ଓ ଆର୍ଥିକ ସମ୍ବଳର ବଜାର ପ୍ରବେଶ ଉପରେ ହିଁ ନିର୍ଭର କରୁଥିଲା । ୧୯୪୭ ପରଠାରୁ ଏଥିରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲେ ହେଁ ଅଦ୍ୟାବିଧି ସ୍ଥିତି ଆଶାନୁରୂପ ହୋଇପାରୁନି ।

ସେହିପରି ଶକ୍ତିର ଉପଲବ୍ଧତା ମାନବ ସମ୍ବଳର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାନକ ଭାବେ କ୍ରମେ ସ୍ୱୀକୃତି ପାଉଛି । ଅପର୍ଯ୍ୟାପ୍ତ ବିଦ୍ୟୁତ୍ ଯୋଗାଣ ଅଧ୍ୟୟନ ବା ଶିକ୍ଷାର ସମୟକୁ ସୀମିତ କରୁଛି, ଡିଜିଟାଲ୍ ଶିକ୍ଷା ଉପକରଣର ଉପଲବ୍ଧତାରେ ପ୍ରତିବନ୍ଧକ ସାଜୁଛି ଏବଂ ବିଦ୍ୟାଳୟ ଭିତ୍ତିଭୂମିକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି । ଗବେଷଣାରୁ ସୂଚିତ ଯେ, ବିଦ୍ୟୁତ୍ ସଂଯୋଗର ନିରନ୍ତର ସେବା ପାଉଥିବା ପରିବାରଗୁଡ଼ିକ ସେମାନଙ୍କ ପିଲାଙ୍କୁ ଉତ୍ତମ ଓ ବୈଷୟିକଯୁକ୍ତ ଶିକ୍ଷା ପ୍ରଦାନ କରିବାରେ ସୁଦୃଢ଼, ସମର୍ଥ ଓ ସୁସଜ୍ଜିତ । 'ସୌଭାଗ୍ୟ' ଭଳି ସାମ୍ପ୍ରତିକ ସରକାରୀ ଯୋଜନା ଏହି ବ୍ୟବଧାନକୁ ପୂରଣ କରିବାର ଲକ୍ଷ୍ୟ ରଖିଛି, ଯାହା ଶକ୍ତି ଓ ଶିକ୍ଷା ସଂଯୋଗର ଅଧିକୃତ ସ୍ୱୀକୃତିକୁ ଉଜ୍ଜ୍ୱଳ କରିଥାଏ । ସମାନ୍ତରାଳ ଭାବରେ, ପାଠ୍ୟକ୍ରମରେ ସ୍ଥିର ବିକାଶ ଓ ସବୁଜ ଶିକ୍ଷାର ସମନ୍ୱୟକୁ ଦୃଷ୍ଟିରେ ରଖି ଜ୍ଞାନୀ ଗୁଣୀ ପରିବେଷ୍ଟିତ ପରିବେଶକୁ ସୁହାଇବା ଭଳି ଅର୍ଥନୀତି ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ ।

ପରିବର୍ଦ୍ଧିତ ଶକ୍ତି ଚାହିଦାକୁ ସୁବ୍ୟବସ୍ଥିତ ଓ ସୁଦୃଢ଼ କରିବାର ଜରୁରୀ ଆବଶ୍ୟକତା ଏହାକୁ ଆହୁରି ଗୁରୁତ୍ୱ ଦିଏ । ଭାରତର ପ୍ରାଥମିକ ଶକ୍ତି ଆବଶ୍ୟକତା ୨୦୦୦ ମସିହାରେ ୪୫୦ ନିୟୁତ ଟନ୍ ତେଲ ସମତୁଲ୍ୟରୁ ୨୦୩୯ ସୁଦ୍ଧା ୧୨୫୦ ରୁ ୧୫୦୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି । ଏହି ଗତିପଥକୁ ଦୃଷ୍ଟିରେ ରଖି, ଶକ୍ତି ଭିତ୍ତିଭୂମିର ବିସ୍ତାର ଓ ଆନୁଷ୍ଠାନିକ କ୍ଷମତା ବୃଦ୍ଧି, ବିଶେଷକରି ବିତରଣ କମ୍ପାନୀଗୁଡ଼ିକ ମଧ୍ୟରେ ଏକ ନିର୍ଭରଯୋଗ୍ୟ ଯୋଗାଣଶୃଙ୍ଖଳ ସୁନିଶ୍ଚିତ କରିବା ଏବଂ ଶିକ୍ଷାଗତ ଓ ଆର୍ଥିକ ବିକାଶର ସୁଯୋଗ ଓ ସମର୍ଥନକୁ ପରିବ୍ୟାପ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତରେ ମାନବପୁଞ୍ଜିର ବିକାଶ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଛି । ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆଧୁନିକ ଶକ୍ତି ଉତ୍ସଗୁଡ଼ିକର ପ୍ରବେଶ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ । ପିଲାମାନଙ୍କ ଶିକ୍ଷାପ୍ରାପ୍ତି ପଛରେ ପିତାମାତାଙ୍କ ଶିକ୍ଷାଗତ ଯୋଗ୍ୟତାର ଏକ ଦୃଢ଼ ପୂର୍ବାନୁମାନିକ ମୂଲ୍ୟ ଅଛି, ଯାହା ନିରନ୍ତର ସାମାଜିକ ପ୍ରଗତିକୁ ପ୍ରଭାବିତ କରୁଛି । ଶକ୍ତିର ଅଭାବ ବିକାଶରେ ବାଧକ ହେବାରେ ଲାଗିଛି ।

ଏହି ଆହ୍ୱାନଗୁଡ଼ିକର ଉଚିତ ମୁକାବିଲା ପାଇଁ ଶିକ୍ଷା, ନିଯୁକ୍ତି, ଲିଙ୍ଗଗତ ସମାନତା ଓ ଦାରିଦ୍ର୍ୟ ହ୍ରାସ ସମେତ ବ୍ୟାପକ ବିକାଶ ଲକ୍ଷ୍ୟ ସହିତ ଶକ୍ତିର ସୁଯୋଗକୁ ସଂଯୋଗ କରୁଥିବା ନୀତିଗତ ରଣନୀତିର ଆବଶ୍ୟକତା ଅବଶ୍ୟମ୍ଭାବୀ ହୋଇଛି । ସମାନ୍ତରାଳ ଭାବେ ପଛୁଆ ସମ୍ପ୍ରଦାୟକୁ ପ୍ରାଥମିକତା, ଦକ୍ଷତା ବିକାଶ ଓ ଶିକ୍ଷାଗତ ସଂସ୍କାର ସହ ଶକ୍ତି ଯୋଗାଣକୁ ସମନ୍ୱିତ କରୁଥିବା ଲକ୍ଷ୍ୟବଦ୍ଧ ହସ୍ତକ୍ଷେପ ବିନା ଅସମାନତାର ଚକ୍ରବ୍ୟୁହ ଏହିଭଳି ଘେରି ରହିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ତେଣୁ ଭାରତରେ ଶିକ୍ଷାଗତ ଫଳାଫଳ ବୃଦ୍ଧି କରିବା, ଆର୍ଥିକ ସୁଯୋଗ ବିସ୍ତାର କରିବା ଓ ଦୀର୍ଘକାଳୀନ ଆନ୍ତଃପିଢ଼ିଗତ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିର୍ଭରଯୋଗ୍ୟ, ସୁଲଭ ଓ ସ୍ଥାୟୀ ଶକ୍ତି ପ୍ରବେଶକୁ ସୁଦୃଢ଼ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

(ସହାୟକ ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ଆଇଆଇଟି-ମାଡ୍ରାସ)
ଚେନ୍ନାଇ ୯୭୯୧୧୭୦୪୩୧

# ବିଚ୍ଛାଦେବୀ କୋଣ୍ଡମାଇ ଓ ଚେଲମ୍ମା

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

କର୍ଣ୍ଣାଟକର ଯାଦଗିରି ଜିଲ୍ଲା ଗୁରୁମତକଲ୍ ଅଞ୍ଚଳସ୍ଥିତ କଂଦକୁର କୋଣ୍ଡମାଇ ପାହାଡ଼ ଉପରେ ଏପରି ଏକ ମନ୍ଦିର ଅଛି, ଯେଉଁଠି 'ବିଚ୍ଛାଦେବୀ'ଙ୍କୁ ପୂଜା କରାଯାଏ । ଅଞ୍ଚଳର ନାମାନୁସାରେ ଦେବୀଙ୍କ ନାମ 'କୋଣ୍ଡମାଇ' ହୋଇଛି । 'କୋଣ୍ଡମାଇ'ର ଅର୍ଥ ହେଉଛି 'ବିଚ୍ଛାଙ୍କ ଦେବୀ' । ଏଠାରେ ପଥର ନିର୍ମିତ ବିଚ୍ଛାର ମୂର୍ତ୍ତି ମଧ୍ୟ ପୂଜା ପାଉଛି । ଏହି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରିବା ପରେ ତାଙ୍କର ପ୍ରତୀକ ଭାବେ ବିଷାକ୍ତ ବିଚ୍ଛାକୁ ନିଜ ଶରୀରର ବିଭିନ୍ନ ଅଙ୍ଗରେ ରଖିଥା'ନ୍ତି । ବିଚ୍ଛା ସମ୍ପୂର୍ଣ୍ଣ ଶରୀର ଉପରେ ବିଚରଣ କରିବା ପରେ ଆପେ ଆପେ ତଳକୁ ଖସି ଆସିଥାଏ । କେତେକ ଭକ୍ତ ବିଚ୍ଛାକୁ ଜିଭରେ ରଖିବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ଦେବୀଙ୍କ କରୁଣାରୁ ଏଠାରେ ବିଚ୍ଛା କେବେ ମଧ୍ୟ କାହାକୁ ଦଂଶନ କରେନାହିଁ ।

ଆହୁରି ମଧ୍ୟ ବିଶ୍ୱାସ ରହିଛି ଯେ ଦେବୀଙ୍କୁ ସ୍ମରଣ କରି ପାହାଡ଼ରୁ ଯେକୌଣସି ପଥର ଉଠାଇଲେ ତା' ତଳୁ ବିଚ୍ଛା ବାହାରିଥାଏ । ବିଶେଷଭାବେ ଜୁଲାଇ ଓ ଅଗଷ୍ଟ ମାସରେ ଏହି ପାହାଡ଼ ଲାଲ୍ ରଙ୍ଗର ବିଷାକ୍ତ ବିଚ୍ଛା ଦ୍ୱାରା ପରିପୂର୍ଣ୍ଣ ହୋଇଯାଏ । କ୍ୱଚିତ୍ ଯଦି କୌଣସି ଭକ୍ତକୁ ବିଚ୍ଛା ଦଂଶନ କରେ, ମାଆ କୋଣ୍ଡମାଇଙ୍କ ବିଭୂତି ଲେପନ କଲେ ନିମିଷେକ ମଧ୍ୟରେ ବିଷ ପ୍ରକ୍ରିୟା ନଷ୍ଟ ହୋଇ କଷ୍ଟ ଲାଘବ ହୁଏ । ବର୍ଷସାରା ଭକ୍ତମାନଙ୍କର ଆଗମନ ହେଉଥିଲେ ମଧ୍ୟ ନାଗପଞ୍ଚମୀ ଦିନ ଏହି ମନ୍ଦିରରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଜନସମାଗମ ଦେଖାଯାଏ । ନାଗପଞ୍ଚମୀରେ 'ଚୋଳିନା ଯାତ୍ରେ' ଭାବେ ଏଠାରେ ଏକ ବିଶେଷପର୍ବ ପାଳନ କରାଯାଏ । ଏହି ଅବସରରେ ଦେବୀଙ୍କ ବିଶେଷ ପୂଜାର୍ଚ୍ଚନା ସହିତ ବଡ଼ ମେଳାର ଆୟୋଜନ ହୁଏ । ଭକ୍ତମାନେ ଏହିଦିନ ନାଗ ସହିତ ବିଚ୍ଛାକୁ ମଧ୍ୟ ପୂଜା କରିଥା'ନ୍ତି । ଏହାପରେ ଦେବୀଙ୍କୁ ଦର୍ଶନ କରି ମନସ୍କାମନା ପୂରଣ ପାଇଁ ଆଶୀର୍ବାଦ ଭିକ୍ଷା କରନ୍ତି । ଅନ୍ୟ ଏକ ବିଶ୍ୱାସ ମଧ୍ୟ ରହିଛି ଯେ, ନାଗପଞ୍ଚମୀ ପରେ ବିଚ୍ଛା ଆଦୌ ଦେଖାଯା'ନ୍ତି ନାହିଁ । ବିଚ୍ଛା ଦେବୀଙ୍କୁ ଭକ୍ତମାନେ କ୍ଷୀର, ସର୍ପ ମୂର୍ତ୍ତି, ଶାଢ଼ି, ନଡ଼ିଆ ଓ ତେଲ ମଧ୍ୟ ଅର୍ପଣ କରିବାର ବିଧି ପ୍ରଚଳିତ ।



ଏହାଛଡ଼ା କର୍ଣ୍ଣାଟକର ଐତିହାସିକ ସହର କୋଲାର୍‌ଠାରେ ରହିଛି କୋଲାରାମ୍ମାଙ୍କ ଏକ ହଜାର ବର୍ଷ ପୁରୁଣା ମନ୍ଦିର । ଏହି ମନ୍ଦିରରେ ଦେବୀ ପାର୍ବତୀ 'କୋଲାରାମ୍ମା' ଭାବେ ପୂଜିତା । ଦେବୀ ପାର୍ବତୀଙ୍କୁ ଏଠାରେ ଉଗ୍ରରୂପୀ ଦୁର୍ଗା ଭାବେ ପୂଜା କରାଯାଉଥିବାରୁ ଭକ୍ତମାନେ ଦେବୀଙ୍କୁ ଦର୍ପଣରେ ପ୍ରତିବିମ୍ବରେ ଦର୍ଶନ କରି ପୂଜାର୍ଚ୍ଚନା କରିଥା'ନ୍ତି । ମନ୍ଦିର ପରିସର ଭିତରେ ରହିଛି 'ବିଚ୍ଛାଦେବୀ' ବା 'ଚେଲାମ୍ମା ଦେବୀ'ଙ୍କ ମନ୍ଦିର । ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ବିଷାକ୍ତ ବିଚ୍ଛା ଦଂଶନରୁ ଦେବୀ ଚେଲାମ୍ମା ଲୋକଙ୍କୁ ରକ୍ଷା କରିବା ସହିତ ପ୍ରାଣଦାନ ଦେଇଥା'ନ୍ତି । ଏପରିକି ବିଚ୍ଛା ଦଂଶିତ ବ୍ୟକ୍ତି ଯେଉଁ ସ୍ଥାନରେ ଯେତେ ଦୂରରେ ଥାଉନା କାହିଁକି, ଦେବୀଙ୍କୁ ସ୍ମରଣ କରିବା ମାତ୍ରେ ବିଷର ପ୍ରଭାବ ଦୂର ହୋଇଯାଏ । ଅନ୍ୟଏକ ବିଶ୍ୱାସ ଅନୁସାରେ ସବୁଦିନ ମନ୍ଦିରକୁ ଆସି ଦେବୀଙ୍କ ପୂଜାର୍ଚ୍ଚନା କରୁଥିବା ବ୍ୟକ୍ତିଙ୍କୁ କେବେ ମଧ୍ୟ ବିଚ୍ଛା ଦଂଶନ କରେନାହିଁ । ଗର୍ଭଗୃହରେ ଦେବୀଙ୍କ ବିଗ୍ରହସ୍ଥିତ ଚଟାଣରେ ଗୋଟିଏ ଫାଟ ରହିଛି, ଯେଉଁଠି ବିଚ୍ଛାମାନେ ରହିଛନ୍ତି । ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦେବୀଙ୍କ ବିଗ୍ରହ ଉପରେ ଗୋଟିଏ ବିଚ୍ଛା ରହିଥିବାର ଦେଖିବାକୁ ମିଳେ । ଭକ୍ତମାନେ ମନସ୍କାମନା ପୂରଣ କରିବା ସହିତ ବିଷାକ୍ତ ବିଚ୍ଛା ଦଂଶନରୁ ମୁକ୍ତି ପାଇବା ପାଇଁ ଦେବୀଙ୍କୁ ରୁପାର ବିଚ୍ଛା ଅର୍ପଣ କରିଥା'ନ୍ତି । ଏହି ମନ୍ଦିରର ସୁରକ୍ଷା ବିଚ୍ଛାମାନେ କରନ୍ତି ବୋଲି ଲୋକକଥାରୁ ଶୁଣାଯାଏ । (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଚନ୍ଦକାରେ ଏସ୍‌ଓଜିର ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧୨(ସମିସ): ରାଜଧାନୀ ଉପକଣ୍ଠ ଚନ୍ଦକାଠାରେ ଥିବା ସ୍ପେଶାଲ୍ ଅପରେସନ୍ ଗ୍ରୁପ୍(ଏସ୍‌ଓଜି) ର ଏକ ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଏକ ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ।

## ଚଳିତ ଡିସେମ୍ବରରୁ ଯବାନଙ୍କୁ ମିଳିବ ୨୫ ଟଙ୍କାର ରିସ୍କ ଆଲାଉନ୍ସ: ମୁଖ୍ୟମନ୍ତ୍ରୀ

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୬ଟି ଜିଲ୍ଲାର ୧୬ଟି ଥାନା ଗୃହ, ୭୦ କ୍ୱାର୍ଟର୍ସ, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ



ବିଲ୍ଡିଂ ପ୍ରକଳ୍ପ ଉଦ୍‌ଘାଟନ କରି କହିଛନ୍ତି, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସାରେ ଲିପ୍ତ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବରେ ଦମନ କରିବା ପାଇଁ ବଦ୍ଧପରିକର। ଚଳିତ ଡିସେମ୍ବର ମାସଠାରୁ ନକ୍ସଲ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ଏସ୍‌ଓଜି ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ରିସ୍କ ଆଲାଉନ୍ସ ପାଇବେ। ଏସ୍‌ଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦ ହଜାର ଟଙ୍କା ଏବଂ କନଷ୍ଟେବଲ ଓ ସିପାହୀମାନେ ମାସକୁ ୧୬ ହଜାର ଟଙ୍କା ଭତ୍ତା ପାଇବେ। ସେହିପରି ଏସ୍‌ଓଜି, ଏଇଟି ଓ ଆର୍‌ସି ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବରେ ଅଭିଯାନରେ ସାମିଲ ହୋଇନଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ। ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍‌ର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ, ଏଡିଜିପି(ଏଏନ୍‌ଓ) ସଞ୍ଜୀବ ପଣ୍ଡା, ଆଇଜି ଅପେରସନସ, ଡ. ଦୀପକ କୁମାର, ଡିଆଇଜିପି ଏସ୍‌ଆଇଡବ୍ଲ୍ୟୁ ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ଓମସା ସହ କଥା ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

# ଆନ୍ଦୋଳନରୁ ନିବୃତ୍ତ ରହିବାକୁ ଅନୁରୋଧ

ଭୁବନେଶ୍ୱର,୨୫।୧୨(ସମିସ): ୧୮ ଦଫା ନେଇ ଆସନ୍ତାକାଲି ଅର୍ଥାତ୍ ୨୬ ତାରିଖଠାରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ଓମସା ଘୋଷଣା କରିଥିଲା। ଏହାପୂର୍ବରୁ ଗୁରବାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକର ଆଲୋଚନା ସକରାତ୍ମକ ରହିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟମନ୍ତ୍ରୀ ଆଜି ଓମସା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସଂଘ ରଖି ଥିବା ଦାବି ଗୁଡିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଦାବି ଗୁଡିକର ଅନୁଧ୍ୟାନ କରାଯାଇ ସକାରାଇକ ପଦକ୍ଷେପ ନିଆଯିବ। ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଂଘ ପକ୍ଷରୁ ନିଆଯାଇଥିବା ଆନ୍ଦୋଳନରୁ ନିବୃତ ରହିବାକୁ ସେ ଅନୁରୋଧ କରିଛନ୍ତି। ବୈଠକ ଶେଷରେ ଡାକ୍ତର ସଂଘ ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟ ସେବା ଅବାଧ ଭାବେ ଜାରୀ ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି।

# ମହୁମାଛିଙ୍କଠାରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ

କୁଚିଣ୍ଡା, ୨୫ ।୧୨ (ସମିସ): ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧୀନ ବ୍ରାହ୍ମଣୀଦେଇ ଗ୍ରାମରେ ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଲୁଧା ମୁଣ୍ଡାଙ୍କ ପୁଅ ନୀଳାଦ୍ରି ମୁଣ୍ଡା(୨୮)। ଗୁରୁବାର ପୂର୍ବାହ୍ନରେ ନୀଳାଦ୍ରିଙ୍କ ସମେତ କିଛି ଗ୍ରାମବାସୀ ଗାଁ ପୋଖରୀରୁ ମାଛ ଧରୁଥିଲେ। ଏହି ସମୟରେ ହଠାତ୍ ଦଳେ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ସମସ୍ତେ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ। କିଛି ସମୟ ପରେ ସମସ୍ତେ ପାଣି ଭିତରୁ ବାହାରି ଆସିଥିବା ବେଳେ ନୀଳାଦ୍ରି କିନ୍ତୁ ବାହାରିନଥିଲେ। ସନ୍ଦେହ ହେବାରୁ ସମସ୍ତେ ପୋଖରୀରେ ଖୋଜାଖୋଜି କରି ନୀଳାଦ୍ରିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅବସ୍ଥାରେ ସୁଧାର ନହେବାରୁ ଅପରାହ୍ଣରେ କୁଚିଣ୍ଡା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଡାକ୍ତର ସେଠାରେ ନୀଳାଦ୍ରିକୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା ପକ୍ଷରୁ ମହୁଲପାଲି ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଜାତୀୟ ଟ୍ରାନ୍ସଜେଣ୍ଡର କ୍ରିକେଟରେ ଓଡ଼ିଶା ରନର୍ସଅପ୍

# ସହାୟତା ଦେଉନାହାନ୍ତି ସରକାର, ଭଣ୍ଡାଉଛନ୍ତି ନେତା

ପୁରୀ,୨୫।୧୨(ସମିସ): ଟ୍ରାନ୍ସଜେଣ୍ଡରମାନେ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କ ଭିତରେ ଅନେକ ପ୍ରତିଭା ରହିଛି। ରାଜ୍ୟ ସରକାରଙ୍କ ସହଯୋଗ ଓ ପ୍ରୋତ୍ସାହନ ମିଳିଲେ ସେମାନେ ମଧ୍ୟ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିପାରିବେ। ପଞ୍ଜାବର ଲଭ୍‌ଲୀ ପ୍ରଫେସନାଲ ୟୁନିଭରସିଟିଠାରେ ଆୟୋଜିତ ନ୍ୟାଶନାଲ ଟ୍ରାନ୍ସଜେଣ୍ଡର ପର୍ସନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରରେ ଭାଗ ନେଇ ଓଡ଼ିଶାର ଟ୍ରାନ୍ସ ମେନ୍ କ୍ରିକେଟ ଦଳ ରନର୍ସଅପ୍ ପାଇ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ଏଥିପାଇଁ ଏକ ୧୪ ଜଣିଆ ଟ୍ରାନ୍ସ ଦଳ ୧୨ ତାରିଖ ପଞ୍ଜାବ ଗସ୍ତ କରି ଥିଲେ। ଏହି ଦଳ ୨୫ ତାରିଖ ପୁରୀ ଫେରିବା ପରେ ସେମାନଙ୍କୁ ଦ ବେଲ୍ ଅନୁଷ୍ଠାନ ତରଫରୁ ସ୍ଥାନୀୟ ୟୁଥ୍ ହଷ୍ଟେଲଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସେମିଫାଇନାଲରେ କର୍ଣ୍ଣାଟକକୁ ୪୭ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ଓଡ଼ିଶା। ଫାଇନାଲରେ କେରଳ ସହିତ ସଂଘର୍ଷପୂର୍ଣ୍ଣ ଲଢେଇ କରି ମାତ୍ର ୨ ରନ୍‌ରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଥିଲା ଓଡ଼ିଶାକୁ। ଦୁଃଖର ବିଷୟ ଦୀର୍ଘ ଦୁଇବର୍ଷ ଧରି ଓଡ଼ିଶା ଟ୍ରାନସ୍ ମେନ୍ ଏହି ପ୍ରତିଯୋଗିତାରେ ଭାଗ ନେଉଥିଲେ ମଧ୍ୟ ଏଥିପାଇଁ ଯେଉଁ ଅର୍ଥର ଆବଶ୍ୟକତା ରହୁଛି ତାହା ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ବା ନେତାମନ୍ତ୍ରୀ ପାଖକୁ ଗଲେ ମିଳୁନାହିଁ ବୋଲି କ୍ଷୋଭ ପ୍ରକାଶ କରି କହିଛନ୍ତି ଟିମ୍ କ୍ୟପଟେନ୍ ସନ୍ତୋଷ କୁମାର ଜେନା। ସେହିପରି ଏହି ଦଳର ଉପ ଅଧିନାୟକ ପୁରୀର ସୁମନ ମହାକୁଡ କହିଛନ୍ତି ଟଙ୍କା ପଇସା ତ ଦୂରର କଥା ସାମାନ୍ୟ ଖେଳ କିଟ୍ ପାଇ ପ୍ରତିଶ୍ରୁତି ଦେଇ ମଧ୍ୟ ଆମ ଜିଲ୍ଲା ନେତା ଶେଷ ମୂହୁର୍ତ୍ତରେ ଆମକୁ ଭଣ୍ଡେଇଛନ୍ତି। ଏହାସତ୍ତ୍ୱେ ଜଗନ୍ନାଥଙ୍କ କୃପାରୁ ଆମେ ସଫଳ ହୋଇଛୁ। ଏଥିସହିତ ଦଳଗତ ଶୃଙ୍ଖଳା ପାଇଁ ବେଷ୍ଟ ଟିମ୍ ଆୱାର୍ଡ଼ ମଧ୍ୟ ହାସିଲ କରିଛୁ ବୋଲି କହିଛନ୍ତି।

ସମାଜ ସବୁବେଳେ ଟ୍ରାନ୍ସ କମ୍ୟୁନିଟକୁ ଅଲଗା ନଜରରେ ଦେଖୁଥିବା ବେଳେ ସେମାନଙ୍କ ଖେଳ ପ୍ରତି ଆଗ୍ରହକୁ ପ୍ରୋତ୍ସାହନ ଦେଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଇପାରିବ ବୋଲି କହିଛନ୍ତି ଏହି କମ୍ୟୁନିଟି ପାଇଁ କାର୍ଯ୍ୟ କରୁଥିବା ଦ ବେଲ୍ ସାମାଜିକ ଅନୁଷ୍ଠାନ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ।

ସାଂସଦ ଖେଳ ମହୋତ୍ସବକୁ ନେଇ ବିବାଦ

# ପଡ଼ିଆ ମଝିରେ ଅସନ୍ତୁଷ୍ଟ ଖେଳାଳିଙ୍କ ଧାରଣା

ବ୍ରହ୍ମପୁର, ୨୫।୧୨(ସମିସ): ସାଂସଦ ଖେଳ ମହୋତ୍ସବକୁ ନେଇ ବିବାଦ। ବିଜେତା ଓ ଉପବିଜେତା ଦଳକୁ ଆର୍ଥିକ ପୁରସ୍କାର ବଦଳରେ ଟ୍ରଫି, ମାନପତ୍ର ଧରାଇଦେବାକୁ ନେଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

## ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ମିଳିଲାନି ଆର୍ଥିକ ପୁରସ୍କାର

ପ୍ରକାଶ ପାଇଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଆର୍ଥିକ ପୁରସ୍କାର ଦିଆଯାଉଥିବା ବେଳେ ଏଠାରେ କାହିଁକି ପାତରଅନ୍ତର କରାଯାଉଛି ବୋଲି ଅଭିଯୋଗ କରି ଖେଳାଳିମାନେ ପଡ଼ିଆରେ ଧାରଣା ଦେଇଛନ୍ତି। ଗୁରୁବାର ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ,ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ୭ଟି ବ୍ଲକ୍ ଚିକିଟି, ପାତ୍ରପୁର, ଦିଗପହଣ୍ଡି, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ସମେତ ବ୍ରହ୍ମପୁର ମହାନଗର ନିଗମ ଭଳି ଅଞ୍ଚଳକୁ ନେଇ ବ୍ରହ୍ମପୁରଠାରେ ବିଭିନ୍ନ ପଡ଼ିଆରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୌଡ଼କୁଦ, ବିଭିନ୍ନ ପ୍ରକାରର ଥ୍ରୋ ଓ ଡିଆଁ ସମେତ ବ୍ୟାଡମିଣ୍ଟନ, ଟଗ ଅଫ୍



ୱାର, ହ୍ୟାଣ୍ଡବଲ, ଖୋ ଖୋ, କବାଡି, କ୍ରିକେଟ, ଫୁଟବଲ ଓ ଭଲି ବଲ ଆଦି ଖେଳ ଅନ୍ତର୍ଭୁକ୍ତ ଥିଲା। ଏଥିରେ ବହୁ ଖେଳାଳି ବ୍ୟକ୍ତିଗତ ଓ ଦଳଗତ ଖେଳରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଆଜି ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଉଦ୍‌ଯାପନୀ ଦିବସ ଆୟୋଜିତ ହୋଇଥିଲା। ଏଠାରେ ଉଭୟ ଚାମ୍ପିଅନ ଓ ରନର୍ସ-ଅପ୍ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମାତ୍ର ପୁରସ୍କାରସ୍ୱରୂପ କେବଳ ପଦକ ଓ ସାର୍ଟିଫିକେଟ୍ ଦିଆଯିବାରୁ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଡ଼ୋଶୀ ଜିଲ୍ଲା କନ୍ଧମାଳରେ ଚାମ୍ପିଅନ୍ ଓ ରନର୍ସ-ଅପ୍ ଦଳର ଖେଳାଳିଙ୍କୁ ଯଥାକ୍ରମେ ୭ହଜାର ଓ ୫ହଜାର ଟଙ୍କାର ଅର୍ଥରାଶି ସହ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଉଥିବା ବେଳେ ଏଠାରେ କାହିଁକି ବ୍ୟତିକ୍ରମ କରାଯାଉଛି ବୋଲି ଖେଳାଳିମାନେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସେମାନେ ପଡ଼ିଆରେ ଧାରଣା ଦେଇଥିଲେ। ତେବେ ଖେଳାଳିଙ୍କ ଏହି ଅସନ୍ତୋଷ ବୁଝିବାକୁ କେହି ଆୟୋଜକ ନଥିବା ଦେଖିବାକୁ ମିଳିଥିଲା। ଫଳରେ ନିରାଶ ହୋଇ ଖେଳାଳିମାନେ ପଡ଼ିଆ ଛାଡ଼ିଥିଲେ।

ଅସନ୍ତୁଷ୍ଟ ଖେଳାଳିଙ୍କ କହିବା କଥା, ଖେଳ ମହୋତ୍ସବ ପାଇଁ ସେମାନେ ଦୀର୍ଘ ୧୦ଦିନ ସମୟ ଅତିବାହିତ କରିଛନ୍ତି। ନିଜ ହାତରୁ ଗସ୍ତ ଖର୍ଚ୍ଚ ବହନ କରିଛନ୍ତି। ଜିଲ୍ଲାସ୍ତରୀୟ ଖେଳ ପରେ ରାଜ୍ୟସ୍ତରୀୟ ଖେଳର ବ୍ୟବସ୍ଥା ନଥିବା ବେଳେ ଅନ୍ୟ ରାଜ୍ୟ ଭଳି ସେମାନଙ୍କୁ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିବା ଉଚିତ। ସେପଟେ, ପୂର୍ବ ସରକାର ଅମଳରେ 'ନବୀନ ଓଡ଼ିଶା ଯୁବ ଓଡ଼ିଶା' କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଭିନ୍ନ ବିଭାଗର କୃତୀ ଖେଳାଳିଙ୍କୁ ୧୦ହଜାରରୁ ୫୦ହଜାର ପର୍ଯ୍ୟନ୍ତ ଆର୍ଥିକ ପୁରସ୍କାରର ବ୍ୟବସ୍ଥା ଥିଲା। ଏଭଳି ଅବ୍ୟବସ୍ଥା ଯୋଗୁଁ ଆଗାମୀ ଦିନରେ ସାଂସଦ ଖେଳ ମହୋତ୍ସବରେ କେହି ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି।

# ସମୁଦ୍ରରେ ଭାସିଆସିଲା ମହାପ୍ରଭୁଙ୍କ ବିଗ୍ରହ

ପୁରୀ,୨୫।୧୨(ସମିସ): ସେ ଭାବର ଠାକୁର। ଭକ୍ତର ଭକ୍ତିରେ ସେ ବନ୍ଧା। ସେ କେତେବେଳେ କେଉଁଠି ପ୍ରକଟିତ ହୁଅନ୍ତି ତାହା ମଣିଷ ଜାଣିବା ଅସମ୍ଭବ। ଏମିତି ବି ବିଶ୍ୱନିୟନ୍ତାଙ୍କୁ ନେଇ ଅନେକ ଚମତ୍କାରିତା ରହିଥିବା ବେଳେ ଗୁରୁବାର ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି। ସମୁଦ୍ରରେ ଦେଖିବାକୁ ମିଳିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ। ତେବେ ସମୁଦ୍ରରେ ଦାରୁବିଗ୍ରହ ଭାସିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। କେହି ଏହାକୁ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବା ନଜରରେ ଦେଖିଛନ୍ତି ତ ପୁଣି କିଏ ଏହାକୁ ମହାପ୍ରଭୁଙ୍କ ଚମତ୍କାରିତା ବୋଲି କହୁଛନ୍ତି। ତେବେ ଏହା କେଉଁ ସ୍ଥାନର ଘଟଣା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଭିଡିଓକୁ ଦେଖିଲେ ଏହା ପୁରୀ ବେଳାଭୂମିର ଦୃଶ୍ୟ ବୋଲି ଅନୁମାନ କରାଯାଉଛି। ତେବେ କିଏ ଓ କାହିଁକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ସମୁଦ୍ରରେ ଭସେଇଛି ସେ ନେଇ କିଛି ସ୍ପଷ୍ଟ ସୂଚନା ନ ଥିବା ବେଳେ ଏ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ସମୁଦରରେ ମହାପ୍ରଭୁଙ୍କ ମୂର୍ତ୍ତି ଭାସୁଥିବାର ଦେଖି କିଛି ପର୍ଯ୍ୟଟକ ମୂର୍ତ୍ତିକୁ ପାଣି ଭିତରୁ ଆଣୁଥିବା ବେଳେ ଆଉ କିଛି ପର୍ଯ୍ୟଟକମାନେ ସେଲ୍‌ଫି ନେଉଛନ୍ତି। ବେଳାଭୂମିରୁ ମହାପ୍ରଭୁଙ୍କ ମୂର୍ତ୍ତିକୁ ଉଦ୍ଧାର ସମୟରେ ସେଲ୍‌ଫି ନବା ଦୃଶ୍ୟକୁ ସମସ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 28, dated 16.12.2025 , **PUSPANJALI SATAPATHY**, W/o Kishor Chandra Satapathy, resident of MIG-291, Kananvihar, Ps.- Infocity, Patia, Bhubaneswar, Dist- Khurda, declare that I have changed any name, from **PUSPANJALI SATAPATHY** to **PUSPANJALI TRIPATHY.** Henceforth I shall be known as **PUSPANJALI TRIPATHY** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Simulia, Balasore, Odisha vide affidavit No. 5866 on dated 19/12/2025 I, Radhakanta Jena, S/o. Dushasan Jena , At. Chandighar, Po. Kanheibinda, Ps. Simulia, Dist. Balasore, Odisha, declare that I have changed my name from Kamalakanta Jena to Radhakanta Jena. Henceforth, I will be known as **Radhakanta Jena** for all purposes.

**AFFIDAVIT**

By virtue of an affidavit no. 3569, dtd.24.12.2025 the Executive Magistrate, Pallahara, Dist.- Angul, I, Kuna Kisan, Vill.- Dimiria, P.O.- Saleikana, P.S.- Telkoi, Dist.- Keonjhar, Odisha -758019 have changed my minor daughter's name from Kajal Kisan to Lucy Kisan. Henceforth she shall be known as **Lucy Kisan** for all purposes.

**Sd/- Kuna Kisan**

**AFFIDAVIT**

By Virtue Of an Affidavit no. 2954 dtd. 12.12.2025 the Executive Magistrate Dasapalla, I Nilabati Malik, W/o- Jugal Mallik, D/O- Rameswar Pradhan At- Minagadu, Po- Nuagaon, Ps - Banigochha, Dist- Nayagarh have changed my name Nila Pradhan to Nilabati Malik. Henceforth I will be known as **Nilabati Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 1755, dated. 23.12.2025, I TILAI MINYAKA, W/o - Lala Minyaka, D/o -Lambudhar Mandiga , currently residing at Near HP Gas Godown, Hatipathar Road, Rayagada, Dist - Rayagada, Odisha, Pin - 765001, declare that SANJI MANDIGA, and TILAI MINYAKA is one and same person. Henceforth I shall be known as **TILAI MINYAKA** for all purposes.

**AFFIDAVIT**

By Virtue Of an Affidavit no. 2955 dtd. 12.12.2025 the Executive Magistrate Dasapalla, I Tulasa Jani, W/o- Sukadeba Jani, D/O- Rameswar Pradhan At- Ckakapaju, Po- Nuagaon, Ps - Banigochha, Dist- Nayagarh have changed my name Tulasi Pradhan to Tulasa Jani. Henceforth I will be known as **Tulasa Jani** for all purposes.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାକୁ କମିଲା...

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନାରେ ପ୍ରାୟ ୧୦୦ କୋଟି ଟଙ୍କା କାଟି ଦିଆଯାଇଛି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୨୦୨୩-୨୪ରେ ୬୮୫ କୋଟି ଟଙ୍କା ମିଳିଥିବା ବେଳେ ୨୦୨୪-୨୫ରେ ଏଥିରେ ମାତ୍ର ୫୪୯ କୋଟି ଟଙ୍କା ମିଳିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ଗତ ଆର୍ଥିକ ବର୍ଷରେ ରାଜ୍ୟକୁ ମାତ୍ର ୪୯.୭୩ କୋଟି ଟଙ୍କା ଦେଇଛନ୍ତି କେନ୍ଦ୍ର ସରକାର। ୨୦୨୩-୨୪ରେ ଏହି ଯୋଜନା ବାବଦରେ ଓଡ଼ିଶାକୁ ୧୪୬ କୋଟି ଟଙ୍କା ମିଳିଥିଲା।

ଉପରୋକ୍ତ ୭ ଯୋଜନା ଗ୍ରାମୀଣ ବିକାଶ ଯଥା କର୍ମନିଯୁକ୍ତି ପ୍ରଦାନ, ପକ୍କାଘର ନିର୍ମାଣ, ଗ୍ରାମ୍ୟ ସଡ଼କ ନିର୍ମାଣକୁ ବଳ ଦେଇଥାଏ। ସେହିପରି ଗ୍ରାମାଞ୍ଚଳରେ ଦକ୍ଷତା ବିକାଶ, ଯୁବକ ଯୁବତୀଙ୍କୁ ତାଲିମ, କ୍ଷୁଦ୍ର ଜଳସେଚନରେ ମଧ୍ୟ ଉପରୋକ୍ତ ଯୋଜନାଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହଠାତ୍ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏହି ସବୁ ଯୋଜନାରେ ଅର୍ଥ ହ୍ରାସ କରିଦେବା, ଓଡ଼ିଶା ପରି ରାଜ୍ୟପାଇଁ ଆଦୌ ମଙ୍ଗଳ ନୁହେଁ ବୋଲି କୁହାଯାଉଛି। ରାଜ୍ୟରୁ ଗତ ସାଧାରଣ ନିର୍ବାଚନରେ ଓଡ଼ିଶା ୨୦ ଜଣ ସାଂସଦଙ୍କୁ ଲୋକସଭାକୁ ପଠାଇଛି। ରାଜ୍ୟରେ ମଧ୍ୟ ବିଜେପି ପ୍ରଥମଥର ସରକାର ଗଠନ କରିଛି। ଓଡ଼ିଶାକୁ କେନ୍ଦ୍ରୀୟ ସହାୟତା ଅଜାଡ଼ି ହୋଇପଡ଼ିବା ପରିବର୍ତ୍ତେ ଏଥିରେ ହ୍ରାସ ଘଟିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଏନ୍‌କାଉଣ୍ଟର୍‌ରେ ୬...

ଗସମା ଜଙ୍ଗଲରେ କମ୍ବିଂ ଅପରେସନ୍ କରାଯାଇଥିଲା। ପୁଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ୪ଜଣ ନକ୍ସଲ ନିହତ ହୋଇଥିଲେ। ସେଥିମଧ୍ୟରେ ଦୁଇଜଣ ପୁରୁଷ ଓ ଦୁଇଜଣ ମହିଳା ମାଓବାଦୀ ଥିବା ସୂଚନା ମିଳିଛି। ସେହିପରି ମୃତକଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ରହିଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ମୃତ ନକ୍ସଲ କେକେବିଏନ୍ ମାଓ ସଂଗଠନର ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଜଙ୍ଗଲରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି। ବହୁ ନକ୍ସଲ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିବା ସନ୍ଦେହ କରାଯାଉଛି।

ସେହିପରି, ବେଲଘର ଥାନା ଅଞ୍ଚଳରେ ବି ପୁଲିସ୍-ମାଓବାଦୀ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ବୁଧବାର ବେଲଘର ଥାନା ଗୁମ୍ମା ଜଙ୍ଗଲରେ ପୁଲିସ ପକ୍ଷରୁ କମ୍ବିଂ ଅପରେସନ୍ କରାଯାଇଥିଲା। ମାଓବାଦୀମାନେ ପୁଲିସକୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ଛତିଶଗଡ଼ ସୁକମା ଅଞ୍ଚଳର ଦୁଇ ମାଓବାଦୀ ବାରି ଓରଫ୍ ରାକେଶ ଏବଂ ବିଜାପୁର ଅଞ୍ଚଳର ଅମୃତ ନିହତ ହୋଇଥିଲେ। ରାକେଶ ଏରିଆ କମିଟିର ସଦସ୍ୟ ଥିବା ବେଳେ ଅମୃତ ମାଓ ସଂଗଠନର ଜଣେ ସକ୍ରିୟ ସଦସ୍ୟ। ସେମାନଙ୍କ ମୁଣ୍ଡ ଉପରେ ୨୩.୭୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ପୁଲିସର ପାଲଟା ଆକ୍ରମଣରେ ମାଓବାଦୀମାନେ ଛତ୍ରଭଙ୍ଗ ଦେବା ପରେ ଘଟଣାସ୍ଥଳରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ପୁଲିସର ଏହି ଅପରେସନ୍ ପରେ ମାଓ ଶିବିରରେ ଛନକା ପଶିଛି।

## ବ୍ରିଜ୍‌ରୁ ଖସିପଡ଼ିଲେ...

ଭାରସାମ୍ୟ ହରାଇ ବ୍ରିଜ୍‌ରୁ ତଳକୁ ଖସି ପଡ଼ିଥିଲା। ଅନ୍ଧାର ରାତି ଓ ପ୍ରବଳ ପାଣି ଯୋଗୁଁ ହରିଚନ୍ଦ୍ର ଓ ଶୁଭରାମ ପାଣିରୁ ବାହାରି ନପାରି ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକଙ୍କ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଖବର ପାଇ କୋମନା ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ, ୧୯ ବର୍ଷୀୟ ଦୁଇ ଯୁବକଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଓଡ଼ିଶା ଉପରେ...

କନ୍ଧମାଳ, ଖୋର୍ଦ୍ଧା, ଢେଙ୍କାନାଳ ଓ କୋରାପୁଟରେ ଘନ କୁହୁଡ଼ି ହେବାକୁ ଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କଟକ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ସୋନପୁର, ସମ୍ବଲପୁର, ବଲାଙ୍ଗିର ଓ ଗଞ୍ଜାମରେ ମଧ୍ୟମଧରଣର କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ଚାଳକମାନେ କୁହୁଡ଼ି ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

ସେହିପରି ତାପମାତ୍ରା ହ୍ରାସ ଯୋଗୁଁ ଶୀତର ପ୍ରଭାବ ମଧ୍ୟ ଲାଗି ରହିଛି। ଗତ ୨୪ ଘଣ୍ଟାରେ ସେମିଲିଗୁଡ଼ାରେ ତାପମାତ୍ରା ୬.୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ୬.୮, ଦାରିଙ୍ଗବାଡ଼ି ୭, ଜି ଉଦୟଗିରି ୮.୪, ରାଉରକେଲା ୮.୫, ଝାରସୁଗୁଡ଼ା ଓ ନବରଙ୍ଗପୁର ୮.୬ ଓ ଭବାନୀପାଟଣାରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ବାଂଲାଦେଶରେ ପୁଣି...

କରାଯାଇଛି। ପୁଲିସ ଏସଏସପି କହିଛନ୍ତି ଯେ ସମ୍ରାଟ ବିରୋଧରେ ପାଙ୍ଗସା ଥାନାରେ ୨ଟି ମାମଲା ରହିଥିଲା। ଏଥିରେ ହତ୍ୟା ମାମଲା ସାମିଲ ରହିଛି। ରିପୋର୍ଟ ଅନୁଯାୟୀ, ସମ୍ରାଟ ଏକ ଗ୍ୟାଙ୍ଗ ଚଳାଇ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେ ଦୀର୍ଘ ଦିନ ହେଲା ବଟି ଆଦାୟ ଏବଂ ଅନ୍ୟ ଆପରାଧିକ ମାମଲାରେ ସାମିଲ ଥିଲା। ସେ ଦୀର୍ଘ ଦିନ ହେଲା ଭାରତରେ ଲୁଚି ରହିଥିଲା। ନିକଟରେ ଅମୃତ ବାଂଲାଦେଶ ଫେରିଥିଲା। ସେ ବୁଧବାର ରାତିରେ ଗାଁର ସାହିଦୁଲ ଇସଲାମଙ୍କୁ ଟଙ୍କା ମାଗିବାକୁ ନିଜ ଗ୍ୟାଙ୍ଗ ସହ ଯାଇଥିଲେ। ମାତ୍ର ସାହିବୁଲ ଚିଲାଇ ଚୋର ଚୋର କହିବାରୁ ଗାଁ ଲୋକେ ଧାଇଁ ଆସିଥିଲେ। ସମସ୍ତେ ଇସଲାମଙ୍କ କଥା ଶୁଣି ସମ୍ରାଟକୁ ଧରିଥିଲେ। ପରେ ପିଟି ପିଟି ମାରି ଦେଇଥିଲେ। ସମ୍ରାଟଙ୍କ ଅନ୍ୟ ସହଯୋଗୀ ଫେରାର ହେବାରେ ସଫଳ ହୋଇଥିବାବେଳେ ସଲିମ ଧରା ପଡ଼ିଥିଲା। ଦେଶରେ ହାଦିଙ୍କ ହତ୍ୟାକୁ ନେଇ ଉତ୍ତେଜନା ଜାରି ରହିଥିବାବେଳେ ପୁଣି ଏଭଳି ଏକ ଜଘନ୍ୟ କାଣ୍ଡ ହୋଇଛି।

## ବୁଡ଼ାଜାହାଜରୁ କେ-୪...

ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏସଂପର୍କରେ ପ୍ରତିରକ୍ଷା ବିଭାଗ ପକ୍ଷରୁ କିଛି କୁହାଯାଇନଥିଲେ ମଧ୍ୟ ଏହି ଉତ୍‌କ୍ଷେପଣ ଭାରତର ସମୁଦ୍ର ଭିତ୍ତିକ ପରମାଣୁ ପ୍ରତିରୋଧ କ୍ଷମତାକୁ ବୃଦ୍ଧି କରିଥିବା ସ୍ପଷ୍ଟ ହୋଇଛି। ଏହି କ୍ଷେପଣାସ୍ତ୍ର ୨ ଟନ ଓଜନର ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ ବୋଲି କୁହାଯାଇଛି। ବୁଡା ଜାହାଜରୁ ଏହି କେ-୪ କ୍ଷେପଣାସ୍ତ୍ରକୁ ଦୂରଗାମୀ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ପାଇଁ ଡିଜାଇନ କରାଯାଇଛି। ଗତବର୍ଷ ଯେଉଁ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିଲା , ତାହାର ଲକ୍ଷ୍ୟଭେଦ ଦୂରତା ଥିଲା ୭୫୦ କିଲୋମିଟର।

ପୂର୍ବତନ ରାଷ୍ଟ୍ରପତି ତଥା କ୍ଷେପଣାସ୍ତ୍ର ବୈଜ୍ଞାନିକ ଡାକ୍ତର ଏପିଜେ ଅବଦୁଲ କଲାମଙ୍କ ନାମରେ ଏହି କ୍ଷେପଣାସ୍ତ୍ର ନାମିତ କରାଯାଇଛି। ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କଲାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କେ-୪ ମିସାଇଲ ଭୂମିରୁ ଲଞ୍ଚ୍ ହେଉଥିବା ଅଗ୍ନି-ସିରିଜ ଉପରେ ଆଧାରିତ ଏକ ଉନ୍ନତ ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରଣାଳୀ। ଏହାକୁ ବୁଡା ଜାହାଜରୁ ଲଞ୍ଚ୍ କରିବା ପାଇଁ ତିଆରି କରାଯାଇଛି। ଉତ୍‌କ୍ଷେପଣ ହେବା ପୂର୍ବରୁ ଏହା ପ୍ରଥମେ ସମୁଦ୍ର ପୃଷ୍ଠରୁ ଉଠିଥାଏ। ଏହାପରେ ଲକ୍ଷ୍ୟସ୍ଥଳ ଆଡକୁ ଗତି କରିଥାଏ। ଏହାକୁ ଅରିହନ୍ତ-ଶ୍ରେଣୀ ବୁଡ଼ା ଜାହଜରୁ ନିକ୍ଷେପ କରାଯାଇପାରିବ। କେ-୪କୁ ଭାରତର ପରମାଣୁ ତ୍ରିକୋଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ବିବେଚନା କରାଯାଇଥାଏ। ଏହା ଭାରତର ପ୍ରତିରୋଧ କ୍ଷମତାକୁ ସୁଦୃଢ଼ କରିବ ଓ ଯେକୌଣସି ଆକ୍ରମଣର ପ୍ରତିଶୋଧ ନେଇପାରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ଡିସେମ୍ବର ୨୩ରେ ଭାରତୀୟ ସେନା ଆକାଶ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ଏକ ଉନ୍ନତ ସଂସ୍କରଣ, ଆକାଶ ନେକ୍ସଟ ଜେନେରେସନ ଅର୍ଥାତ ପରବର୍ତ୍ତୀ ପିଢ଼ିର (ଆକାଶ-ଏନ୍‌ଜି) ର ସଫଳ ପରୀକ୍ଷଣ କରିଥିଲା।

## କାର୍ ଉପରେ...

ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା କାରଣରୁ ଚେନ୍ନଇ- ତିରୁଚି ଜାତୀୟ ରାଜପଥରେ ଅନେକ କିମି ଲମ୍ବା ଟ୍ରାଫିକ ଜାମ ହୋଇଥିଲା। ପ୍ରାୟ ଦୁଇଘଣ୍ଟା ପରେ କ୍ରେନ୍ ଦ୍ୱାରା ଗାଡ଼ିକୁ ହଟାଇବାପରେ ଯାତାୟତ ପୁନର୍ବାର ଆରମ୍ଭ ହୋଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାର ପ୍ରତି ସମ।।ବେଦନା ଜଣାଇଛନ୍ତି। ସେ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ଜଳିଗଲା ବସ୍...

ଡ୍ରାଇଭର ଓ କ୍ଲିନର ଦୁର୍ଘଟଣା ସମୟରେ ଡେଇଁ ପଡ଼ି ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଟ୍ରକ୍‌ର ଡ୍ରାଇଭର ଓ କ୍ଲିନର ଦୁର୍ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଆହତ ହୋଇଥିବା ଯାତ୍ରୀଙ୍କୁ ହିରିୟୁର ଓ ଚିତ୍ରଦୁର୍ଗା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୯ ଜଣ ଯାତ୍ରୀ ଅକ୍ଷତ ଅବସ୍ଥାରେ ବଞ୍ଚିଯାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ଟ୍ରକ୍‌ଟି ବସ୍‌ର ଡିଜେଲ ଟାଙ୍କିକୁ ଧକ୍କା ମାରିବା ଫଳରେ ବିସ୍ଫୋରଣ ହୋଇଥିଲା ବୋଲି କୁହାଯାଇଛି।

## ଧରାବତରିଲେ ଦେବକୀନନ୍ଦନ...

ମୀନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ପୋରାଧ୍ୟକ୍ଷା କଳ୍ପନା ମାଝୀ, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରଙ୍ଗମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ସାଂସ୍କୃତିକ କମିଟି ଆବାହକ ଗୋପାଳ ଦାଶ, ଅଶୋକ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରଗଡ଼ ନିଶାମଣି ପଡ଼ିଆଠାରେ ରଙ୍ଗମହଲ (ଲୋକମଣ୍ଡପ ପଡ଼ିଆ) ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ପୂର୍ବରୁ ମା' ଶ୍ୟାମାକାଳୀ ମନ୍ଦିର କମିଟି ପକ୍ଷରୁ ପ୍ରଥମେ ମା'ଙ୍କ ପାଖେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶଙ୍ଖ, ଘଣ୍ଟ, ହୁଳହୁଳିରେ ଏକ ବିରାଟ ଶୋଭାଯାତ୍ରାରେ ସମସ୍ତେ ରଙ୍ଗମହଲରେ ପହଞ୍ଚିଥିଲେ। ରାଜେଶ ଶତପଥୀ, ଆଦିତ୍ୟ ମିଶ୍ର, ଦେବେଶ ଦେଶାଇ, ପରେଶ ବିଶି, ଅକ୍ରୁର ମଲ୍ଲିକ, ଅମିତ ସାହୁ, ରାଜେଶ୍ ଭୋଇ, ଚିତ୍ତରଞ୍ଜନ ମିଶ୍ର, ଶୈଳେଶ ନାୟକ, ହରିହର ପ୍ରଧାନ, ଦେବେନ୍ଦ୍ର ସାହୁ, ମନୋରଞ୍ଜନ ପାଢ଼ୀ, ଯୋଗେନ୍ଦ୍ର ମହାନ୍ତି, ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ମଧ୍ୟ ଆସି ରଙ୍ଗମହଲରେ ପହଞ୍ଚିଥିଲେ।

ଅପରପକ୍ଷେ, ଧନୁଯାତ୍ରା ପାଇଁ ମଥୁରାନଗରୀ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି। ଆଗାମୀ ଦିନରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ନେଇ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି ବୋଲି ଏସପି ପ୍ରହ୍ଲାଦ ସହାୟ ମୀନା ପ୍ରକାଶ କରିଛନ୍ତି।

## ଗୋଲ୍ଡେନ ହିଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବୀରମହାରାଜପୁର,୨୫ ।୧୨(ସମିସ): ସ୍ଥାନୀୟ ବଜାର ପ୍ରାଙ୍ଗଣରେ କେଉଁଟିପାଲିସ୍ଥିତ ଗୋଲ୍ଡେନ୍ ହିଲ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତି ଗବେଷକ ଡକ୍ଟର ଅନିରୁଦ୍ଧ କୁରୁକୁରିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଡକ୍ଟର ଜ୍ୟୋତି ନାଏକ, ସଞ୍ଜୟ ସାହୁ, ଛନ୍ଦାଚରଣ ଦାସ, ଶିବଚରଣ ସାହୁ, ରାଜେନ୍ଦ୍ର ଶର୍ମା, ଗଜପତି ମୁଦୁଲି, ଏସ. ପତ୍ରାପାଲି ସରପଞ୍ଚ ସନାତନ ମହଲିଙ୍ଗ, ସିଂଢୋଲ ସରପଞ୍ଚ ପ୍ରଦୀପ ଦେହୁରୀ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ତନୁଶ୍ରୀ ଶର୍ମା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସୁମି ମହାଲିଙ୍ଗ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଜିତେନ୍ଦ୍ର ବଡ଼େଇ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ବଡ଼େଇ ଅଧ୍ୟକ୍ଷତା କରିଥିଲେ । ରାଜେନ୍ଦ୍ର ମୁଦୁଲି ଓ ଭରତ ମହାଲିକ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଅର୍ପିତା ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୌଦ୍ଧ ପୁଲିସର ଭୈରବୀ ସ୍କ୍ୱାଡ୍ ଉଦ୍‌ଘାଟିତ



ବୌଦ୍ଧ,୨୫ ।୧୨(ସମିସ): ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ମହିଳାଙ୍କ ସୁରକ୍ଷା ପାଇଁ ବୌଦ୍ଧ ପୋଲିସର ଭୈରବୀ ସ୍କ୍ୱାଡ୍ ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ । ମହିଳାମାନଙ୍କ ସୁରକ୍ଷାରେ ନିୟୋଜିତ ହେବାକୁ ଥିବା ଏକ ଯାନକୁ ସବୁଜ ପତାକା ଦେଖାଇ ଅତିଥିମାନେ ଶୁଭାରମ୍ଭ କରିଥିଲେ । ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ସଂଯୋଜନା କରିଥିଲେ ।

## ଭୈରବୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପୁରୁଣାକଟକ,୨୫ ।୧୨(ସମିସ): ପୁରୁଣାକଟକ ଭୈରବୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ବରିଷ୍ଠ ବିଜେପି ନେତା ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ଶିକ୍ଷକ ମଧୁସୂଦନ ବେହେରାଙ୍କ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବାଳକ ବିଭାଗରେ କରୁଣାକର ଦନାୟକ ଓ ବାଳିକା ବିଭାଗରେ ପ୍ରିୟଙ୍କା ଅମାତ ଚାମ୍ପିୟନ ହୋଇଥିଲେ । ୨୬ଟି ଇଭେଣ୍ଟରେ ୪୫୦ଜଣ ଖେଳାଳି ଭାଗ ନେଇଥିଲେ । ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରମେଶ ତାରେଣିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅଧ୍ୟାପକ ସୁରେଶ୍ୱର ଯୋଶୀ ମଞ୍ଚ ପରିଚାଳନା କରିଥିଲେ । କ୍ରୀଡ଼ା ଶିକ୍ଷକ ଉମାଶଙ୍କର ରାଉତ, ରଞ୍ଜନ ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ ।




## ଉଲୁଣ୍ଡା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବୀରମହାରାଜପୁର,୨୫।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିଜୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ବିଜୟାଲକ୍ଷ୍ମୀ ତରାଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଯୁଗ୍ମ ସଂପାଦକ ଧମନିରଞ୍ଜନ ପଣ୍ଡା, ପୂର୍ବତନ ସଭାପତି ଗୋବିନ୍ଦ ଦାସ ତରାଇ, ଅତିରିକ୍ତ ଶିକ୍ଷା ଅଧିକାରୀ ଯୋଗେସ୍ୱର ଦାସ, ସିବରାମ ନାଏକ ଉପସ୍ଥିତ ଥିଲେ । ସହ ସଂପାଦକ ରାଜେନ୍ଦ୍ର ଦେହେରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗର ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ସମୟରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ମୁଖ୍ୟବକ୍ତା ଭାବେ ଗବେଷକ ଡ. ଅନିରୁଦ୍ଧ କୁରୁକୁରିଆ ଯୋଗ ଦେଇଥିଲେ । ଜନାର୍ଦ୍ଦନ ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୁଗ୍ମ ସଂପାଦକ ଠାକୁର ରାଜହଂସ ଧନ୍ୟବାଦ ଦେଇଥିଲେ ।

## ଲମ୍ବସରୀରେ ମାଁ ଚକରାପଥର ଦେବୀଙ୍କ ବଳିଯାତ୍ରା

ଶଗଡା,୨୫ ।୧୨(ସମିସ): କଣ୍ଟାମାଳ ବ୍ଲକ୍ ଲମ୍ବଶରୀ ପଞ୍ଚାୟତ ସେଲାମାଲରେ ଆରିମୂଳ ପ୍ରଗଣାର ମା' ଚକରାପଥର ଦେବୀଙ୍କ ବଳିଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସେଲାମାଲ୍ ପୀଠରେ ଆଦିବାସୀଙ୍କ ପାରମ୍ପରିକ ଢୋଲ ବାଦ୍ୟ ସହ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ମାଁ ଚକରା ପଥର ଦେବୀଙ୍କ ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ଆଦିବାସୀ ଶେଲାମାଲ୍ ପୀଠରୁ ବାହାରି ବିଭିନ୍ନ ଗାଁ ପରିକ୍ରମା କରିଥିଲେ । ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ସହ ଧୂପ ଦୀପ ନୈବେଦ୍ୟ ଅର୍ପଣ କରିଥିଲେ । ମା' ଚକରାପଥର ଦେବୀ ଡୋଳାପାଲି ଗ୍ରାମର ବରୁଆ ଦେହରେ ଆବିର୍ଭାବ ହୋଇଥିଲେ । ଡୋଳାପାଲି ଗ୍ରାମରୁ ବାହାରି ବେହେରାପଡା ଗ୍ରାମରେ ବନ୍ଦାପନା ସାରି ସେଲାମାଲସ୍ଥିତ ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପୀଠ ଉପରକୁ ଯାଇ ଆରିମୂଳ ପ୍ରଗଣାର ସମସ୍ତ ଆଦିବାସୀ ମାଁଙ୍କୁ ଦର୍ଶନ କରିବା ସହ ମାଁଙ୍କ ଆଶୀର୍ବାଦ ନେଇଥାନ୍ତି ।

### ପ୍ରାଣୀଧନ ସହାୟକ କେନ୍ଦ୍ରରେ ନାହାନ୍ତି ସ୍ଥାୟୀ ପ୍ରାଣୀ ନିରୀକ୍ଷକ

# ଗୋପାଳକଙ୍କ ରାସ୍ତା ଅବରୋଧ ଚେତାବନୀ

ବୌଦ୍ଧ,୨୫।୧୨(ସମିସ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କରେ ନାରାୟଣନଗର ପ୍ରାଣୀଧନ ସହାୟକ କେନ୍ଦ୍ରରେ ସ୍ଥାୟୀ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ପାଇଁ ଦାବି ଜୋର ଧରିଛି । ଏନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସ୍ଥାନୀୟବାସିନ୍ଦା । କେଦାର ନାଥ ସାହୁ, ବିଷ୍ଣୁ ପ୍ରଧାନ, ନରେନ୍ଦ୍ର ସାହୁ, ସୁଧାଂଶୁ ଶେଖର ମିଶ୍ର, ଶ୍ରୀରାମ ପ୍ରଧାନ, ଚକ୍ରଧର ଅମାତ ପ୍ରମୁଖ ୪ମାସ ତଳେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ; କିନ୍ତୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗୋପାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ସ୍ଥାୟୀ ପ୍ରାଣୀ ନିରୀକ୍ଷକଙ୍କୁ ନିଯୁକ୍ତି ଦିଆ ନ ଗଲେ ଗୋପାଳକମାନେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଶୁଣାଇଛନ୍ତି ।

୧୯୭୦ରେ ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କରେ ନାରାୟଣ ନଗର ପ୍ରାଣୀଧନ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା । ପ୍ରଥମେ ଏହା ଚାଳ ଛପର ଘରେ ଚାଲିଥିଲା । ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗି ଯିବାରୁ ୨୦୧୮ ମସିହାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କୋଠା ନିର୍ମାଣ କରାଗଲା । ଏହି କେନ୍ଦ୍ର ଉପରେ ଆଖପାଖ ୪ଟି ପଞ୍ଚାୟତର ପ୍ରାୟ ୫୦ଟି ଗ୍ରାମର ଗୋପାଳକ ନିର୍ଭର କରୁଛନ୍ତି । ୨୦୨୨ ଜୁନ୍‌ରୁ ଏଠାରେ ଥିବା ପ୍ରାଣୀଧନ ନିରୀକ୍ଷକ ସୂର୍ଯ୍ୟକାନ୍ତ ମେହେର କାର୍ଯ୍ୟରେ ଅବହେଳା ଯୋଗୁଁ ଅନ୍ୟତ୍ର ବଦଳି ହୋଇଛନ୍ତି । ଏହାପରେ ସୌଭାଗ୍ୟ ପ୍ରଧାନ ଏହି କେନ୍ଦ୍ର ଦାୟିତ୍ୱରେ ଥିଲେ । ତେବେ ୨୦୨୪ ଅକ୍ଟୋବରରେ ଏଠାରେ ନୂତନ ପ୍ରାଣୀ ନିରୀକ୍ଷକ ଅଭିଲିପ୍ସା ଦାସ ଯୋଗ ଦେଇଥିଲେ । ତେବେ ସେ ଫେବୃଆରୀ ମାସରୁ ଅନ୍ୟ ଏକ ଚାକିରି ପାଇବାରୁ ଆଉ ଅଫିସ ଆସି ନ ଥିଲେ । ଏହାପରେ ୨୦୨୪ ମେ ମାସରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ଫଳରେ ମୁଣ୍ଡାପଡା ଦାୟିତ୍ୱରେ ଥିବା ପ୍ରାଣୀ ନିରୀକ୍ଷକଙ୍କୁ ଏହି କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା; ହେଲେ ସେ ୩ଟି କେନ୍ଦ୍ରର ଦାୟିତ୍ୱରେ ଅଛନ୍ତି । ଏହି ପ୍ରାଣୀଧନ ସହାୟକ କେନ୍ଦ୍ର ଖୋଲୁନି । ଏଣୁ ପ୍ରାଣୀପାଳକମାନେ ବିଭିନ୍ନ ସମୟରେ ଗୃହ ପାଳିତ ପ୍ରାଣୀଙ୍କୁ ଆଣି ଅପେକ୍ଷା କରି ହଇରାଣ ହେଉଛନ୍ତି । ବାଧ ହୋଇ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେଉଛନ୍ତି । ଅନ୍ୟପକ୍ଷରେ ରବିବାର ଏହି ପ୍ରାଣୀ ସହାୟକ କେନ୍ଦ୍ର ବନ୍ଦ ରହୁଛି । ଏଣୁ ଗୋପାଳକମାନେ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି । ଏନେଇ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାମରାଓ ପାଲୋଙ୍କୁ ଯୋଗାଯୋଗ କରିବାରୁ ଜିଲ୍ଲାରେ ୩୮ଟି ପ୍ରାଣୀ ସହାୟକ କେନ୍ଦ୍ର ଅଛି । ୧୯ ଜଣ ପ୍ରାଣୀ ନିରୀକ୍ଷକ ଅଛନ୍ତି । ବର୍ତ୍ତମାନ ସେମାନେ ତାଲିମ ନେଉଛନ୍ତି । ଆସିଲେ ସମାଧାନ ହେବ ବୋଲି କହିଥିଲେ ।

ତେବେ ଗତ ଅଗଷ୍ଟ ମାସରେ ଅଭିଯୋଗର ମାସେ, ଦୁଇ ମାସରେ ଏହାର ସମାଧାନ ହୋଇଯିବ ବୋଲି କୁହାଯାଇଥିଲା । ୪ ମାସ ବିତିଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇନି । ଯଦି ଏହି କେନ୍ଦ୍ରରେ ନିୟମିତ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ଦିଆ ନ ଯାଏ ତେବେ ଜାତୀୟ ରାଜପଥ ଅବରୋଧ କରିବାକୁ ଗୋପାଳକମାନେ ଚେତାବନୀ ଦେଇଛନ୍ତି ।

## ପାତାଳି ମହୋତ୍ସବ ପାଇଁ ପ୍ରସ୍ତୁତି

ବୀରମହାରାଜପୁର,୨୫।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇଠାରେ ଜାନୁୟାରୀ ୧୮ ରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏକବିଂଶ ତମ ପାତାଳି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କଳସ ଓ ସାଂସ୍କୃତିକ ଶୋଭାଯାତ୍ରା, ଭାଗବତ ସପ୍ତାହ ପାରାୟଣ, ୫୬- ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ରକ୍ତଦାନ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍କୀର୍ତ୍ତନ ବୈଠକ ଆଦି ହେବ ବୋଲି ଆଲୋଚନା କରାଯାଇଥିଲା । ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ପୂର୍ବ ବୈଠକର ସମୀକ୍ଷା କରାଯାଇଥିଲା । ପରେ ଚଳିତ ବର୍ଷ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ପାଇଁ ଉପକମିଟି ଗଠନ କରାଯାଇଥିଲା । ଭାଗବତ ସପ୍ତାହ ପାଇଁ ବ୍ୟାସ ଭାବରେ ସୁଧୀର ପୁରୋହିତଙ୍କୁ ଚୟନ କରାଯାଇଥିଲା । ସଂକୀର୍ତ୍ତନ ଦାୟିତ୍ୱ କୋଟସମଲାଇ ବାହାରିପଡା, ଗଡଭିତର, ଗୋଲାବନ୍ଧ, ସୁନାପାଲି, ରେଢମ୍, ଖୁଣ୍ଟୁଲାପାଲି ଓ କାଇଁଶପାଣି ଗ୍ରାମକୁ ପ୍ରଦାନ କରାଯାଇଥିଲା । ପୂର୍ଣ୍ଣାହୁତି ଦିବସ ତଥା ଜାନୁୟାରୀ ୨୬ରେ ପଣ୍ଡକିଟାଲ ଓ ପପଙ୍ଗା ମଧ୍ୟରେ ସଂକୀର୍ତ୍ତନ ବୈଠକ ଅନୁଷ୍ଠିତ ହେବ । ଜାନକୀରାମ ଦେହୁରୀ, ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡା, ବିଜୟ ହୋତା, ଫକୀରମୋହନ ପୁରୋହିତ, ନରସିଂହ ପଧାନ, ମନୋରଞ୍ଜନ ପାଢୀ, ପର୍ଶୁରାମ ବାରିକ, ପଞ୍ଚାନନ ମିଶ୍ର, ଶରଦ ଚାନ୍ଦ, ଚିତ୍ତରଞ୍ଜନ ପାଢୀ, କର୍ଣ୍ଣଦାନୀ ଭୋଇ, ଭାଗୀରଥି ଚାନ୍ଦ, ସଂଜୟ ମେଣ୍ଡିଲିଙ୍କ ସମେତ ବିଭିନ୍ନ ଗ୍ରାମର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କପିଳେଶ୍ୱର ଟ୍ରଷ୍ଟ ବୋର୍ଡର ନୂତନ କମିଟି ଗଠିତ

ବିନିକା,୨୫ ।୧୨(ସମିସ): ବିନିକା ବ୍ଲକ୍‌ର ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ କପିଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡର ନୂତନ କମିଟି ଗଠନ କରାଯାଇ ଦେବୋତ୍ତର କମିଶନଙ୍କ ସ୍ୱୀକୃତି ପାଇଁ ପଠାଯାଇଛି । ବୋର୍ଡର ପୂର୍ବତନ ସଭାପତି ଅଶୋକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମନ୍ଦିର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିନିକା ତହସିଲଦାର ରେଶ୍ମା ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସଦସ୍ୟମାନେ ପୁଣି ଥରେ ଟ୍ରଷ୍ଟ ବୋର୍ଡର ସଭାପତି ପଦ ପାଇଁ ଅଶୋକ ପୃଷ୍ଟିଙ୍କ ନାମ ଚୟନ କରିଥିଲେ । ସମ୍ପାଦକ ଭାବେ ପ୍ରଶାନ୍ତ ପୂଜାରୀ, କୋଷାଧ୍ୟକ୍ଷ ସଦାନନ୍ଦ ଥନାପତିଙ୍କୁ ଚୟନ କରାଯାଇଛି । ସଦସ୍ୟ ଭାବେ ଭୀମସେନ ସିଂଦେଓ, ଆଶିଷ ମଲ୍ଲିକ, ଉସତ କର, ନିମାଇ ଚୌଧୁରୀ, ଦେବରାଜ ଦିଶ୍ରି, ସୁଶିଲ ହୋତା ପ୍ରମୁଖ ରହିଛନ୍ତି । ବୈଠକରେ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଓ ମନ୍ଦିର ସେବାୟତ ଉପସ୍ଥିତ ଥିଲେ ।

## କୃଷକ ଉତ୍ପାଦକ ସଂଗଠନ ଫେଡେରେସନର ନୀତି ନିର୍ଦ୍ଧାରଣ ବୈଠକ



ବୌଦ୍ଧ,୨୫।୧୨(ସମିସ): ବୌଦ୍ଧ ରାଜବାଟୀସ୍ଥିତ ମାହେଶ୍ୱରୀ ସଂସ୍କୃତି ଭବନଠାରେ ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନର କୃଷକ ଉତ୍ପାଦକ ସଂଗଠନର ନୀତି ନିର୍ଦ୍ଧାରଣ ବୈଠକ ଫେଡେରେସନ ସଭାପତି ରାଜୁ ଭାଇଙ୍କ ସଭାପତିତ୍ୱ ଓ ସମ୍ପାଦକ କୃତ୍ତିବାସ ପଲିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲା ମହୋତ୍ସବ ଜାନୁୟାରୀ ୪ ତାରିଖରେ ହେବାକୁ ଥିବା କୃଷି ସମ୍ପର୍କିତ କର୍ମଶାଳାରେ ୨୫୦ରୁ ଅଧିକ ଗ୍ରାମାଞ୍ଚଳ ଚାଷୀଙ୍କୁ ନେଇ କୃଷି ଓ କୃଷି ସମ୍ପର୍କିତ ଆଲୋଚନାଚକ୍ର ଆୟୋଜନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇ ସମସ୍ତ ଏଫପିଓ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଶିଶିର ଘୋଷ, କୃଷକନେତା ସୂର୍ଯ୍ୟନାରାୟଣ ମହାପାତ୍ର, ବିଶିକେଶନ ପ୍ରଧାନ, କେଦାରନାଥ ସାହୁ, ବିଦ୍ୟାଧର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ଦାମୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମାହେଶ୍ୱରୀ ଗୋଶାଳା ଅଧ୍ୟକ୍ଷ ନିର୍ଗୁଣ ମହାକୁଡ଼, ଚାଷୀନେତା ଅନନ୍ତ ପ୍ରଧାନ, ସୁନିଲ କ୍ଷେତି, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଦିବ୍ୟଲୋଚନ ପ୍ରଧାନ, ପ୍ରବୀର ମାହାର, ମାଟିମାରୁ ଶମ୍ଭୁ ମୁଣ୍ଡା, ଭଗବାନ ସାହୁ, ବାଣିଗ୍ରୀରୁ ଶ୍ୟାମ ସିଂ କହର, ଗନ୍ଧରାଡ଼ୀରୁ ଗଦାଧର ମହାକୁଡ଼, ମାତୃଶକ୍ତିରୁ ତୋଫାନ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଶୈଳେନ୍ଦ୍ରୀ

ବୌଦ୍ଧ,୨୫ ।୧୨(ସମିସ): ହରଭଙ୍ଗା ବ୍ଲକ୍ କୁସଙ୍ଗ ପଞ୍ଚାୟତ କୁମାରୀ ଗ୍ରାମର ଶୈଳେନ୍ଦ୍ରୀ ଚଣ୍ଡ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଜନ୍ମରୁ ସେ ଅଜଣା ରୋଗରେ ଆକ୍ରାନ୍ତ । ଅନ୍ୟର ସାହା ଭରସାରେ ଚଳୁଛନ୍ତି । ତାଙ୍କର ଗୋଟିଏ ଗୋଡ଼ ସଂପୂର୍ଣ୍ଣ ଅଚଳ । ୮୫ପ୍ରତିଶତ ବିକଳାଙ୍ଗ ବୋଲି ପ୍ରମାଣପତ୍ର ମଧ୍ୟ ପାଇଛନ୍ତି । ଏ ନେଇ ସେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି; ହେଲେ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ । ତାଙ୍କଭଳି କୁମାରୀ ଗ୍ରାମର ଅକ୍ଷୟ ବେହେରା ଓ ଝୁନା ସେନାପତି ମଧ୍ୟ ୮୦ପ୍ରତିଶତ ବିକଳାଙ୍ଗ । ସେମାନଙ୍କୁ ୮୦ବର୍ଷରୁ ଅଧିକ । ସେମାନେ ମଧ୍ୟ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ । ଅନ୍ୟପକ୍ଷେ ତୁଳସା ଖଟୁଆ, ଧୁବୁଣି ଖଟୁଆ, ଛକେଇ ବେହେରା ଓ ଅତଲସରା ଗ୍ରାମର ପାଲ ବେହେରାଙ୍କ ମଧ୍ୟ ସମାନ ଅବସ୍ଥା । ବର୍ଦ୍ଧିତ ଭତ୍ତା ପାଇବାକୁ ଆବଶ୍ୟକ ଯୋଗ୍ୟତା ଅଛି; ହେଲେ ସେମାନେ ଏଥିରୁ ବଞ୍ଚିତ ହୋଇଛନ୍ତି ।



## ଭାଙ୍ଗିରୁଜି ଗଲାଣି ୧୦୮ ଆମ୍ବୁଲାନ୍ସ

ଡୁଙ୍ଗୁରିପାଲି,୨୫।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀ ନେଇ ଆସିଥିବା ଏକ ୧୦୮ ଆମ୍ବୁଲାନ୍ସର ଅବସ୍ଥା ଜରାଜୀର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି । ଏହାଦ୍ୱାରା ଉକ୍ତ ଆମ୍ବୁଲାନ୍ସରେ ରୋଗୀ ପରିବହନ ସମୟରେ ଦୁର୍ଘଟଣାର ଆଶଙ୍କା ରହିଥିବାରୁ ତାହାକୁ ତୁରନ୍ତ ମରାମତି କରାଯିବାକୁ ସାଧାରଣରେ ଦାବି ହୋଇଛି । ଅତି ପୁରୁଣା ଆମ୍ବୁଲାନ୍ସ ଗାଡି ହୋଇଥିବାରୁ ଏହାର ବଡ଼ି ଚଦରରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଛି । ଗାଡ଼ିରେ ପେଟ୍ରୋଲ ଭରୁଥିବା ଟାଙ୍କି ଠିପିକୁ ଏକ ସୂତା ଦଉଡିରେ ବନ୍ଧା ଯାଇଛି । ଏପରି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଆମ୍ବୁଲାନ୍ସରେ ଯିବା ଆସିବା କରିବାକୁ ରୋଗୀ ଭୟ କରୁଛନ୍ତି । ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ୧୦୮ ଆମ୍ବୁଲାନ୍ସରେ ରୋଗୀ ପରିବହନ ବେଳେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏପରି ଜରାଜୀର୍ଣ୍ଣ ଆମ୍ବୁଲାନ୍ସ ଗାଡି (ଓଡି ୦୨ବିଜେ୧୪୮୬) ବରପାଲିର ଏକ ରୋଗୀଙ୍କୁ ଆଣି ଭର୍ତ୍ତି କରିଥିବା ନଜରକୁ ଆସିଥିଲା । ଅନ୍ୟପକ୍ଷରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପଚାରିବାରୁ ଗାଡି ବହୁତ ଦିନରୁ ବ୍ୟବହାର ହେଉଛି । ବିଭିନ୍ନ ସମୟରେ ରାସ୍ତାରେ ଅଟକି ଯାଉଛି । ବିଭାଗୀୟ ଅଧିକାରୀଙ୍କ ଆଦେଶରେ ଗାଡ଼ି ଚାଲିଛି ।




## ବୌଦ୍ଧରେ ସୁଶାସନ ସପ୍ତାହ




ବୌଦ୍ଧ,୨୫।୧୨(ସମିସ): ବୌଦ୍ଧ ଜିଲ୍ଲାର ଉପାନ୍ତ ଶଗଡା ପଞ୍ଚାୟତରେ ସୁଶାସନ ସପ୍ତାହ ପାଳନ କରାଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା କିଭଳି ସମସ୍ତ ଯୋଗ୍ୟ ହିତାଧିକାରୀ ପାଇପାରିବେ ସେନେଇ ସଚେତନତା କାରାଯାଇଛି । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ବିଡ଼ିଓ ଯୁଗଳ ବିଶ୍ୱାଳ, ଶଗଡା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ଼ ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ଅବଗତ କରିଥିଲେ ।

## ବନ୍ଧ ଖନନରେ ଦୁର୍ନୀତି ନେଇ ଅଭିଯୋଗ

ହରଭଙ୍ଗା,୨୫ ।୧୨(ସମିସ): ହରଭଙ୍ଗା ବ୍ଲକ ପୁରୁଣାକଟକ ଫରେଷ୍ଟ ରେଞ୍ଜରେ କାମ୍ପା ଯୋଜନାରେ ୩୫ଲକ୍ଷ ଟଙ୍କା ଅଟକଳରେ ଏକ ଜଳାଶୟ ଖନନ ହୋଇଛି; ହେଲେ ଏଥିରେ ଦୁର୍ନୀତି ହୋଇଛି । ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅବକାଶ ସାହୁ ବୌଦ୍ଧ ଡିଏଫଓଙ୍କୁ ଏଭଳି ଗୁରୁତର ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବିରେ ସେ ଡିଏଫଓଙ୍କୁ ଅଭିଯୋଗପତ୍ର ଦେଇଛନ୍ତି । ପୁରୁଣାକଟକ ରେଞ୍ଜ ସାକୁଶିଙ୍ଗା ବିଟ୍ ଅଧୀନ ଅରାଗଡ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ -୫ରେ ଏକ ଜଳାଶୟ ଖନନ କରାଯାଇଛି । ଜୁନ୍‌ରେ ଖନନ ହୋଇଥିବା ଏହି ଜଳାଶୟ ଏବେ ଶୁଖିଲା ପଡିଛି । ସାଢେ ୩ ଫୁଟ ଗଭୀର ୧୨ଫୁଟ ଉଚ୍ଚତା ବିଶିଷ୍ଟ ଗାର୍ଡୱାଲ ନିର୍ମାଣ କରାଯିବା କଥା; ହେଲେ ୫/୬ଫୁଟ ଉଚ୍ଚତା ବିଶିଷ୍ଟ ନିମ୍ନମାନର ଗାର୍ଡୱାଲ ନିର୍ମାଣ କରାଯାଇଛି । ସେହିଭଳି ପଥର ପ୍ୟାକିଂ କାର୍ଯ୍ୟ ମଧ୍ୟ ଭୁଷୁଡିଗଲାଣି । ଏ ବିଷୟରେ ସେ ପିସିସିଏଫ ବ୍ରହ୍ମପୁର ଆରସିସିଏଫଙ୍କୁ ମଧ୍ୟ ଜଣାଇଛନ୍ତି ।

## ଖୁଣ୍ଟିଗୋରା ମଣ୍ଡିରେ ଧାନକିଣା

କଣ୍ଟାମାଳ,୨୫।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପାକ୍ସ ଅଧୀନ ଖୁଣ୍ଟିଗୋରା ମଣ୍ଡିରେ ଚଳିତ ଖରିଫ ଋତୁର ଧାନ କ୍ରୟର ଶୁଭାରମ୍ଭ ହୋଇଛି । ପାକ୍ସ ସଂପାଦକ ସନ୍ତୋଷ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି କାହ୍ନୁଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନକ୍ରୟର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ ରବିଚନ୍ଦ୍ର ମହାକୁଡ଼, ନୋଡାଲ ଅଫିସର କ୍ଷୀରୋଦ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । ପୂଜାର୍ଚ୍ଚନା ପରେ ଧାନ କିଣା ଆରମ୍ଭ ହୋଇଥିଲା । ପ୍ୟାକ୍ସରେ ସହ ସମ୍ପାଦକ ଯୁଧିଷ୍ଠିର ରଣା, ଡିଇଓ ସମୀର ରାଉତ, ପ୍ୟାକ୍ସର ନିର୍ଦ୍ଦେଶକ, ସଦସ୍ୟ, ମିଲର୍ସ କର୍ମଚାରୀ, ଆର୍‌ଏମ୍‌ସି କର୍ମଚାରୀ ଶଶୀଭୂଷଣ ରଣା, ଚାଷୀ ପୂର୍ଣ୍ଣଚନ୍ଦ୍ର ମେଣ୍ଡିଲି, ମୁଛ ଝାଙ୍କର, ଶତ୍ରୁଘ୍ନ ରଣା, ପବିତ୍ର ଭୋଇ ଏବଂ ଚାଷୀ ଉପସ୍ଥିତ ଥିଲେ । ପାକ୍ସ କର୍ମଚାରୀ ସହଯୋଗ କରିଥିଲେ ।



## ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ୍ ଅଭିଯୋଗ

ବୌଦ୍ଧ,୨୫।୧୨(ସମିସ): କାମ ନ ହୋଇ ମିଥ୍ୟା ବିଲ୍ କରି ଟଙ୍କା ଅତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ଆସିଛି ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତରୁ । ଏହାର ତଦନ୍ତ ପାଇଁ ସୁଧାଂଶୁ ଶେଖର ମିଶ୍ର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୨୦୨୧ରେ ଖୁଣ୍ଟବନ୍ଧ ପଞ୍ଚାୟତର ଗୋବିନ୍ଦପୁର ମଙ୍ଗଳା ମନ୍ଦିରଠାରୁ ମହାନଦୀ ଫେରିଘାଟର ଉନ୍ନତି ପାଇଁ ତତ୍କାଳୀନ ପିଇଓ ୮୪ ହଜାର ୪୪୩ ଟଙ୍କା, ଖୁଣ୍ଟବନ୍ଧ-ଚରଦା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରୁ ବ୍ରହ୍ମଚାରୀ ରାସ୍ତାର ଉନ୍ନତି ପାଇଁ ୮୪ ହଜାର ୪୪୩ ଟଙ୍କା, ସେହିପରି ପୋଲାମ ଗାଁ ମୁଣ୍ଡରୁ ସାଲୁଙ୍କି ରାସ୍ତାର ଉନ୍ନତି ପାଇଁ ୮୪ ହଜାର ୪୪୩ ଟଙ୍କା ନିଜ ଏକାଉଣ୍ଟକୁ ୨୦୨୧ ଜାନୁୟାରୀ ୨୦, ନଭେମ୍ବର ୨୭ ଓ ୨୦୨୨ ଫେବୃୟାରୀ ୭ରେ ଟ୍ରାନ୍ସଫର କରିଥିଲେ । ଏହି କାମ କି ବିଲ ବାବଦରେ ତତ୍କାଳୀନ ସରପଞ୍ଚ ମିତ୍ରଭାନୁ ପ୍ରଧାନ କି କନିଷ୍ଠ ଯନ୍ତ୍ରୀ ଦେଶବନ୍ଧୁ ନାଏକ ଜାଣି ନ ଥିଲେ । ତେବେ ବର୍ତ୍ତମାନ ସୁଦ୍ଧା ଏହି ତିନିଟି ରାସ୍ତାର ମୁଠାଏ ମଧ୍ୟ ମାଟି ପଡ଼ିନାହିଁ । ଏ ସମ୍ପର୍କରେ ତତ୍କାଳୀନ ସରପଞ୍ଚ ଶ୍ରୀ ପ୍ରଧାନ ଜିଲ୍ଲାପାଳ, ବିଡ଼ିଓ, ପଞ୍ଚାୟତରାଜ ବିଭାଗକୁ ପଞ୍ଚାୟତ ପେଡରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ଶ୍ରୀ ମିଶ୍ର ଏହାର ତଦନ୍ତ କରି ସମ୍ପୃକ୍ତ ପିଇଓଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ସହକାରୀ ଯନ୍ତ୍ରୀ ପ୍ରାଚୀ ପାରମିତା ସାବତଙ୍କୁ ଯୋଗାଯୋଗ କରିବାରୁ ଦୁଇଟି ରାସ୍ତା ଉପରେ କାମ ହୋଇଯାଇଛି । ଏ ସମ୍ପର୍କରେ କୌଣସି ଫାଇଲ ତତ୍କାଳୀନ ପିଇଓ ପଞ୍ଚାୟତକୁ ହସ୍ତାନ୍ତର କରି ନାହାନ୍ତି । ଏଣୁ ତଦନ୍ତ ରିପୋର୍ଟ ଦିଆଯାଇପାରୁନି ବୋଲି କହିଥିଲେ । ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଶ୍ରୀ ମିଶ୍ର ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ମିଶନ ଶକ୍ତି ମହିଳାଙ୍କୁ ଅଣଦେଖା

ବୌଦ୍ଧ,୨୫।୧୨(ସମିସ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭିବି-ଜି-ରାମ୍-ଜି-୨୦୨୫ କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳାମାନଙ୍କୁ ଅଣଦେଖା ଓ ଅପମାନ କରାଯାଇଥିବା ବୌଦ୍ଧ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି । ଏଭଳି ଘଟଣା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଧଳପୁର ପଞ୍ଚାୟତରେ ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବିଭିନ୍ନ ଅବ୍ୟବସ୍ଥା ଦେଖାଦେଇଥିଲା । ମିଶନ ଶକ୍ତି ମହିଳାଙ୍କ କହିବା ଅନୁଯାୟୀ, କାର୍ଯ୍ୟକ୍ରମର ପୂର୍ବ ପ୍ରସ୍ତୁତି ସମୟରେ ଅନ୍‌ଲାଇନ୍ ମିଟିଂ ମାଧ୍ୟମରେ ବିଡିଓ ସ୍ପଷ୍ଟଭାବେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ମହିଳାମାନେ ଜଳଖିଆ ଆଶାରେ ଥିଲେ; କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭରୁ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଏକାଧିକ ମହିଳାଙ୍କୁ ଯୋଗଦାନ ପାଇଁ ଡାକିଥିବା ବେଳେ ସେମାନେ ବସିବାକୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । କୌଣସି ପାଲ ନ ପକାଇ ତଳେ ମାଟିରେ ବସିବା ପାଇଁ କୁହାଯାଇଥିଲା; କିନ୍ତୁ କାର୍ଯ୍ୟକ୍ରମ ସମାପ୍ତି ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତ ତରଫରୁ ପ୍ରତି ମହିଳାଙ୍କୁ ଶୁଖିଲା ବିସ୍କୁଟ ଦେଇ ଦାୟିତ୍ୱ ସାରିଦେଇଥିଲେ ବୋଲି ଅଭିଯୋଗ ହୋଇଛି । ସବୁଠାରୁ ଦୁଃଖର ବିଷୟ ହେଉଛି ଯେ, ସମସ୍ତ ଉପସ୍ଥିତ ମିଶନ ଶକ୍ତି ମହିଳାଙ୍କୁ ମଧ୍ୟ ସେହି ବିସ୍କୁଟ ମିଳି ନ ଥିଲା । ଅନେକ ମହିଳା ଦିନଭରି କାର୍ଯ୍ୟକ୍ରମରେ ବସିଥିଲେ ମଧ୍ୟ କୌଣସି ପ୍ରକାର ଜଳଖିଆ ବା ସମ୍ମାନଜନକ ବ୍ୟବହାର ପାଇନଥିବା ଅଭିଯୋଗ କରିଛନ୍ତି । ମିଶନ ଶକ୍ତି ମହିଳାମାନେ କହିଛନ୍ତି, ସରକାର ଯେଉଁଠି ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉଛନ୍ତି, ସେଠି ପଞ୍ଚାୟତସ୍ତରରେ ଏଭଳି ବ୍ୟବହାର ଗଭୀର ଚିନ୍ତାଜନକ । ଭିବି-ଜି-ରାମ-ଜି-୨୦୨୫ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଅଣଦେଖା କରାଯିବା ଓ ଖର୍ଚ୍ଚ ନାମରେ ଠକିବା ଘଟଣା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଓ ସରକାରୀ ନୀତି-ନିୟମକୁ ପ୍ରଶ୍ନର ସମ୍ମୁଖୀନ କରୁଛି । ମହିଳାମାନଙ୍କ ଅଭିଯୋଗ ଅନୁସାରେ, ପଞ୍ଚାୟତ ନିର୍ବାହୀ ଅଧିକାରୀ କେବଳ ଜଳଖିଆ ବିଷୟରେ ନୁହେଁ । କଥାବାର୍ତ୍ତାରେ ମଧ୍ୟ ଅଶିଷ୍ଟ ବ୍ୟବହାର କରିଥିଲେ । ସମସ୍ତ ଉପସ୍ଥିତ ମହିଳା ବିସ୍କୁଟ ପାଇବା ପୂର୍ବରୁ କିଭଳି ସରିଗଲା ବୋଲି ମହିଳାମାନେ ପ୍ରଶ୍ନ କରିବାରୁ ସେ କଣ କରିବେ ପୋଲି ପ୍ରଶ୍ନ କରିଛନ୍ତି । ଯାହା ଆସିଥିଲା ଦିଆଗଲା । ବର୍ତ୍ତମାନ ସେ କେଉଁଠାରୁ ବିସ୍କୁଟ ଆଣି ବାଣ୍ଟିବେ ବୋଲି ଓଲଟା ପ୍ରଶ୍ନ କରିଥିଲେ ବୋଲି ଉପସ୍ଥିତ ମହିଳାମାନେ ଅଭିଯୋଗ କରିଛନ୍ତି । ଏହି ଘଟଣା ପରେ ଧଳପୁର ପଞ୍ଚାୟତ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ମିଶନ ଶକ୍ତି ମହିଳାମାନେ ଏହାର ଉଚିତ ତଦନ୍ତ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ଘଣ୍ଟାପଡା ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା




କଣ୍ଟାମାଳ,୨୫ ।୧୨(ସମିସ): କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଗିରିଧର ଦେହୁରୀଙ୍କ ନେତୃତ୍ୱ ଏବଂ କ୍ରୀଡ଼ା ସଂଯୋଜକ ମାନସ ବକୁଲଙ୍କ ତତ୍ତ୍ୱାବଧାନରେ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ସେଠାରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶୋଭାଯାତ୍ରାରେ କ୍ରୀଡା ମଶାଲ ବାହାରିଥିଲା । ଗାଁ ପରିକ୍ରମା ପରେ ଖେଳ ମଣ୍ଡପରେ କଲେଜ ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ ସାହୁଙ୍କ ଦ୍ୱାରା ମଶାଲ ସ୍ଥାପନ କରାଯାଇଥିଲା । କଲେଜ ସଭାପତି କାର୍ତ୍ତିକେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ପ୍ରତିଯୋଗିତାରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, କବାଡି, ଖୋ ଖୋ, କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ପ୍ରଭାତ ସାହୁ, ବଂଶୀଧର ମାଝୀ ଏବଂ ଅଜିତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଜରାସିଂହା ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନ ଖେଳ ପରିଚାଳନା କରିଥିଲେ ।

# ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଖାଦ୍ୟ ମେଳା

**ନୂଆପଡ଼ା, ୨୫ ।୧୨(ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସାଂସ୍କୃତିକ ସପ୍ତାହ ମଧ୍ୟରେ ଛାତ୍ରଛାତ୍ରୀଙ୍କର ବିଭିନ୍ନ ପ୍ରତିଭା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ବକ୍ତୃତା, ରଚନା, ଚିତ୍ରାଙ୍କନ, ସାଜସଜ୍ଜା, ଝୋଟି, ରଙ୍ଗୋଲି, ଅପ୍ରସ୍ତୁତ ଭାଷଣ, ବିଷୟ ଭିତ୍ତିକ ନାଟକ, କବିତା ଲିଖନ, ବାଦ୍ୟ ଯନ୍ତ୍ର ପ୍ରତିଯୋଗିତା, ସଙ୍ଗୀତ ପ୍ରତିଯୋଗିତା, ଲୋକ ନୃତ୍ୟ ପରିବେଷଣ, ବ୍ୟାଡ ମିଣ୍ଟନ, ଚେସ ଇତ୍ୟାଦି ସହ ଭାରତୀୟ ସଂସ୍କୃତିସମ୍ପନ୍ନ ଖାଦ୍ୟ ପରିବେଷଣ ପ୍ରତିଯୋଗିତା ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ନିଜ ନିଜର ଖାଦ୍ୟ ସାମଗ୍ରୀକୁ ଖୁବ ଆଗ୍ରହର ସହକାରେ ପ୍ରଦର୍ଶିତ କରିବା ସହ ବିକ୍ରି ମଧ କରିଥିଲେ ।ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ପ୍ରାଧ୍ୟାପକ ଡ଼. ତରୁଣ କୁମାର ପ୍ରଧାନ, ଯୁକ୍ତ ଦୁଇ ଅଧ୍ୟକ୍ଷ ଡ଼. ରଣବୀର ସିଂହ, ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ସାଗରିକା ପଣ୍ଡା, ଅଧ୍ୟାପିକା ବିଯୁଟି ଅଗ୍ରୱାଲ, ଶାରୀରିକ ଶିକ୍ଷା ଅଧ୍ୟାପକ ଡ଼ ସରୋଜ କୁମାର ପଣ୍ଡା ଅଧ୍ୟାପକ ହରିହର ବେଶରା, ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଆଧ୍ୟାପିକା ପ୍ରଣତି ପଣ୍ଡା, ଅଧ୍ୟାପିକା ସଂତୋଷି ଶର୍ମା, ଅଧ୍ୟାପିକା ଶିଲା ତ୍ରିବେଦୀ, ଅଧ୍ୟାପିକା ପାୟଲ ପ୍ରଧାନ, ଅଧ୍ୟାପିକା ଚର୍ଚ୍ଚିକା ରାଣୀ ବେହେରା, ଅଧ୍ୟାପକ ଅଭିଷେକ ରଥ, ଶ୍ରୀ ପ୍ରେମାନନ୍ଦ ମେହେର, ଅକ୍ଷୟ ଦାଶ, ଆଶୁତୋଷ ଯୋଶୀ, ଶ୍ରୀ ଧ୍ରୁବ ପାତ୍ର, ରୀତା ବାରିକଙ୍କ ସହ ଅତିଥି ବିଚାରପତି ଭାବରେ ଯଥା ଧରମେସ ନୃତ୍ୟ ଅନୁଷ୍ଠାନର ଅଧ୍ୟକ୍ଷ ଧର୍ମେସ ମେହେର, ଅଧ୍ୟାପିକା ମିନା ଗୁଜୁରାତି, ସୁଶ୍ରୀ ଆଦ୍ୟାଶା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ସମାଜର ପରିସ୍ଥିତିକୁ ନେଇ ଖୁବ ଚମତ୍କାର ନାଟକ ପରିବେଷଣ ପ୍ରତିଯୋଗିତା ହୋଇଥିଲା । ଶେଷରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

# ମଞ୍ଚସ୍ଥ ହେଲା ନାଟକ 'ପଥଝଡ'







**ଭବାନୀପାଟଣା, ୨୫ ।୧୨(ସମିସ)**

ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ କାର୍ଯ୍ୟକ୍ରମର ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବରିଷ୍ଠ ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ଶିକ୍ଷାବିତ୍ ଅଜୟ ମିଶ୍ର, ସଭାପତି ଲେଖକ କଳା ପରିଷଦ ଉମେଶ ଚନ୍ଦ୍ର ପଣ୍ଡା, ସଭାପତି କଳାହାଣ୍ଡି କଳାକାର ସଂଘ ପଦ୍ମନାଭ କୁମାର, ସଭାପତି ପ୍ରତିଭା ଅନୁଷ୍ଠାନ ଧ୍ୟାନାନନ୍ଦ ପଣ୍ଡା, ସଭାପତି ମହାବୀର ସାଂସ୍କୃତିକ ଅନୁଷ୍ଠାନ ଶାନ୍ତନୁ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ । ପ୍ରତାପ ପଣ୍ଡା ମନ୍ତ୍ରପାଠ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ପଥଝଡ' । ଡକ୍ଟର ଏସ୍‌ଏମ୍ ଆଝାର ଆଲାମଙ୍କ ଦ୍ୱାରା ହିନ୍ଦୀ ଭାଷାରେ ରୂପାନ୍ତରିତ ଲିଟିଲ୍ ଥେପସିନ୍, କଲିକତା ଦ୍ୱାରା ପରିବେଷିତ ଏହି ନାଟକ 'ପଥଝଡ', ଟେନେସି ୱିଲିୟମ୍ସଙ୍କ 'ଦି ଗ୍ଲାସ୍ ମେନାଜେରି' ଉପରେ ଆଧାରିତ । ସମଗ୍ର ନାଟକଟି ପ୍ରତିଛବି ବନାମ ବାସ୍ତବତାର ସନ୍ଦେଶ ଦେଇଛି । ଏହି ନାଟକର ସୀମା, ଜାତି, ସଂସ୍କୃତି, ସ୍ଥାନକୁ କାଟି ଆମକୁ ଏହି ବିଶ୍ୱର ଅଗଣିତ ମଧ୍ୟବିତ୍ତ ପରିବାର ସହିତ ମୁହାଁମୁହିଁ କରାଇଛି । ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଡକ୍ଟର ଏସ୍‌ଏମ୍ ଆଝାର ଆଲାମ ।ଏଥିରେ ଉମା ଝୁନଝୁନୱାଲା, ଶୁଭଙ୍କର ସିଟ୍, ଗୁଞ୍ଜନ ଆଜହାର, ଏମ୍‌ଡି ଆସିଫ୍ ଅନସାରୀ ପ୍ରମୁଖ ଅଭିନୟ କରିଥିଲେ । ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ସବ୍ୟସାଚୀ ପଲ୍ ଦେଇଥିବା ବେଳେ ପୋଷାକ ଓ ମଞ୍ଚ ସଜ୍ଜାରେ ହୀନା ପରବିଜ୍ ସହାୟତା କରିଥିଲେ । ଆଲୋକ ପରିଚାଳନା କରିଥିଲେ ଜଏଦୀପ ରୟ । ନାଟକଟି ବେଶ୍ ହୃଦୟସ୍ପର୍ଶୀ ହେବାସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଟାଉନ ହଲରେ ଅଗଣିତ ଦର୍ଶକଙ୍କ ଭିଡ ଏବଂ ଅଜସ୍ର କରତାଳି କଳାକାରଙ୍କୁ ଆହୁରି ଉତ୍ସାହିତ କରିଥିଲା । ଆଜିର କାର୍ଯ୍ୟକ୍ରମରେ ଯୁବ ମଞ୍ଚ ଉପସ୍ଥାପକ ଆଶୁତୋଷ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ପ୍ରଭାସ ଚନ୍ଦ୍ର ମିଶ୍ର, ଶୁଭେନ୍ଦୁ ମହାପାତ୍ର, ଦେବୀ ପ୍ରସାଦ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ଅବିନାଶ ଅଗସ୍ତି, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ କୁମାର ସାହୁ, ଶୁଭମ ବେହେରା, ଶିବଶକ୍ତି ପୁରୋହିତ, ଅମରେନ୍ଦ୍ର ମହାନ୍ତି, ମଧୁର ଦୀପ, ଆର୍‌ୟା ନାୟକ, ଲିପ୍ସା ମହାରଣା, ଲିପ୍ସାରାଣୀ ବାରିକ, ସୁଶୀଲ ଆଚାର୍ଯ୍ୟ, ଗୋପିଧର ନାୟର, ରାଜେଶ ଦାଶ, ହେମନ୍ତ ଦଣ୍ଡସେନା ପ୍ରମୁଖ ସହାୟତା କରିଥିଲେ ।

# ବଡ଼ ପହିଲପାର କପ୍ ଉଦ୍‌ଘାଟିତ



**ଧର୍ମଗଡ଼, ୨୫ ।୧୨(ସମିସ):** ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତ ଗତାଗୁଡା ସ୍ଥିତ କେନାଲ ଛକ ଖେଳପଡ଼ିଆରେ ବଡ଼ ପହିଲପାର କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି ।ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମଲାଲ ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଟିପିଗୁଡା ସମିତି ସଭ୍ୟା ପ୍ରତିନିଧି ଚନ୍ଦ୍ର ବାଗ, ଘେନୁପ୍ରସାଦ ନାଏକ, ଡମ୍ବରୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନୀ ମ୍ୟାଚ୍ ଲିମସେର ଓ ଖମାରହଳଦୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଖମାରହଳଦୀ ଦଳ ଟସଜିତି ପ୍ରଥମେ ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୨ ରନ କରିଥିଲା । ଜବାବରେ ଲିମସେର ଦଳ ୮ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହକରି ବିଜୟୀ ହୋଇଥିଲା । ଦଶରଥ ନିଆଲ ଓ ମନୋଜ ତାଣ୍ଡି ଖେଳ ପରିଚାଳନା କରିଥିବାବେଳେ ଛାୟାକନ୍ତ ମାଝୀ ଧାରାବିବରଣୀ, ଭାରତ ଭୂଷଣ ନିହାର ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜକ କମିଟିର ଚିତ୍ତରଞ୍ଜନ ଭୋଇ, ସୁବୁଦ୍ଧି ନାଏକ, ପିଣ୍ଟୁ ନାଏକ, ରୁମାନ ନାଏକ, ଦିଲୀପ ନାଏକ, ଦୀନବନ୍ଧୁ ତାଣ୍ଡି, ବଣ୍ଟି ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ମହିଳା ନେତ୍ରୀ ପ୍ରଶିକ୍ଷଣ

**ମ.ରାମପୁର, ୨୫ ।୧୨ (ସମିସ):** ଗତ ଡିସେମ୍ବର୨୨ରୁ୨୪ ରିଖ ପର୍ଯ୍ୟନ୍ତ ସେବାଜଗତ ରଙ୍ଗାପଦର ପ୍ରଶିକ୍ଷଣ କେନ୍ଦ୍ରରେ ଏଫଇଏସ ଭୁବନେଶ୍ୱର ସହାୟତାରେ ମହିଳାଙ୍କୁ ନେଇ ଗୋଷ୍ଠି ଜଙ୍ଗଲ ସମ୍ବଳ ପରିଚାଳନା ଲାଗି ଜିଲ୍ଲାସ୍ତରୀୟ ମହିଳାନେତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ନର୍ଲା, ଗୋଲାମୁଣ୍ଡା, କରଲାମୁଣ୍ଡା ଓ ମ.ରାମପୁର ବ୍ଲକରୁ ୫୦ଜଣ ମହିଳାନେତ୍ରୀ ଅଂଶ ଗ୍ରହଣ କରିଥିଲେ । ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମ ସଭା ଓ ଗୋଷ୍ଠି ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ସଦସ୍ୟଙ୍କ ମଧ୍ୟରୁ ମହିଳାନେତ୍ରୀଙ୍କୁ ବାଛି ସେମାନଙ୍କୁ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନା ଓ କାର୍ଯ୍ୟକାରିତା ନିମନ୍ତେ ନେତୃତ୍ୱ ନେବା ପାଇଁ ସଶକ୍ତ କରିବା । କାର୍ଯ୍ୟକ୍ରମକୁ ତାଲିମଦାତା ହିସାବରେ ପ୍ରବୀଣ ଦିଗଲ, ଅମିତ କୁମାର ସାହୁ ଓ ଯାଗ୍ୟସେନୀ ଭୋଇ ପରିଚାଳନା କରିଥିଲେ । ସେବାଜଗତ ଅନୁଷ୍ଠାନର ସାଥିମାନେ ସହଯୋଗ କରିଥିଲେ ।

# ମୋଟେର ଜୋନ୍‌ସ୍ତରୀୟ ଯାଦବ ସମ୍ମିଳନୀ

**କୋକସରା, ୨୫ ।୧୨(ସମିସ):** କୋକସରା ବ୍ଲକ ଡାଲଗୁମା ହାଇସ୍କୁଲ ପରିସରରେ ମୋଟେର ଜୋନ୍‌ସ୍ତରୀୟ ଯାଦବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମୋଟେର ଜୋନ୍ ଯାଦବ ସମିତି ସଭାପତି ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ଯାଦବ ମହାସଭାର ସଭାପତି ଦ୍ୱାରିକାନାଥ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ବ୍ଲକ ଯାଦବ ମହାସଭାର ସମ୍ପାଦକ ବିଦ୍ୟାଧର ଗହୀର, କୋଷାଧ୍ୟକ୍ଷ ଗଣେଶ୍ୱର ପୁଞ୍ଜି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ବେହେରା, ମୋଟେର ଜୋନ ସମ୍ପାଦକ ମନିଜର ପୋଡ଼, କର୍ମଚାରୀ ସଂଘ ସଭାପତି ପ୍ରେମଲାଲ ଗୋପାଳ, କର୍ମଚାରୀ ସମ୍ପାଦକ ଭାଗବତ କଟା, ବ୍ଲକ ଉପସଭାପତି ଜନ୍ମେଜୟ ଯାଦବ, ଆମପାଣି ଜୋନ ଉପସଭାପତି ଆନନ୍ଦ ଗୋପାଳ, ସମ୍ପାଦକ ଲଛମନ ନାଏକ, କୋକସରା ଜୋନ ସମ୍ପାଦକ ଯୁଗଳ ହଂସ ସମେତ ୭ଟି ଆଞ୍ଚଳିକ ସଭାପତି ପ୍ରଭାତ ଚଣ୍ଡି, ଲୋକନାଥ ଚଣ୍ଡି, ଅଚ୍ୟୁତ ନାଏକ, ଟିକେଶ୍ୱର ରାଉତ, ସୁରେଶ ନାଗ, ଗଣେଶ ରାଉତ, ଗରିବ ଚନ୍ଦ୍ର ଲହଜଳ ପ୍ରମୁଖ ଯୋଗଦେଇ ଥିଲେ ।ବ୍ଲକ ଯାଦବ ମହାସଭାର ସଭାପତି ଶ୍ରୀବାଗ ସାମାଜିକ ସମ୍ବିଧାନ ବିଷୟରେଆଲୋକପାତ କରିବା ସହ ସମସ୍ତେ ସମାଜର ସମ୍ବିଧାନ ମାନିବାକୁ ଆହ୍ୱାନ ଦେଇଥିଲେ ।ବାଲ୍ୟ ବିବାହ, ଯୌତୁକ ପ୍ରଥା, ଭାର ପ୍ରଥା, ବର୍ଣ୍ଣ ବ୍ୟବସ୍ଥା, ମଦ୍ୟପାନ କୁ ବିରୋଧ କରାଯିବା ସହ କୁଣ୍ଡାବୋରି, ବିବାହ ଓ ବିଭିନ୍ନ କାର୍ଯ୍ୟ ଉପରେ ତିଆରି ହୋଇଥିବା ସାମାଜିକ ନିୟମାବଳୀକୁ ଉପସ୍ଥାପନା କରିଥିଲେ । ଶିକ୍ଷା, ସଂସ୍କୃତି, ରାଜନୈତିକ, ଅର୍ଥନୈତିକ, ସାମଜର ମୌଳିକ ଅଧିକାର, ନ୍ୟାର୍ଯ୍ୟ ଦାବି ଗୁଡିକ ପାଇବା ନେଇ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ । ୭ଟି ଆଞ୍ଚଳିକ ସଭାପତି, ଭାତଗୁପର କର୍ମକର୍ତ୍ତା ସମେତ ଉପସ୍ଥିତ ଯାଦବପ୍ରେମୀ ସାମାଜିକ ସମ୍ବିଧାନକୁ ମାନିବା ପାଇ ଶପଥଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମକୁ ପଦ୍ମବନ ବେମାଲ ମଞ୍ଚ ସଂଯୋଜନା କରିଥିବା ବେଳେ ବ୍ଲକ ଯାଦବ ମହାସଭାର ପୂର୍ବତନ ସମ୍ପାଦକ ଅଲେଖ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିଏମ୍ ଯୁବା ମେଣ୍ଟରସିପ୍ ୩.୦ ପାଇଁ ପଲ୍ଲବୀ ରାଉତ ମନୋନୀତ

**ଭବାନୀପାଟଣା, ୨୫ ।୧୨(ସମିସ)** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ନୂଆଦିଲ୍ଲୀ ନ୍ୟାସନାଲ ବୁକ୍ସ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ପିଏମ୍ ଯୁବା ୩.୦ ଚଳିତ ବର୍ଷ ପାଇଁ ଇଂରାଜୀ ସାହିତ୍ୟରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ସନ୍ୟାସୀକୁଣ୍ଡାମାଲ ଗ୍ରାମର ଯୁବ ଲେଖିକା



ପଲ୍ଲବୀ ରାଉତ ମନୋନୀତ ହୋଇଛନ୍ତି । ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍?ବିଦ୍ୟାଳୟ (ଜେଏନୟୁ) ରେ ସେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ସହିତ ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ପଲ୍ଲବୀ ରାଉତ ସିପିଇଟି ୨୦୨୨ ଇଂରାଜୀ ବିଭାଗରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବର୍ତ୍ତମାନ ସେ ୟୁଜିସି ଏନଇଟି ଜେ ଆର ଏଫ ଡିସେମ୍ବର ୨୦୨୪ ଏବଂ ଗେଟ ୨୦୨୫ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ପଲ୍ଲବୀ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନରେ ଇଂରାଜୀ ସାହିତ୍ୟ, ଲୋକସାହିତ୍ୟ ତଥା ଲୋକସଂକୃତିରେ ସନ୍ଦର୍ଭ ପାଠ କରି ବହୁ ପ୍ରଶଂସିତ ହୋଇଛନ୍ତି । କବୀ, ଗବେଷିକା ଡ. ଯାଜ୍ଞସେନୀ ପ୍ରଧାନୀ ଓ ମକରଧ୍ୱଜ ରାଉତଙ୍କ ସୁପୁତ୍ରୀ ପଲ୍ଲବୀ ପରିବାର ବର୍ତ୍ତମାନ ଭବାନୀପାଟଣା ସହର ସ୍ଥିତ ନକଟିଗୁଡ଼ାରେ ବସବାସ କରୁଛନ୍ତି ।

# ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି

**କେସିଙ୍ଗା, ୨୫ ।୧୨(ସମିସ)**ଁକଳାହାଣ୍ଡି ଜିଲ୍ଲାର କଳା ସଂସ୍କୃତି ଓ ଐତିହ୍ୟର ମୁକସାକ୍ଷୀ କଳାହାଣ୍ଡି ଉତ୍ସବ ପାଇଁ କଳାହାଣ୍ଡି ଜିଲ୍ଲାର ପ୍ରତ୍ୟେକବ୍ଲକ ସମେତ ଏନ୍‌ଏସିରେ ପ୍ରସ୍ତୁତି ବୈଠକ ସରିଯାଇଛି ।ସେହିକ୍ରମରେ କେସିଙ୍ଗା ଏନ୍‌ଏସିରେ ମଧ ପ୍ରଥମ ପ୍ରସ୍ତୁତି ବୈଠକ ଅଞ୍ଚଳର ବୁଦ୍ଧିଜିବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥାନୀୟ ଏନ୍‌ଏସି ସଦଭାବନା ଗୃହରେ ହୋଇଥିଲା । ନଗରପାଳ ନୃପ ରାଜ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ କଳାହାଣ୍ଡି ଉତ୍ସବର ତାରିଖ ଓ ରୂପରେଖ ଚୂଡାନ୍ତ କରାଯାଇଥିଲା । ପ୍ରତି ବର୍ଷ କେସିଙ୍ଗା ରେ ବ୍ଲକସ୍ତରୀୟ ଉତ୍ସବ ଗୋଟିଏ ଦିନ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଗୋଟିଏ ଦିନ ଅନୁଷ୍ଠିତ ହେଉଥିଲା କିନ୍ତୁ ଚଳିତ ବର୍ଷ ଦୁଇଦିନ ଧରି କଳାହାଣ୍ଡି ଉତ୍ସବ ସ୍ଥାନୀୟ ବିଦ୍ୟାପୀଠ ଖେଳପଡ଼ିଆରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ତଦ ଅନୁଯାୟୀ ଜାନୁୟାରୀ ୧୦ ଓ ୧୧ ତାରିଖ ଉତ୍ସବ ପାଳନ ହେବ ।୧୦ ତାରିଖ ଦିନ ସ୍ଥାନୀୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଅଞ୍ଚଳର ପ୍ରତିଭାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୧ ତାରିଖ ଦିନ ଓଲିଉଡ ତଥା ସମ୍ବଲପୁରୀ ଗାୟିକା ଅର୍ଚ୍ଚନା ପାଢ଼ୀ ଉତ୍ସବ ଯୋଗଦେଇ ନିଜର ପ୍ରତିଭା ଦେଖାଇବେ । ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ସହରର ବୁଦ୍ଧିଜିବୀ ବି ଚନ୍ଦ୍ରଶେଖର ଆଚାରୀଙ୍କ ସହ ସମସ୍ତ ୱାର୍ଡ କାଉନସିଲର ମୋହନ ସାହୁ, ଶ୍ରୀନିବାସ ପଟ୍ଟନାୟକ, ଗଦାଧର ସିଂଦେଓ ଏବଂ ଏନ୍‌ଏସି କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ଏକଦିବସୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ



**କର୍ଲାମୁଣ୍ଡା, ୨୫ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରକାରୀ ଉଚବିଦ୍ୟାଳୟ ପଡ଼ିଆରେ ରିଷିଡା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ତୃତୀୟ ବ୍ୟାଡ଼ମିଣ୍ଟନ ରାତ୍ରିକାଳୀନ ବ୍ୟାଡ଼ମିଣ୍ଟନ(ଡବଲ) ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ନର୍ଲା, ମରାମପୁର, ତୁଷରା, ନୁନମାଠ, କନ୍ଦେସିର, କଣ୍ଟାମାଲ, ଖୋଲେନ, ରିଷିଡା, ବଡ଼ମାଳ ଅଞ୍ଚଳରୁ୨୦ଟି ଟିମ ଅଂଶଗ୍ରହଣ କରିଥିଲେ ।ଏଥିରେ ନର୍ଲାର ବବଲୁ ଓ ଅନୁ ଚମ୍ପିୟାନ ହୋଇଥିବା ବେଳେ ନୁନମାଠର ସଚିନ ଓ ଚିଣ୍ଟୁ ରନର୍ସଅପ ହୋଇଥିଲେ । ଅଥିତି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ରିଷିଡା ଫାଣ୍ଡିଅଧିକାରୀ ମନୁଆ ବିଡ଼ିକା, ସ୍ଥାନୀୟ ସରପଞ୍ଚ ସେବତୀ ରଣା, ଗ୍ରାମଉନ୍ନୟନ କମିଟି ସମ୍ପାଦକ ପ୍ରେମାନନ୍ଦ ପାତ୍ର, ବୀରେନ ଜୈନ ଯୋଗ ଦେଇଥିଲେ । ଆୟୋଜକ କମିଟି ସଭାପତି ସୁନୀଲ କେଡ଼ିଆ, ସମ୍ପାଦକ ପ୍ରତୀକ କେଡ଼ିଆ ମଞ୍ଚାସିନ ଥିଲେ । କମିଟିର ଦେବେନ୍ଦ୍ର ଲେଙ୍କା, ନାଗେଶ ସାହୁ, ଅଜିତ ସାହୁ, କୁନା ନାଏକ, ରେଶବ କେଡ଼ିଆ, ଚନ୍ଦନ ସରାଫ, ଚିନ୍ମୟ ଶବର, ଆୟୁଷ କେଡ଼ିଆ, ଅନନ୍ତ ସେନାପତି, ବବଲୁ ସାହୁ, ଡିଲୁ ବେହେରା, ପପୁନ ରଣା, ବନ୍ଦିଶ ସାହୁ, ସଲିମଶେଖର ରଣା ଶୁଭ୍ରାଂଶୁ ଶୁଭ୍ରଜିତ ସେଲମା ସହଯୋଗ କରିଥିଲେ ।

ବୁଢ଼ାରଜା କ୍ରିକେଟ କପ୍ ସିଜନ-୭

# ଗଞ୍ଜାମକୁ ହରାଇ ରାଜସ୍ଥାନ ବିଜୟୀ

**ସିନାପାଲି, ୨୫ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝରସ୍ଥିତ ବୁଢ଼ାରଜା ମିନି ଷ୍ଟାଡିୟମରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ୍ ସିଜନ-୭ଗୁରୁବାର ୧୩ ଦିବସରେ ପହଞ୍ଚିଥିବା ବେଳେ ଆଜିର ମ୍ୟାଚ୍ ରେ ଗଞ୍ଜାମ ଏକାଦଶ କୁ ୮ ୱିକେଟ ରେ ହରାଇ ରାଜସ୍ଥାନ ଏକାଦଶ ବିଜୟୀ ହୋଇଛି । ଆଜିର ମ୍ୟାଚ୍‌ରେ ରାଜସ୍ଥାନ ଏକାଦଶ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ଗଞ୍ଜାମକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଗଞ୍ଜାମ ଏକାଦଶ ୧୬.୨ ଓଭରରେ ସମସ୍ତ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା ।ଜବାବରେ ରାଜସ୍ଥାନଏକାଦଶ ୭.୫ଓଭରରେ ୨ ୱିକେଟରେ ୧୦୬ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା । ଆଜିର ମ୍ୟାଚ୍‌ରେ ରାଜସ୍ଥାନ ଏକାଦଶର ଆଫଜଲ ୪ ଓଭରରେ ୪ ୱିକେଟ ଦାଖଲ କରି ମେନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ମୁଖ୍ୟ ଅତିଥି ଭାବରେ କେନ୍ଦୁମୁଣ୍ଡା ସରପଞ୍ଚ ମଦନ ଦଣ୍ଡସେନା, ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ଉନ୍ନୟନ





ମୁଖ୍ୟ କିରାଣୀ ଜାକିର ମହମ୍ମଦ, ରମେଶ ଦୁବେ, ଦାଦୁ ଖାନ, ପ୍ରେମ ସିଂ ମାଝି, ଗରୀ ଶଙ୍କର ମାଝି, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବୈଠାରୁ, ଭୂତେଶ୍ୱର ବୈଠାରୁ, ଭୁବନେ ବୈଠାରୁ, ରାମ ବିଶି ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଅମ୍ପାୟାର ଭାବରେ ରୋହିତ ଦୀପ ଓ ବିଭୁ ସାହୁ କାର୍ଯ୍ୟ ତୁଲାଇ ଥିବା ବେଳେ ମ୍ୟାଚ ରେଫରୀ ଭାବରେ ସଞ୍ଜୟ କୁମାର ବୈଠାରୁ ରହିଥିଲେ । ଉଦ୍‌ଘୋଶକ ଭାବରେ ପ୍ରକାଶ ପାତ୍ର, ବିଜୁ ସେଠୀ, ଧନଞ୍ଜୟ ମଲ୍ଲିକ, ପ୍ରହଲ୍ଲାଦ ଭୋଇ ରହିଥିବା ବେଳେ ସ୍କୋର ର ଭାବରେ ଶାନ୍ତନୁ ବୈଠାରୁ, ପ୍ରକାଶ ମାଝି, ପ୍ରଦୀପ ନାୟକ, ଓ ଅନଲାଇନ ସ୍କୋର ର ଭାବରେ ଆକାଶ ବୈଠାରୁ ରହିଥିଲେ । ଆସନ୍ତାକାଲି(ଶୁକ୍ରବାର) ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ କଣ୍ଟାବାଞ୍ଜି ଏକାଦଶ ସହିତ ରାଜସ୍ଥାନର ମୁକାବିଲା ହେବ ।ଏହି ଦୁଇ ଦଳ ମଧ୍ୟରୁ ବିଜେତା ଦଳ ଫାଇନାଲକୁ ପ୍ରବେଶ କରି ସୁନ୍ଦରଗଡ଼ ଏକାଦଶ ସହିତ ଫାଇନାଲ ମୁକାବିଲା ହେବ ।

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଓ ବାଜପେୟୀ ଜୟନ୍ତୀ

**ଭବାନୀପାଟଣା, ୨୫ ।୧୨(ସମିସ)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ସୁଶାନ ଦିବସ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭା ଗୃହରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ଜୟ ଶଙ୍କର ନାୟକ, ବକ୍ତା ଭାବେ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଅଟଳ ବିହାରୀ ବାଜପେୟୀ ଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ମାଳବିକା ଦେବୀ ଅଟଳ ବିହାରୀ ବାଜପେୟୀ ଙ୍କ ସ୍ମୃତି ଚାରଣ କରି ସୁଶାସନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମ ଉପଲକ୍ଷେ ବିଦ୍ୟାଳୟ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରଶଂଶା ପତ୍ର ପ୍ରଦାନ କରାଯାଇଥିଲା । ସଭା କାର୍ଯ୍ୟକ୍ରମ ପରେ ବାଜପେୟୀଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ । କବିତା ପାଠ କାର୍ଯ୍ୟକ୍ରମକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଗାଳ୍ପିକ ଦିଲେଶ୍ୱର ରଣା ପରିଚାଳନା କରିଥିଲେ । ସୁଧୀର ରଞ୍ଜନ ଧାଙ୍ଗଡ଼ମାଝୀ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ ।





**ନୂଆପଡ଼ା:** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲା ସ୍ତରୀୟ ଜନ୍ମ ଜୟନ୍ତୀ ତଥା ସୁଶାସନ ଦିବସ ନୂଆପଡ଼ା ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ନୂଆପଡ଼ା ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ, ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ନିବାସ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅଭିଭାଷଣରେ ଜିଲ୍ଲାପାଳ ଆମ ପରବର୍ତ୍ତି ପିଢ଼ି ବାଜପେୟୀଙ୍କ ଜୀବନୀରୁ ବହୁ ଶିକ୍ଷାଲାଭ କରିବାର ଅଛି । ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂହ କହିଛନ୍ତି, ବାଜପେୟୀ ଥିଲେ ଜଣେ ପ୍ରକୃତ ରାଷ୍ଟ୍ର ନେତା । ବିଶିଷ୍ଟ କବି ଏବଂ ଶିକ୍ଷକ କିଶୋର ପ୍ରଧାନଙ୍କ ସଂଯୋଜନା ବହୁ କବି ଏବଂ କବୟତ୍ରୀ ବାଜପେୟୀଙ୍କ ଜୀବନୀ ଉପରେ କବିତା ପଠନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା, ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଉପଖଣ୍ଡ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ ସମାରୋହକୁ ପରିଚାଳନା କରିଥିଲେ ।

# ଜାତୀୟ ଉପଭୋକ୍ତା ଦିବସ



**ନୂଆପଡ଼ା, ୨୫ ।୧୨ (ସମିସ):** ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ବୈଧ ମାପ ଓ ଓଜନ ବିଭାଗ ଜିଲ୍ଲା ନୂଆପଡ଼ା, ସ୍ୱେଚ୍ଛାସେବୀ ସଂଗଠନ ପରଦା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଣ୍ଡୁରାମ ନାଏକ ଏସିଏସଓ ନୂଆପଡ଼ା ସମ୍ମାନିତ ଅତିଥି, ପୃଥ୍ୱୀରାଜ ହାଁସଦା ଜିଲ୍ଲା ବୈଧ ମାପ ଓ ଓଜନ ଅଧିକାରୀ, ଖାଉଟି ଅଦାଲତ କୋର୍ଟର ପରମାନନ୍ଦ ହଂସ, ରମାକାନ୍ତ ବିଶି ଏସଡିଆଇପିଆରଓ, ମୁଖ୍ୟବକ୍ତା ଭାବେ ନାରାୟଣ ପ୍ରତାପ ଯୋଶୀ ଆଇନଜୀବୀ ନୂଆପଡ଼ା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ରୁଦ୍ର ଚରଣ ପଟ୍ଟନାୟକ ଅଧ୍ୟକ୍ଷ ପରଦା ନୂଆପଡ଼ା ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଣ୍ଡୁରାମ ନାଏକ ନୂଆପଡ଼ା ଜିଲ୍ଲାର ରାସନକାର୍ଡଧାରୀ ମାନେ ଠକାମିରେ ନପଡ଼ି ସଠିକ ପରିମାଣରେ ଓଜନ ମାପକରି ଚାଉଳ ନେବବୋଲି କହିଥିଲେ । ପରମାନନ୍ଦ ହଂସ ସମସ୍ତ ଉପଭୋକ୍ତାମାନେ ଡିଜିଟାଲ ମାଧ୍ୟମରେ ନ୍ୟାୟ ଏବଂ ଶୀଘ୍ର ଅଭିଯୋଗ ନିବାରଣ କିପରି ନିଜ ଘରେ ରହି ଅନଲାଇନରେ କରି ପାରିବେ ମାର୍ଗ ଦର୍ଶନ କରିଥିଲେ । ପୃଥ୍ୱୀରାଜ ହାଁସଦା ଜାତୀୟ ଉପଭୋକ୍ତା ଦିବସ ଉପଲକ୍ଷେ ସମସ୍ତ ଉପଭୋକ୍ତା ଓଜନ ବଟକରା, ପେଟ୍ରୋଲ ପମ୍ପରେ କିପରି ଠକାମୀ ଶିକାର ନ ହେବେ ସେ ଉପରେ ଧ୍ୟାନ ଦେବାକୁ କହିଥିଲେ ।କାର୍ଯ୍ୟକ୍ରମକୁ ଉମାଶଙ୍କର ପଟେଲ ରାଜେଶ ସାହୁ, ମାଧବ ଦାସ, ଭିଭୀଷଣ ପୋଡ଼, ତୁଳସୀ ମାଝୀ, ଶଙ୍କର ବିଶ୍ୱାଳ, ମାନବି ଉଜିର ସହଯୋଗ କରିଥିଲେ । ଶେଷରେ ବେଦରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଓସ୍ତାଳି ଡ୍ୟାମ୍‌ର ନିମ୍ନମାନର କାମ

## କାମ ସମ୍ପୂର୍ଣ୍ଣ ପୂର୍ବରୁ ପୋତି ହୋଇଗଲା ପୋଲ



**ବେଲପଡ଼ା, ୨୫ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଜଳିଆ ଗାଁରେ ଥିବା ଓସ୍ତାଳି ଡ୍ୟାମ୍‌ର ଉନ୍ନତି ନାଁରେ ନିମ୍ନମାନର କାମ ହେଉଛି । ଡ୍ୟାମ ତଳେ ତିଆରି ହେଉଥିବା ପୋଲ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଉଛି । ପୋଲ ନିର୍ମାଣ ଶେଷ ପୂର୍ବରୁ ମାଟିରେ ପୋତି ହୋଇଗଲାଣି । ଏମିତିରେ ଅପର ପାର୍ଶ୍ୱର ପାଣି କେମିତି ଯାତାୟାତ କରିବ ସେନେଇ ଦ୍ୱନ୍ଦ୍ୱ ଦେଖାଦେଇଛି । ଏନେଇ ଗାଁ ଲୋକ ବାରମ୍ବାର ସମ୍ପୃକ୍ତ ଠିକାଦାରଙ୍କୁ ଅଭିଯୋଗ କରୁଛନ୍ତି; ସେ କିନ୍ତୁ ନିଜ ମର୍ଜିରେ କାମ କରୁଛନ୍ତି । ଗତ ବର୍ଷରୁ ଏହି କାମ ଆରମ୍ଭ ହୋଇଛି; ହେଲେ ମନ୍ଥର ଗତିରେ କାମ ହେଉଛି । ଏଣୁ ଗାଁ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଡ୍ୟାମ୍ ତଳେ ଯାଇଥିବା ରାସ୍ତାରେ ଏକ ପୋଲ ନିର୍ମାଣ ହେଉଛି । ଡ୍ୟାମ୍‌ର ଆଡିବନ୍ଧରୁ ନିର୍ଗତ ପାଣି ଯିବା ପାଇଁ ପୋଲ ନିର୍ମାଣ ହେଉଛି । ତାହା କିନ୍ତୁ ଅତ୍ୟନ୍ତ ନିମ୍ନମାନର ହୋଇଛି । କିଛି ମାସ ହେବ କାମ ଆରମ୍ଭ ହୋଇଛି । ବର୍ତ୍ତମାନ ପୋଲ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ ଚାଲିଛି; କିନ୍ତୁ ନିମ୍ନମାନର କାମ ଯୋଗୁଁ ପୋଲ ମାଟିରେ ପୋତି ହେବାକୁ ବସିଲାଣି ।

## ଜୀବନ ବିକାଶରେ ଶିକ୍ଷା ବିକାଶ ଆଲୋଚନାଚକ୍ର

**ମନମୁଣ୍ଡା, ୨୫ ।୧୨ (ସମିସ):** ଦହ୍ୟାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସତ୍ୟଶିଖାରର ୨୫ତମ ଶିକ୍ଷା ବିକାଶ ଆଲୋଚନାଚକ୍ର ଅନୁଷ୍ଠାନର ନିର୍ଦ୍ଦେଶକ ଝସକେତନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ଇଞ୍ଜିନିୟର ଡ. ସଞ୍ଜୟ ପଣ୍ଡା ଯୋଗଦେଇ ଶୁଭାରମ୍ଭ କରିଥିଲେ । ନ୍ୟାସନାଲ୍ ଇନଷ୍ଟିଚୁଟ ଅଫ ଏଡୁକେସନାଲ ପ୍ଲାନିଂ ଏଣ୍ଡ ଆଡମିନିଷ୍ଟ୍ରେସନ (ଦିଲ୍ଲୀ)ର ପିଏଚ୍‌ଡି ଛାତ୍ର ପବିତ୍ର ଶାହା, କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡା. ଦେବଦାସ ମହାପାତ୍ର, ସୋନପୁର କଲେଜର ଓଡ଼ିଆ ଅଧ୍ୟାପିକା ଡ. ଇତିଶ୍ରୀ ଦାଶ, ଶିଶୁ ମଙ୍ଗଳ ସମିତି ସଦସ୍ୟ ରାଜୀବ ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିକ୍ଷକ କରୁଣାକର ଘାଣ୍ଟୁଆଲ, ସତ୍ୟଶିଖାର ସଭାପତି ଗିରୀଶ କର୍ଣ୍ଣ, ଆଇନ ପରାମର୍ଶଦାତା ଭାଗ୍ୟରଥି ମଲିକ, ସିଆର୍‌ସିସି ଶରତ ପ୍ରଧାନ, ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ବୁଦ୍ଧୁରାମ ମେହେର, ଜୀବନ ବିକାଶ ହାୟର ସେକେଣ୍ଡାରି ସ୍କୁଲର ଅଧ୍ୟକ୍ଷ ମଧୁସୂଦନ ବାରିକ, ଅଧ୍ୟାପକ ରଞ୍ଜନ ନାଏକ, ଧନଞ୍ଜୟ ଖମାରି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ସାହୁ, ଶିକ୍ଷୟିତ୍ରୀ ଶାନ୍ତିଲତା ଖମାରୀ, ଶିକ୍ଷକ ସଦାଶିବ ଝାଙ୍କର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଶିଷ ଘିଭେଲା ସହଯୋଗ କରିଥିଲେ । ସୀତାକାନ୍ତ ସିଂହ ସଂଯୋଜନା କରିଥିଲେ ।

### ପୋଲ ନିର୍ମାଣ ବେଳେ ଫାଟିଲା ପାଇପ୍

# ୭ ଦିନ ହେଲା ୬ ଗାଁକୁ ପାଣି ବନ୍ଦ

**ଶଗଡ଼ା, ୨୫ ।୧୨(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ରାକ୍ଷସ କୁଟି, ଟୀଳାଟିଙ୍ଗା, ଦାମପାଲୀ, କିରିକିଚିପାଲି ଓ ଗୁଡଭେଲି ପଦର ପଞ୍ଚାୟତର ପୁରୁଣା ପାଣି ଓ ସିଲେଟପଡ଼ା ଗ୍ରାମବାସୀ ୭ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି । ୬ ଖଣ୍ଡ ଗାଁକୁ ସଂଯୋଗ ଦିଆ ଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ପାଇପ୍ ଫାଟି ଯାଇଛି । ଏଣୁ ଗ୍ରାମବାସୀ ପାନୀୟ ଜଳ ପାଉ ନ ଥିବା କହିଛନ୍ତି । ପାଇପ ମରାମତି ପାଇଁ ଅନେକ ଥର ଅଭିଯୋଗ କହିଥିଲେ ମଧ୍ୟ କେହି ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ବିଳାସପୁରଠାରୁ ଦାମପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲୁଛି । ଜଡ଼ାମୁଣ୍ଡା ନାଳ ନିକଟରେ ଥିବା ପୋଲ ନୂତନ ଭାବରେ ନିର୍ମାଣ ହେବ । ଏଥିପାଇଁ ଠିକାଦାର ଜେସିବି ସାହାଯ୍ୟରେ ମାଟି ଖୋଳିବା ସମୟରେ ଗ୍ରାମକୁ ଯାଇଥିବା ମେଗା ପାଣି ପାଇପ୍ ଫାଟି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହା ଫଳରେ ସମସ୍ତ ୭ଖଣ୍ଡ ଗ୍ରାମବାସୀ ପାଣି ପାଉ ନାହାନ୍ତି । ଠିକାଦାରଙ୍କ ଖମାଖିଆଲି କାମ ଯୋଗୁଁ ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ସମସ୍ତ ଗ୍ରାମର ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ଥିବା ନଳକୂପରେ ବିଶୁଦ୍ଧ ପାଣି ବାହାରୁ ନ ଥିବାରୁ ଲୋକେ କିଡ଼ନୀ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ୭ଦିନ ପୂର୍ବରୁ ଏହି ପାଇପ୍ ଫାଟି ଥିବା ବେଳେ ଆଜି ପର୍ଯ୍ୟନ୍ତ ଠିକାଦାର ନିଜ ମନମାନି ଚଳାଇଛନ୍ତି । ବିଭାଗ ମଧ୍ୟ ଏଥିରେ ଆଦୌ ଦୃଷ୍ଟି ଦେଉନି । ଏଣୁ ଅସନ୍ତୋଷ ପ୍ରକାଶ ପାଇଛି ।

## ବାସନ୍ତୀ ସାହୁଙ୍କ ପରଲୋକ

**ବୀରମହାରାଜପୁର, ୨୫ ।୧୨ (ସମିସ):** ବୀରମହାରାଜପୁର ବ୍ଲକ ଅଧୀନ ବହଳପଦର ପଞ୍ଚାୟତ ଅମରପାଲି ଗାଁ ରେ ଗ୍ରାମର ଗୌଡିଆ ବିମ୍ବାଧର ସାହୁଙ୍କ ମା'ବାସନ୍ତୀ ସାହୁଙ୍କ ପରଲୋକ ଘଟିଛି । ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡ଼ିତ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା । ଗୁରୁବାର ସକାଳୁ ବୁର୍ଲା ଚେକ୍‌ଅପ୍ କରିବା ପାଇଁ ବାହାରୁ ଥିବା ସମୟରେ ହଠାତ ଖଟରେ ଶୋଇପଡ଼ିବା କ୍ଷଣି ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କ ଏକମାତ୍ର ପୁଅ ବିମ୍ବାଧର ସାହୁ, ଏକମାତ୍ର ନାତି ନିହାର ରଞ୍ଜନ ସାହୁ, ପୁତ୍ରବଧୂ ରାନୀ ସାହୁ, ନାତୁଣୀ ନୀତୁ ସାହୁ ଉପସ୍ଥିତ ଥିଲେ । ପୁଅ ବିମ୍ବାଧର ସାହୁ ମୁଖାଗ୍ନି ଦେଇଥିଲେ । ବାସନ୍ତୀ ସାହୁଙ୍କ ମୃତ୍ୟୁଖବର ପ୍ରସାରିତ ହେଲାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



## ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କନ୍ଧଧୂମାଳ ବୃଦ୍ଧାଶ୍ରମରେ କାର୍ଡ ପକ୍ଷରୁ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏଥିରେ ବୌଦ୍ଧ ଆରଟିଓ ସୁଷମା ସାହୁ, କଣ୍ଟାମାଳର ପ୍ରେମଚାନ୍ଦ ସାହୁ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ । କାର୍ଡର କୋଷାଧ୍ୟକ୍ଷ ବିଘ୍ନରାଜ ପ୍ରଧାନ, ପୂର୍ବତନ କୋଷାଧ୍ୟକ୍ଷ ପ୍ରମୋଦ ପ୍ରଧାନ, କିରଟି ପ୍ରଧାନ, ତପନ ପ୍ରଧାନ, ଧନେଶ୍ୱର ପ୍ରଧାନ, ସତ୍ୟ ମହାକୁଡ଼, ସତ୍ୟଶ୍ରୀ ପୋଡ଼ ପ୍ରମୁଖ ସହଯୋଗ କରିଥିଲେ ।

## ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଯାତ୍ରା

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ମାଉଳସିଙ୍ଗା ହାଇସ୍କୁଲ ସାମ୍ନା ବୁଟୁପାଲିରେ ଶାନ୍ତିକୁଞ୍ଜ ହରିଦ୍ୱାର ଏବଂ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ତରଫରୁ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ର ସମୃଦ୍ଧି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୩୦୮ ମହିଳାଙ୍କୁ ନେଇ ଏକ ବିରାଟ କଳସ ଯାତ୍ରା ମହାନଦୀ ଆଳତି ଘାଟରୁ ବାହାରିଥିଲା । ଏହା ସହର ପରିକ୍ରମା କରି ଯଜ୍ଞ ପଡ଼ିଆରେ ପହଞ୍ଚିଥିଲା । ଯଜ୍ଞ କମିଟିର ମୁଖ୍ୟ ସଂଯୋଜକ ଡ. ପ୍ରବୀର ଦାସଙ୍କ ନେତୃତ୍ୱରେ ଏହି କଳସଯାତ୍ରାକୁ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବାଘଗୁଡା ଛକରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ସ୍ୱାଗତ କରିଥିଲେ । ହୃଦାନନ୍ଦ ମେହେର, ପ୍ୟାରୀମୋହନ ଶତପଥୀ, ପ୍ରମୋଦ ଚାନ୍ଦ, ମୁରାରିଲାଲ ଅଗ୍ରୱାଲ, ନବୀନ ଶତପଥୀ, ଗୀତାଞ୍ଜଳି ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ପୋଡାପୋଡ଼ା ଓ ବୁଟୁପାଲିର କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ବହୁ ଶିଶୁ ଦୁର୍ଗା, ସରସ୍ୱତୀ, କାଳୀ, କୃଷ୍ଣ, ବଳରାମ ବେଶରେ ପରିକ୍ରମା କରିଥିଲେ । କଳସ ଧରି ମହିଳାମାନଙ୍କୁ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଋଷିପୁତ୍ରମାନେ ପୂଜନ କରି ଆଳତି କରିଥିଲେ । ଶୁକ୍ରବାରଠାରୁ ଯଜ୍ଞ ଅନୁଷ୍ଠିତ ହେବ ।

## ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ

**ତରଭା, ୨୫ ।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ରାଜେନ୍ଦ୍ର ମାଝୀ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶିଷ୍ଟ ଶିକ୍ଷାବିତ୍ ଜ୍ୟୋତିରଞ୍ଜନ ବହିଦାର ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ, ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ, ମିଶନଶକ୍ତି ବିଭାଗ ଅଧୀନ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିତି ସୁନା ଧନ୍ୟବାଦ୍ ଅର୍ପଣ କରିଥିଲେ ।



### ଏମ୍‌ଜିଏମ୍ ସ୍ପିରିଟରେ ଶ୍ରମିକ ଗୁରୁତର

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଅଧୀନ ବିରନରସିଂପୁର ପଞ୍ଚାୟତର କରଡ଼ି ଗାଁ ନିକଟ ଏମଜିଏମ୍ କମ୍ପାନୀର ଅଘଟଣ ଘଟିଛି । ନିର୍ମାଣ କାର୍ଯ୍ୟ ସମୟରେ ଉପରୁ ପଡ଼ି ଦିନେଶ ଯାଦବ ନାମକ ଜଣେ ଅଣ ଓଡ଼ିଆ ଶ୍ରମିକ ଗୁରୁତର ହୋଇଛନ୍ତି । ତାଙ୍କ ମୁଣ୍ଡରେ ହେଲମେଟ, ସୁରକ୍ଷା ବେଲ୍ଟ କିମ୍ବା ଅନ୍ୟ କୌଣସି ସୁରକ୍ଷା ଉପକରଣ ନ ଥିଲା । ରକ୍ତାକ୍ତ ଅବସ୍ଥାରେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

### ବେକରେ ଓଢ଼ଣୀ ଦେଇ ଯୁବତୀଙ୍କ ଆତ୍ମହତ୍ୟା

**ତରଭା, ୨୫ ।୧୨(ସମିସ):** ତରଭା ବନ୍ଧପଡ଼ା ନିବାସୀ ଦିଲ୍ଲୀପ ମହଲାଙ୍କ ଝିଅ ସସ୍ମିତା (୨୮) କୌଣସି କାରଣରୁ ନିଜ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ବାପା ଦିଲ୍ଲୀପ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସସ୍ମିତାକୁ ଝୁଲୁଥିବା ଦେଖି ପରିବାର ଲୋକେତାକୁ ତରଭା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ତରଭା ପୁଲିସ ଖବରପାଇ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ଓ ଏସ୍‌ଆଇ ସୁଧୀର କୁମାର ଜେନା ତଦନ୍ତ ଦାୟିତ୍ୱ ନେଇଥିବା ଜଣାଯାଇଛି ।

### ଚୋରାଚାଲାଣ ବେଳେ ଶାଗୁଆନ ଗଛ ସହ ଟ୍ରାକ୍ଟର ଜବତ

**ତରଭା, ୨୫ ।୧୨(ସମିସ):** ବାରପାହାଡ଼ ଜଙ୍ଗଲରୁ ଚୋରାଚାଲାଣ ହେଉଥିବା ଖବର ପାଇ ନାରାୟଣପୁର ବନ ବିଭାଗ ଶାଗୁଆନ ଗଛ ସହ ଗୋଟିଏ ଟ୍ରାକ୍ଟର ଜବତ କରିଛି । ଡ୍ରାଇଭର ଫେରାର ମାରିଛି । ତରଭା ବ୍ଲକ ମେଣ୍ଡା ନିକଟ କନ୍ଧପାଲି ଜଙ୍ଗଲ ନିକଟରୁ ବନ ବିଭାଗ ଏହା ଜବତ କରିଛି । ଜବତ ଗାଡ଼ି ସୋନପୁର ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି । ସମ୍ପର୍କରେ ନାରାୟଣପୁର ଫରେଷ୍ଟର ଭକ୍ତବନ୍ଧୁ ପଟ୍ଟନାୟକଙ୍କୁ ପଚାରିବାରୁ ୩ଟି ଶାଗୁଆନ ଗଣ୍ଡି ଜବତ କରାଯାଇଛି । ଏହାର ମୂଲ୍ୟ ଆନୁମାନିକ ୪୦/୫୦ ହଜାର ଟଙ୍କା ହେବ ବୋଲି କହିଛନ୍ତି ।

### ପୁରୁଣାକଟକ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

**ହରଭଙ୍ଗା, ୨୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ସଂଘର ବାର୍ଷିକ ବୈଠକ ମଣିପୁରଠାରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ସୁକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସଭାପତି ଭାବେ ଅବିନାଶ ସାହୁ, ସମ୍ପାଦକ ଭାବେ ସନ୍ତୋଷ ପ୍ରଧାନ (ଥୁଲୁ), କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ଡାଙ୍ଗଙ୍କୁ ଚୟନ କରାଯାଇଛି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ରମେଶ ପ୍ରଧାନ, ମନୋଜ ପାଢ଼ୀ, ସତୀଶ ବେହେରା, ସୁକାନ୍ତ ପଟ୍ଟନାୟକ ଓ ତୁଷାର ସାହୁଙ୍କୁ ମନୋନୀତ କରାଯାଇଥିଲା ।

### ଖୁଣ୍ଟବନ୍ଧ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପରିସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଟୁନି ମହାନନ୍ଦିଆ ଅଧ୍ୟକ୍ଷତା କରିଥିବାବେଳେ ପିଇଓ ହିମାଂଶୁ ଶେଖର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ନାଏବ ସରପଞ୍ଚ ସମୀର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ୱାର୍ଡସଭ୍ୟ ବିଶ୍ୱାମିତ୍ର ବାରିକ, ଅକ୍ଷୟ ଗାଇଗୌରିଆ, ସନ୍ତୋଷ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟନ୍ତୀରେ ବାଜପେୟୀଙ୍କ ଗୁଣଗାନ

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସରୋଜ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ତହସିଲଦାର ଅନିତା ସାହୁ, ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, ପ୍ରତାପ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କବିତା ପାଠୋତ୍ସବରେ ଅତିଥି ଭାବେ ସାହିତ୍ୟିକ ରମେଶ ପ୍ରସାଦ ମେହେର, ସତ୍ୟଜିତ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ମଞ୍ଜୁପ୍ରଭା ପଟ୍ଟନାୟକ, ପ୍ରତାପ ରଥ, ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଭିନବ ପଟ୍ଟନାୟକ ସଂଯୋଜନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ସାହିତ୍ୟିକ ଚିତ୍ତରଞ୍ଜନ ଦାଶ, ରମେଶ ପ୍ରସାଦ ମେହେର, ହୃଦାନନ୍ଦ ପ୍ରଧାନ, ପ୍ରତାପ ରଥ, ସତ୍ୟଜିତ ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତି, ଶିକ୍ଷକ ସ୍ୱସ୍ତିକା ବିଶି, ବିଭୁତି ପୃଷ୍ଟି, ସ୍ୱରୂପ ପଟ୍ଟନାୟକ, ଚତୁର୍ଭୁଜ କର, ବୀର ପ୍ରତାପ ସିଂହ ଉପସ୍ଥିତ ଥିଲେ । ମେଣ୍ଟିମାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । କୁନି କଳାକାର ବଦ୍ରୀନାଥ ସାହୁ କୌତୁକ ବେଶ ପୋଷାକ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ । ସେଣ୍ଟ ଜାଭିଅର ସ୍କୁଲର ଛାତ୍ର ଆର୍ଯ୍ୟ ନାରାୟଣ ଦେବ କବିତା ପାଠ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବିଭାନ ମିଶ୍ର ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶ୍ରେୟଂଶି ସାହୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଅକ୍ଷୟ ମହାକୁଡ଼, ସୋମନାଥ ବାରିକ, ପିଙ୍କି ବେହେରା, ଜିତେନ୍ଦ୍ର ମହାନ୍ତି, ବୀରକିଶୋର କର୍ମୀ, ଅମରେଶ ପାଣିଗ୍ରାହୀ, ବାବୁଲାଲ ନାୟକ, ଜୟଦେବ ବେହେରା, ସଚ୍ଚିନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**କଣ୍ଟାମାଳ:** ବାଉଁଶୁଣୀ ତୁଳସୀ କଲ୍ୟାଣ ମଣ୍ଡପରେ ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଛି । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବରିଷ୍ଠ ବିଜେପି ନେତା ମାଗୁଣି ଗାଇଗରିଆ, ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାସ, ପିନାକଧର ରଣା, ଯୀଶୁ ପ୍ରଧାନ, ବନମାଳୀ ରଣା, ଚିତ୍ତରଞ୍ଜନ ପାତ୍ର, ଶ୍ରୀକାନ୍ତ ଭୋଇ, ଶୁଭ୍ରାଂଶୁ ଡାଙ୍ଗ, ଗୋପୀନାଥ କହଁର, ସୁଧୀର ସାହୁ, ଚଞ୍ଚଳ ରଣା, କେଦାର ସାହୁ, ରାମଚନ୍ଦ୍ର ତାଣ୍ଡି, ଠାକୁର ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠି, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଟଳ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ବିପ୍ର ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରେମାନନ୍ଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ସୁଶାନ୍ତ ବାଘ ସଂଯୋଜନା କରିଥିଲେ ।

## ପଲଶାଗୋରା ଶିଶୁମନ୍ଦିରରେ ବନ ବିହାର କାର୍ଯ୍ୟକ୍ରମ

**ପଲଶାଗୋରା, ୨୫ ।୧୨ (ସମିସ):** କଣ୍ଟାମାଳ ନିକଟସ୍ଥ ବନ୍ଧପାଲି ଗ୍ରାମର ଶ୍ରୀରାମ ମନ୍ଦିର ନିକଟରେ ପଲଶାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସନ୍ତୋଷ ବିଶି, ବିଦ୍ୟାଳୟର ସଭାପତି ଲୋକନାଥ ପାଢ଼ୀ, ଉପସଭାପତି କମ୍ପୁସେନ ସାହୁ, ସମ୍ପାଦକ ସୁରେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଅଜିତ ଗିରି, କୋଷାଧ୍ୟକ୍ଷ ଲକ୍ଷ୍ମଧର ସାହୁ, ସଦସ୍ୟା ପଦ୍ମିନୀ ମିଶ୍ର ଓ ଶ୍ରାବଣୀ ସେଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ହେମନ୍ତ ପୁଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ଶ୍ରୀପତି ଦୀପ ଧନ୍ୟବାଦ ଦେଇଥିଲେ ।

## ମହଦା ପେକ୍ସ ଶୁଭାରମ୍ଭ



**ବିନିକା, ୨୫ ।୧୨(ସମିସ):** ମହଦା ସେବା ସମବାୟ ସମିତିରେ ଧାନ କିଣା ଶୁଭାରମ୍ଭ ହୋଇଛି । ବିନିକା ବିଡ଼ିଓ ଶରତ ବାଘ ଓ କୁହିବାହାଲ ସରପଞ୍ଚ ସୁଦାମ ପ୍ରଧାନ ଅତିଥି ଭାବେ ଉପସ୍ଥିତ ରହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନରେ ଚାଷୀ ଅଜିତ ପଧାନଙ୍କ ୩୮କୁଇଣ୍ଟାଲ, ତପିସା ପଧାନଙ୍କ ୪୭କୁଇଣ୍ଟାଲ, ବିଶେଶ୍ୱର ଗୁରୁଙ୍କ ୧୭କୁଇଣ୍ଟାଲ, ସୁରେଶ ଷାଣ୍ଢଙ୍କ ୧୭କୁଇଣ୍ଟାଲ୍, ସେବକି ଭୋଇଙ୍କ ୭୫କୁଇଣ୍ଟାଲ, ଘୁସା ପଧାନଙ୍କ ୩୨କୁଇଣ୍ଟାଲ, କବିରାଜ ମହାକୁରଙ୍କ ୨୬କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ।

## ବାଂଲାଦେଶରେ ହିନ୍ଦୁଙ୍କୁ ନିର୍ଯାତନା ବିରୋଧରେ ବିକ୍ଷୋଭ




**ଡୁଙ୍ଗୁରିପାଲି, ୨୫ ।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ଆଜି ତୁଳସୀ ପୂଜନ ଦିବସ ଅବସରରେ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ବାରିକଙ୍କ ଆବାହକରେ ହିନ୍ଦୁ ଜାଗରଣ ମଞ୍ଚ ଓ ବଜରଙ୍ଗ ଦଳର ମିଳିତ ଆନୁକୂଲ୍ୟରେ ବାଂଲାଦେଶରେ ହିନ୍ଦୁ ଯୁବକ ଦିପୁ ଚନ୍ଦ୍ର ଦାସଙ୍କୁ ନୃଶଂସ ଭାବେ ହତ୍ୟାକରି ଜାଳିବା ଏବଂ ହିନ୍ଦୁମାନଙ୍କ ଧାର୍ମିକସ୍ଥଳରେ ଭଙ୍ଗାରୁଜା ଘଟଣାକୁ ନିନ୍ଦାକରି ହିନ୍ଦୁ ଜାଗରଣ ମଞ୍ଚ ଏବଂ ବଜରଙ୍ଗ ଦଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରତିବାଦ ସମୟରେ ବିକ୍ଷୋଭକକାରୀ ବାଂଲାଦେଶର ବିରୋଧକରି ନାରାବାଜୀ ଦଇ କୁଶପୁତ୍ତଳିକା । ପତାଞ୍ଜଳି ଯୋଗ ସମିତିର ପବିତ୍ର ସାହୁ, ବଜରଙ୍ଗ ଦଳର ସଦସ୍ୟ ଅନୀମେଶ ସରାଫ, ସୁବ୍ରତ ପଧାନ, ସରୋଜ ପଧାନ, ଯଦୁମଣି କୁଦେଇ, ସୁନିଲ ବେହେରା, ହିନ୍ଦୁ ଜାଗରଣ ମଞ୍ଚ ମହିଳା ଶାଖାର କଳ୍ପନା ଶିକା, ନିଆଳି ମେହେର, ପଦ୍ମିନୀ ମେହେର, ସୁନନ୍ଦା ବହିଦାର, ରିଙ୍କି ଠେଲା, ସପନ ଶିକା, ମୁକେଶ ଭୋଇ, ସୁଶିଲ ଠେଲା, ଦେବରାଜ ବାଗ, ଯୁଧିଷ୍ଠିର ନାହାକ, ସୋହନ ସାହୁ, ଅତୋଷ ବରର୍ତ୍ତି, ଅଭି ବେହେରା, ସୀମାଞ୍ଚଳ ସାମଲ, ଭାବେଶ ଅଗ୍ରୱାଲ, ଯାମିନି ଭୁଏ, ଟୁନା ଗୁରୁ, ଗଣେଶ, ଇଶ୍ମିଥ, ତପନ, ପ୍ରଭାତ ପ୍ରମୁଖ ସାମଲ ହୋଇଥିଲେ ।

### ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# ସେମିରେ ବେଙ୍ଗାଲୁରୁ ଏକାଦଶ କର୍ଣ୍ଣାଟକ

**ବୀରମହାରାଜପୁର, ୨୫ ।୧୨(ସମିସ)**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ଜେଜେସିସି ଆନୁକୂଲ୍ୟରେ ହେଉଥିବା ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ପଞ୍ଚମ ଦିବସରେ ବକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡକୁ ହରାଇ ବେଙ୍ଗାଲୁରୁ ଏକାଦଶ କର୍ଣ୍ଣାଟକ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍ ଟି ଟି-୨୦, ଟି-୧୦ ଓ ସୁପର -୨ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା । ପ୍ରଥମ ଫର୍ମାଟରେ ବକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ୍ କରିଥିଲେ । ଦଳର ଜିସାନ ହାସମି ୪୮ ରନ୍, ଅଖିଳ ଯାଦବ ୨୯ ରନ୍ କରିଥିଲେ । ବିପକ୍ଷ ଓମକାର ମହାନ୍ତି, ରାଗା ଶିବ କୁମାର, ଇନିତ କୁମାର ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ କର୍ଣ୍ଣାଟକ ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ କରିଥିଲେ । ଦଳର ବିନୟ ମାସକି ୩୫ ଓ ଅଭିଷେକ ଏସକେ ୨୯ ରନ କରିଥିଲେ । ଝାଡ଼ଖଣ୍ଡର ଆଶିଷ ଯାଦବ ଓ ପବନ କୁମାର ପ୍ରତ୍ୟେକ ୩ ଟି ଲେଖାଏଁ ଉଇକେଟ ନେଇଥିଲେ । ଟି-୧୦ ଫର୍ମାଟରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୪ ରନ କରିଥିଲା । ଦଳର ମଙ୍ଗଳମ ଦ୍ୱିବେଦୀ ୧୪ ରନ୍ କରିଥିଲେ । ବିପକ୍ଷ କର୍ଣ୍ଣାଟକ ଓମକାର ମହାନ୍ତି, ରୁପକ ସାହୁ ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ କର୍ଣ୍ଣାଟକ ୪.୩ ଓଭରରେ କୌଣସି ଉଇକେଟେ ନ ହରାଇ ୬୫ ରନ୍ କରିଥିଲା । ଦଳର ଅଭିଷେକ ଏସ୍‌କେ ୧୫ ଟି ବଲରୁ ୪୦ ରନ୍ କରିଥିଲେ । ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର -୨ ଖେଳାଯାଇଥିଲା । ଏଥିରେ ବାକରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ୭ ରନ କରିଥିବା ବେଳେ କର୍ଣ୍ଣାଟକ ୮ ରନ୍ କରି ବିଜୟୀ ହୋଇଥିଲା । ଫଳରେ କର୍ଣ୍ଣାଟକ ପୁଲ - ବିରୁ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରଜ ସାହୁ ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକୁମାର ନନ୍ଦ, ବ୍ୟବସାୟୀ କୁଶ କୁମାର ସାହୁ, ସଞ୍ଜୟ ବଡ଼ପଣ୍ଡା, ଆକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସର ରେ ଶାଶ୍ୱତ ସୌମ୍ୟକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହିତ କର୍ଣ୍ଣାଟକର ଅଭିଷେକ ଏସ୍‌କେଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚ୍‌କୁ ଓସିଏ ମାନ୍ୟତାପ୍ରାପ୍ତ ଆମ୍ପାୟାର ବିଶ୍ୱଜିତ ପୁରୋହିତ ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବାବେଳେ ମାନସ ରଞ୍ଜନ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନ୍‌ଲାଇନ ସ୍କୋରିଂ ଏବଂ ମ୍ୟାକ୍ ମିଲନ ମହାକୁର ଓ ଆଶିଷ ଦେଓ ଧାରାବିବରଣୀ ପ୍ରଦାନ କରିଥିଲେ ।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।


**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

## ଆଜିର ଇତିହାସ

- ୧୯୦୪- ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ପ୍ରଥମ କ୍ରସ୍ କଣ୍ଟ୍ରି ମୋଟରକାର୍ ର୍ୟାଲିର ଉଦ୍‌ଘାଟନ ।
- ୧୯୨୫- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ।
- ୧୯୭୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜେଲ୍‌ରୁ ମୁକ୍ତ ହେଲେ ।
- ୨୦୦୪- ଭାରତ ମହାସାଗରରେ ସୁନାମି ଆସିବା ଯୋଗୁଁ ଶ୍ରୀଲଙ୍କା, ଭାରତ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପାଖାପାଖି ୨,୩୦,୦୦୦ ଲୋକଙ୍କ ପ୍ରାଣହାନି ।



# ଲିଭର୍ ପାଇଁ କ୍ଷତିକାରକ ସୁଗାର ଫ୍ରି!

ଆଜିକାଲି ଓଜନ ବୃଦ୍ଧି, ମଧୁମେହ ଏବଂ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକାଂଶ ଲୋକ ସୁଗାର ଫ୍ରି ଏବଂ କମ୍ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଉଛନ୍ତି । ସେହିପରି ଚା' ଏବଂ କଫିରେ ବି ଲୋକେ ଚିନି ବଦଳରେ ସୁଗାର ଫ୍ରି ବ୍ୟବହାର କରୁଛନ୍ତି । କେବଳ ସେତିକି ନୁହେଁ, ସୁଗାର ଫ୍ରି ଚକ୍‌ଲେଟ୍, ମିଠାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ଖାଉଛନ୍ତି । ଏଥିରେ ବ୍ୟବହାର ହେଉଥିବା ସର୍ବିଟୋଲ, ସୁକ୍ରାଲୋଜ, ଆସ୍ପଟେମ୍ ସାଧାରଣତଃ ଚିନିଠାରୁ ଉତ୍ତମ ବିକଳ୍ପ ବୋଲି କୁହାଯାଏ । ଏବେ ଏକ ନୂତନ ଗବେଷଣା ଅନୁସାରେ, ସର୍ବିଟୋଲ, ଯାହାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ବ୍ୟବହାର କରୁଛନ୍ତି, ଏହା ଶରୀର ମଧ୍ୟକୁ ଯାଇ ଫ୍ରୁକଟୋଜ ଭଳି କାମ କରିଥାଏ । ଫ୍ରୁକଟୋଜ ଲିଭର୍‌କୁ କ୍ଷତି ପହଞ୍ଚାଇବା, ଫ୍ୟାଟି ଲିଭର, ପେଟ ଚର୍ବି ବୃଦ୍ଧି ଭଳି ସମସ୍ୟା ସହିତ ଜଡ଼ିତ । କେବଳ ସେତିକି ନୁହେଁ, ଏହା ଶରୀର ଭିତରକୁ ଯାଇ ହାଇ-ସୁଗାର ଡାଏଟ୍ ଭଳି କ୍ଷତି କରିଥାଏ । ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଗ୍ୟାରି ପ୍ୟାଟିଙ୍କ ସାଇନ୍ସ ସିଗ୍‌ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ସର୍ବିଟୋଲ ଶରୀର ଭିତରେ ପ୍ରାୟ ଫ୍ରୁକଟୋଜ ଭଳି ପ୍ରଭାବ ପକାଏ । ଯେତେବେଳେ ଲିଭର୍‌ରେ ଅଧିକ ପରିମାଣରେ ଫ୍ରୁକଟୋଜ ତିଆରି ହୁଏ, ତାହା କର୍କଟ କୋଷ ତିଆରି କରିବାରେ ସାହାଯ୍ୟ କରେ । ତା'ସହ ଫ୍ରୁକଟୋଜକୁ ଫ୍ୟାଟି ଲିଭର ରୋଗର ମୁଖ୍ୟ କାରଣ ବୋଲି କୁହାଯାଏ । ଏହା ସାରା ବିଶ୍ୱର ୩୦ ପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ପ୍ରଭାବିତ କରିପାରେ । ସର୍ବିଟୋଲ ମଧ୍ୟ ଲିଭର୍‌ରେ ପହଞ୍ଚି ଫ୍ରୁକଟୋଜ ଭଳି ସମସ୍ୟା ସୃଷ୍ଟି କରିଥାଏ ବୋଲି ଏହି ଅଧ୍ୟୟନ ଚେତାଇ ଦେଇଛି । ସର୍ବିଟୋଲ ଫ୍ରୁକଟୋଜରେ ପରିବର୍ତ୍ତନ ହେଲେ ଏହା ସିଧା ଲିଭର୍‌ରେ ପହଞ୍ଚି ନକରାତ୍ମକ ପ୍ରଭାବ ପକାଇଥାଏ । ଏହା ଚର୍ବି ଜମା ହେବା, ମେଟାବଲିଜିମ୍ ଉପରେ ପ୍ରଭାବ ପକାଇବା ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ ନ କରିବା ଭଳି ସମସ୍ୟା ସୃଷ୍ଟି କରିଥାଏ । ଅନେକ ଭାବନ୍ତି, ସର୍ବିଟୋଲ ଚିନିର ଏକ ସୁରକ୍ଷିତ ବିକଳ୍ପ । ପ୍ରକୃତ କଥା ହେଲା ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ଦ୍ୱାରା ଫ୍ରୁକଟୋଜ ଭଳି ଶରୀରର କ୍ଷତି କରିପାରେ । ଏଣୁ ଏହାକୁ କିଛି ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଉଚିତ । ଅନ୍ୟପଟେ ସୁଗାର ଫ୍ରି ଚୁଇଙ୍ଗମ, କ୍ୟାଣ୍ଡି, ପ୍ରୋଟିନ ବାର୍ ଭଳି ବହୁତ ଅଧିକ ସୁଗାର ଫ୍ରି ଖାଦ୍ୟ ଖାଇବା ଭଲ ନୁହେଁ । କାରଣ ଏଥିରେ ସର୍ବିଟୋଲ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଅନ୍ତଃନଳୀ ମଧ୍ୟ ପ୍ରଭାବିତ ହୁଏ । ସେହିପରି ଅଧିକ କାର୍ବୋହାଇଡ୍ରେଟ୍ ଜିନିଷ ଖାଇଲେ ଗ୍ଲୁକୋଜ ଅନ୍ତଃନଳୀରେ ସର୍ବିଟୋଲରେ ପରିଣତ ହୋଇଥାଏ । ଏହାଦ୍ୱାରା ଶରୀରରେ ସର୍ବିଟୋଲ ପରିମାଣ ବଢ଼େ । ଏହା ଶରୀର ଲାଗି କ୍ଷତିକାରକ ହୋଇଥାଏ ।

# କିଆରାଙ୍କ 'ଟକ୍ସିକ୍' ଲୁକ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏକ ଫ୍ୟାରିଟେଲ୍ ଫର୍ ଗ୍ରୋନ୍‌ଅପ୍ସ'କୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ଫିଲ୍ମକୁ ନେଇ ମଧ୍ୟ ବେଶ୍ କ୍ରେଜ୍ ରହିଛି । କିଛି ଦିନ ପୂର୍ବରୁ ଏଥିରେ ଯଶ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଇତିମଧ୍ୟରେ ଏଥିରୁ କିଆରାଙ୍କ ଲୁକ୍ ସାମ୍ନାକୁ ଆସିଛି । ମା' ହେବା ପରେ କିଆରା 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ କିଆରା ଦମ୍‌ଦାର ଅବତାରରେ ନଜର ଆସିଛନ୍ତି । ଏଥିରେ କିଆରା କଳା ରଙ୍ଗର ଏକ ଅଫ୍-ସୋଲଡର୍ ଗାଉନ୍ ପିନ୍ଧି ଡ୍ୟାନ୍ସଫ୍ଲୋର୍‌ର ସ୍ପଟ୍‌ଲାଇଟ୍ ସମ୍ମୁଖରେ ଠିଆ ହୋଇଥିବାର ଦେଖାଯାଇଛନ୍ତି । ତାଙ୍କ ଆଖିରୁ ଲୁହ ବହୁଥିବାର ଦେଖାଯାଉଛି । ସେ କିଛି ଭାବନାରେ ବୁଡ଼ି ରହିଥିବାର ନଜର ଆସିଛନ୍ତି । ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଯଶ୍ ଓ କିଆରାଙ୍କ ବ୍ୟତୀତ ଏଥିରେ ତାରା ସୂତାରିୟା, ହୁମା କ୍ୟୁରୋସି, ରୁକ୍ମଣୀ ବସନ୍ତ, ଅକ୍ଷୟ ଓବରୟ ପ୍ରମୁଖ ନଜର ଆସିବେ । ଏହାକୁ ଏକସଙ୍ଗେ କନ୍ନଡ଼ ଓ ଇଂରାଜୀ ଭାଷାରେ ସୁଟ୍ କରାଯାଇଛି । ଏହା ଇଦ୍ ଅବସରରେ ଆସନ୍ତା ମାର୍ଚ୍ଚ ୧୯ ରେ ଆସିବ । ଛଅଟି ଭାଷାରେ ଏହା ରିଲିଜ୍ ହେବ । ତେବେ ରଣବୀର ସିଂହଙ୍କ 'ଧୁରନ୍ଧର ୨' ଏହି ଦିନ ରିଲିଜ୍ ହେଉଥିବାରୁ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି ।

# ପର୍ବତାରୋହୀଙ୍କ ଡମ୍ପିଂରେ ଆଳିଆମାଳ ଏଭରେଷ୍ଟ

ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟରେ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖାଯାଉଛି । ପ୍ରତ୍ୟେକ ପର୍ବତାରୋହୀ ଜୀବନରେ ଅନ୍ତତଃ ଥରେ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ସ୍ୱପ୍ନ ଦେଖିଥାନ୍ତି । ହେଲେ ପର୍ବତାରୋହୀମାନେ ଏଠାରେ ପହଞ୍ଚିବା ପରେ ଛାଡ଼ି ଆସୁଛନ୍ତି କୁଢ଼ କୁଢ଼ ଅଳିଆ । ଯାହାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ପରିବେଶବିତ୍ । ପର୍ବତାରୋହଣବେଳେ ବ୍ୟବହାର ହେଉଥିବା ସାମଗ୍ରୀ, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ମାନବିକ ଆବର୍ଜନା ଏଭରେଷ୍ଟ ରାସ୍ତାରେ ପ୍ରଚୁର ମାତ୍ରାରେ ପଡ଼ିରହିଛି । ଏଭରେଷ୍ଟ ଟୁଡେ ନାମକ ପ୍ଲାଟଫର୍ମ ଦ୍ୱାରା ସେୟାର୍ କରାଯାଇଥିବା ଏସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା'ସହ ଏହି ଭିଡିଓକୁ ଦେଖି ସମସ୍ତେ କ୍ଷୋଭ ପ୍ରକାଶ କରିଛନ୍ତି । ଉକ୍ତ ଭିଡିଓରେ ଏଭରେଷ୍ଟର ଧଳା ବରଫ ଆସ୍ତରଣ ମଧ୍ୟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇଥିବାର ଦେଖାଯାଇଛି । ପଲିଥିନ୍, ପୁରୁଣା କପଡ଼ା, ଖାଦ୍ୟ ପ୍ୟାକେଟ୍, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ଫଟା ତମ୍ବୁ ବରଫ ଉପରେ ପଡ଼ିଥିବାର ଭିଡିଓରେ ଦେଖାଯାଇଛି । କୁହାଯାଉଛି ଏହି ଭିଡିଓଟି ୨୦୨୪ ମସିହାର । ହେଲେ ଏବେବି ଏହାର ସ୍ଥିତି ସେମିତି ରହିଛି ବୋଲି ଭିଡିଓରେ କୁହାଯାଇଛି । ଏହାର ଶିଖରରେ ତିଆରି ହୋଇଥିବା କ୍ୟାମ୍ପଗୁଡ଼ିକରେ ଅଧିକ ମାତ୍ରାରେ ଅଳିଆ ଆବର୍ଜନା ଜମା ହୋଇଛି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି, ପ୍ରକୃତି ପ୍ରତି ଅବହେଳା ଏବେ ବିଶ୍ୱର ସର୍ବୋଚ୍ଚ ଶିଖରକୁ ମଧ୍ୟ ଛାଡ଼ିନାହିଁ । ଏହି ଭିଡିଓରେ କୁହାଯାଇଛି, ଏହାକୁ ସଫାସୁତୁରା ରଖିବା ଏକ ବିକଳ୍ପ ନୁହେଁ, ବରଂ ଲୋକଙ୍କର ଦାୟିତ୍ୱ । ଏହା ପ୍ରକୃତି ଏବଂ ଭବିଷ୍ୟତ ପିଢ଼ି ପାଇଁ ଜରୁରି । ଏହାସହ ଏନେଇ କଡ଼ା ନିୟମ, ସ୍ୱଚ୍ଛତାର ସହ ପର୍ବତାରୋହଣ ଏବଂ ଅଳିଆ ନିୟନ୍ତ୍ରଣ ପାଇଁ ଭିଡିଓରେ ଦାବି କରାଯାଇଛି । ଅନ୍ୟପଟେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।








# ମଧୁମେହ ରୋଗୀଙ୍କ ପାଇଁ ଚାଲିବା ଭଲ

**ଜୀବନଶୈଳୀରେ ପରିବର୍ତ୍ତନ ଓ ଖରାପ ଖାଦ୍ୟାଭ୍ୟାସ କାରଣରୁ ସମ୍ପ୍ରତି ଘରେ ଘରେ ମଧୁମେହ ରୋଗୀ । ଶରୀରର ରକ୍ତ ଶର୍କରା ବୃଦ୍ଧି ଯୋଗୁଁ ବାରମ୍ବାର ପରିସ୍ରା ଲାଗିବା, ଶୋଷ ଲାଗିବା ଆଦି ଲକ୍ଷଣ ଦେଖାଯାଏ । ମଧୁମେହ ପୀଡ଼ିତ ରକ୍ତ ଶର୍କରା ନିୟନ୍ତ୍ରଣ ରଖିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତି । ଖୁସିର ବିଷୟ, ଚାଲିବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରିତ ରହି ପାରିବ । ତେଣୁ ମଧୁମେହ ପୀଡ଼ିତ ନିଜ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଚାଲିବା ଜରୁରି ।**





ମଧୁମେହ ପୀଡ଼ିତ ଔଷଧ ସେବନ ଓ ଡାଏଟକୁ ଅନୁକରଣ କରିବା ସହ ଶାରୀରିକ ଭାବେ ସକ୍ରିୟ ରହିବା ଆବଶ୍ୟକ । ଏହାଦ୍ୱାରା ରକ୍ତ ଶର୍କରା, ରକ୍ତଚାପ, ଏବଂ ହୃଦ୍‌ରୋଗ ଆଶଙ୍କା କମ୍ ହୁଏ । ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ପ୍ରତିଦିନ ୧୦ହଜାର ପାଦ ଚାଲିପାରିବେ । ଯଦି ସେତିକି ବାଟ ଚାଲିବା ଦ୍ୱାରା ଥକ୍କାପଣ ବା ଦୁର୍ବଳ ଅନୁଭବ କରୁଥାନ୍ତି ତେବେ ଯୋଗ ଓ ବ୍ୟାୟାମ କରିପାରିବେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦିନକୁ ଅତିକମରେ ୩୦ ମିନିଟ୍ ହିସାବରେ ସପ୍ତାହରେ ପାଞ୍ଚ ଦିନ ଚାଲିବେ । ୩ରୁ ୪ କିମି ଚାଲିବା ବି ସ୍ୱାସ୍ଥ୍ୟ ପକ୍ଷେ ହିତକର । ଖାଦ୍ୟ ଗ୍ରହଣ ପରେ ଚାଲିବା ଜରୁରି ।

ରାତ୍ରିଭୋଜନ ପରେ ୧୫ରୁ ୩୦ ମିନିଟ୍ ଚାଲିଲେ ରକ୍ତ ଶର୍କରା ହ୍ରାସ ପାଏ । ଯଦି ଇନ୍‌ସୁଲିନ୍ ନେଉଥାନ୍ତି କିମ୍ବା ପୂର୍ବାପେକ୍ଷା ରକ୍ତ ଶର୍କରା କମ୍ ଥିଲେ ସକାଳୁ ଚାଲିବା ପୂର୍ବରୁ ହାଲୁକା ଜଳଖିଆ ଗ୍ରହଣ କରନ୍ତୁ । ବ୍ରିସ୍କ ୱାକ୍ ତଥା ଜୋର ଜୋର ଚାଲିବା, ଯୋଗ, ପ୍ରାଣାୟମ ଆଦି କରିବା ହିତକର ।

'ପ୍ରକୃତି'ର ସ୍ପର୍ଶ

# କାଶର ଆୟୁର୍ବେଦ ଉପଚାର


**ଶୀତଋତୁରେ କମ୍ ତାପମାତ୍ରା ଯୋଗୁଁ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ । ନାକରୁ ପାଣି ବୋହିବା, କାଶ, ତଣ୍ଟି ଦରଜ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ । ଏହା ଶ୍ୱସନ ପ୍ରକ୍ରିୟାକୁ ସଂକ୍ରମିତ କରିଥାଏ । ତେଣୁ ଶୀତଦିନେ ଲଗାତାର କାଶ ହେଉଥିଲେ ଆୟୁର୍ବେଦ ଉପଚାର ଆପଣାଇ ପାରିବେ ।**



- ହଳଦୀରେ ଆଣ୍ଟିବାୟୋଟିକ୍ ଓ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି । ତେଣୁ ନଖଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇପାରିବେ । ଏହା କାଶରୁ ଆରାମ ଦିଏ ।
- ଏକ ଚାମଚ ଅଦାରସରେ ଅଧା ଚାମଚ ମହୁ ମିଶାଇ ଦିନକୁ ୪ରୁ ୫ଥର ସେବନ କଲେ କଫ ଜନିତ ସମସ୍ୟାରୁ ଆରାମ ଦିଏ । ମୁଲେଠି ବା ଯଷ୍ଟିମଧୁ କଳରେ ଜାକି ପାରିବେ । ୯୦% ମିଶିରି ଏବଂ ୧୦% ଗୋଲମରିଚକୁ ଗୁଣ୍ଡ କରି ଦିନରେ ଦୁଇରୁ ତିନିଥର ଚିମୁଟିଏ ଲେଖାଏଁ ସେବନ କରିବା ଆବଶ୍ୟକ । ତୁଳସୀପତ୍ର ରସ ମହୁ, ଅଦାମହୁ ଆଦି ବ୍ୟବହାର କରାଯାଇପାରେ ।
- ତ୍ରିକଟୁ ଚୂର୍ଣ୍ଣ ଏକ ଗ୍ରାମ ସହ ଚାମଚେ ମହୁ ସହ ମିଶାଇ ବୟସ୍କ ବ୍ୟକ୍ତି ସେବନ କରିପାରିବେ । ଚିକିତ୍ସକଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ ।

# ଡିମେନ୍‌ସିଆ ପାଇଁ ମ୍ୟାଗ୍ନେସିୟମ୍

**ଡିମେନ୍‌ସିଆ ବୟସ୍କଗତ ରୋଗ । ମୁଖ୍ୟତଃ ମସ୍ତିଷ୍କ କୋଷ ନଷ୍ଟ ହେଲେ ସ୍ମୃତିଶକ୍ତି ହ୍ରାସ ପାଏ । ନିଷ୍ପତ୍ତି ନେବାର କ୍ଷମତା କମିଯାଏ । ଛୋଟ ଛୋଟ କଥା ମନେ ନ ରଖି ପାରିବା ଡିମେନ୍‌ସିଆ (ମନୋଭ୍ରଂଶ) ର ଲକ୍ଷଣ ହୋଇଥାଏ । ଅନୁସନ୍ଧାନ ଦ୍ୱାରା ପ୍ରମାଣିତ ଯେ ନିୟମିତ ବ୍ୟାୟାମ, ଶୋଇବା , କମ୍ ଚିନ୍ତା, ଖାଦ୍ୟପେୟ ଆଦି ଅଭ୍ୟାସ ଦ୍ୱାରା ଏହି ସମସ୍ୟାକୁ ହ୍ରାସ କରାଯାଇପାରେ । ତେଣୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଦୈନିକ ପୁଷ୍ଟିକର ଖାଦ୍ୟ ସହିତ ମ୍ୟାଗ୍ନେସିୟମ୍ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।**



ଜ୍ଞାନଗତ କାର୍ଯ୍ୟର ଉନ୍ନତି ପାଇଁ ଦୈନିକ ଭିଟାମିନ୍ ଔଷଧ ଉପରେ ନିର୍ଭର ନ କରି ଖାଦ୍ୟପେୟକୁ ଗୁରୁତ୍ୱ ଦେବା ଜରୁରି । କାରଣ ସବୁଜ ପରିବା, ଫଳ, ସାମୁଦ୍ରିକ ମାଛ ଆଦି ସେବନ ଶରୀରକୁ ଶକ୍ତି ଦିଏ । ମସ୍ତିଷ୍କ କୋଷର ସନ୍ତୁଳନ ବଜାୟ ରଖେ । ଏହାର ଅଭାବରୁ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ । ଯାହାଦ୍ୱାରା ଡିମେନ୍‌ସିଆ ପରି ସମସ୍ୟା ହୋଇଥାଏ । ଏନେଇ ଅଷ୍ଟ୍ରେଲିଆନ ନ୍ୟାସ୍‌ନାଲ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟବିଶେଷଜ୍ଞମାନେ ୬୦୦୦ ପ୍ରାପ୍ତ ବୟସ୍କଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ଯେଉଁମାନେ ପ୍ରତିଦିନ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଠିକ୍ ମାତ୍ରାର ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ବା ଔଷଧ ସେବନ କରୁଥିଲେ ସେମାନଙ୍କର ମସ୍ତିଷ୍କ କାର୍ଯ୍ୟକ୍ଷମତା ମ୍ୟାଗ୍ନେସିୟମ କମ୍ ଗ୍ରହଣ କରୁଥିବା ଲୋକଙ୍କ ତୁଳନାରେ ବହୁତ ଭଲ ଥିଲା । ନିଜ ବୟସ ତୁଳନାରେ ସେମାନେ ଯୁବା ଥିଲେ । ମହିଳାମାନଙ୍କ କ୍ଷେତ୍ରରେ ସକାରାତ୍ମକ ଫଳ ଦେଖା ଯାଇଥିଲା । ଯଦିଓ ମ୍ୟାଗ୍ନେସିୟମ ଡିମେନସିଆର ନିର୍ଦ୍ଦିଷ୍ଟ ଔଷଧ ନୁହେଁ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜଣେ ପ୍ରତିଦିନ ସବୁଜ ପରିବା, ପାଳଙ୍ଗ, ବିନ୍ସ ଡାର୍କ ଚକୋଲେଟ୍, ସାମୁଦ୍ରିକ ମାଛ, ଅଳସୀ, ଡ୍ରାଏଫ୍ରୁଟ ତଥା ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ମସ୍ତିଷ୍କ ସ୍ୱାସ୍ଥ୍ୟ ଭଲ ରୁହେ । ଡିମେନସିଆ ବିପଦ ହ୍ରାସ ହୋଇ ପାରେ । ନିଦ ଭଲ ହୋଇଥାଏ । ମ୍ୟାଗ୍ନେସିୟମ ମସ୍ତିଷ୍କର ବୟସ ବୃଦ୍ଧି ପ୍ରକ୍ରିୟାକୁ ଧୀମା କରିପାରେ । ମସ୍ତିଷ୍କ ସଙ୍କୋଚନକୁ ବି ହ୍ରାସ କରିପାରେ । ସ୍ମୃତିଶକ୍ତି ବୃଦ୍ଧି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମସ୍ତିଷ୍କକୁ ଶାନ୍ତ ରଖେ । ମସ୍ତିଷ୍କର କ୍ଷମତାକୁ ବଢ଼ାଇ ପାରେ । ଚିନ୍ତା ହ୍ରାସ ଯୋଗୁଁ ଡିମେନସିଆ ବିପଦ ହ୍ରାସ ପାଇ ପାରେ ।

ସୁସ୍ଥ ମନ ସୁସ୍ଥ ଶରୀର

# ଦେହକୁ ହିତ ଆପେଣ୍ଡିକ୍ସ

**ଆପେଣ୍ଡିକ୍ସ ଏକ କ୍ଷୁଦ୍ର ଅଙ୍ଗ । ଏହା ଅନ୍ତଃନଳୀ ସହିତ ଲାଗି କରି ଥାଏ । ଏହା ଅନେକ ତନ୍ତୁ ଦ୍ୱାରା ଗଠିତ । ବଡ଼ ଓ ଛୋଟ ଅନ୍ତଃମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ । ଅନ୍ତଃନଳୀର ଜୀବାଣୁ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କଲେ ଏହା ସଂକ୍ରମିତ ହୋଇଥାଏ । ଏହାକୁ ଆପେଣ୍ଡିସାଇଟ୍‌ସ କୁହଯାଏ । ସଂକ୍ରମିତ ଆପେଣ୍ଡିକ୍ସକୁ ଡାକ୍ତର ସର୍ଜରୀ କରି ଶରୀରରୁ ବାହାର କରିଦିଅନ୍ତି । ହେଲେ ଆପେଣ୍ଡିକ୍ସ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ ।**



ଆପେଣ୍ଡିକ୍ସ ହିତକର ଜୀବାଣୁଙ୍କୁ ସୁରକ୍ଷିତ ରଖିଥାଏ । ଝାଡା, ବାନ୍ତି ତଥା ବିଭିନ୍ନ ପେଟଜନିତ ସଂକ୍ରମଣ ସମସ୍ୟା ପରେ ଏହା ଅନ୍ତର ସ୍ୱାସ୍ଥ୍ୟ ଉନ୍ନତି କରେ । ଅନ୍ତଃନଳୀରେ ହିତକର ଜୀବାଣୁ ବଢ଼ାଇବାରେ ସାହାଯ୍ୟ କରେ । ଆପେଣ୍ଡିକ୍ସ ଭଲ ଜୀବାଣୁଙ୍କୁ ସୁରକ୍ଷିତ ରଖେ ।

**ପାଚନତନ୍ତ୍ର ସୁସ୍ଥ ରହେ:** ଖାଦ୍ୟ ହଜମ କରିବାରେ ଆପେଣ୍ଡିକ୍ସ ସିଧାସଳଖ ସାହାଯ୍ୟ ନ କଲେ ବି ଏହା ଅନ୍ତଃନଳୀରେ ଭଲ ଜୀବାଣୁଙ୍କୁ ସୁରକ୍ଷିତ କରୁଥିବାରୁ ପାଚନତନ୍ତ୍ର ସୁସ୍ଥ ରହିଥାଏ । ଖାଦ୍ୟ ହଜମ ହୋଇପାରେ ।

**ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି:** ଆପେଣ୍ଡିକ୍ସରେ ଲିମ୍ଫୋଏଡ ଟିସୁ ଥାଏ । ଏହା ରୋଗପ୍ରତିରୋଧକ କୋଷ ଏବଂ ଆଣ୍ଟିବଡ଼ି କ୍ଷରଣରେ ସାହାଯ୍ୟ କରିଥାଏ । ସଂକ୍ରମଣ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ ।

# ସାନ୍ତାବେଶରେ ବଡ଼ଦିନ ପାଳିଲେ ଯୁବି-ହାଜେଲ୍

ଚଣ୍ଡିଗଡ଼, ୨୫।୧୨ (ଏଜେନ୍ସି): ପବିତ୍ର ବଡ଼ଦିନ ଅବସରରେ ପୂର୍ବତନ ତାରକା କ୍ରିକେଟର୍ ଯୁବରାଜ ସିଂହ ପତ୍ନୀ ତଥା ବ୍ରିଟିଶ ମଡେଲ ହାଜେଲ କିଚ୍‌ଙ୍କ ସହ ଧୁମ୍‌ଧାମରେ ଖ୍ରିଷ୍ଟମାସ ପାଳନ କରିଛନ୍ତି। ଏହାର କିଛି ଫଟୋକୁ ଯୁବି ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ଯେଉଁଥିରେ ଯୁବିଙ୍କ ସହ ହାଜେଲ ଏବଂ ତାଙ୍କ



ପୁଅ ଓରିଓନ୍ ଓ ଝିଅ ଔରାଙ୍କ ସାନ୍ତା କ୍ୟାପ୍ ପିରଧାନ କରି ଖ୍ରିଷ୍ଟମାସ ଟ୍ରି ନିକଟରେ ବସିଥିବା ଦେଖିବାକୁ ମିଳିଛି। ସେହିଭଳି ସଞ୍ଜୁ ସାମସନ, ଭାରତୀୟ ମହିଳା କ୍ରିକେଟ୍ ଦଳର ଜେମିମା ରୋଡ୍ରିଗ୍ରେଜ, ସ୍ମୃତି ମନ୍ଧାନା ପ୍ରମୁଖ ମଧ୍ୟ ବଡ଼ଦିନକୁ ଉତ୍ସାହର ସହ ସେଲିବ୍ରେସନ କରିଛନ୍ତି। ମହାନ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ, ୱେନ ରୁନୀ ମଧ୍ୟ ପରିବାର ଗହଣରେ ବଡ଼ଦିନକୁ ପାଳନ କରିଥିବା ଦେଖିବାକୁ ମିଳିଥିଲା।

# ବ୍ୟାଟିଂ ଅଭ୍ୟାସ କଲେ ଆୟର

ମୁମ୍ବଇ, ୨୫।୧୨ (ଏଜେନ୍ସି): ଆଘାତ ପାଇବା ପରେ ସୁସ୍ଥ ହୋଇଥିବା ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଗତକାଲି ଏଠାରେ ବ୍ୟାଟିଂ ଅଭ୍ୟାସ କରିଛନ୍ତି। ସେ ଏକ ଘଣ୍ଟାଯାଏ ଏଠାରେ ବ୍ୟାଟିଂ ଅଭ୍ୟାସ କଲାବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିଲେ କିମ୍ବା ଯନ୍ତ୍ରଣା ଅନୁଭବ କରି ନ ଥିଲେ। ଏହାପରେ ସେ ଆଜି ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପରବର୍ତ୍ତୀ ଫିଟ୍‌ନେସ୍ ପାଇବା ଲାଗି ଯାଇଛନ୍ତି। ଏଠାରେ ସେ କେତେ ସୁସ୍ଥ ହୋଇଛନ୍ତି ତାହାର ପ୍ରମାଣପତ୍ର ପାଇବା ପରେ ତାଙ୍କର ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ସମ୍ଭବ କି ନୁହେଁ ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆରେ ଖେଳୁଥିଲାବେଳେ ଏକ ଚମତ୍କାର କ୍ୟାଚ୍ ଧରିବାକୁ ଯାଇ ତଳେ ପଡ଼ିଗଲାପରେ ପେଟରେ ଯନ୍ତ୍ରଣା ପାଇଥିଲେ। ଏହାପରେ ଚିକିତ୍ସା ଲାଗି ସ୍ୱଦେଶ ଫେରିଥିଲେ। ଏବେ ବିଜୟ ହଜାରେ ଟ୍ରଫି ଚାଲିଛି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଆରମ୍ଭ ହେବ। ଉଭୟ ଟୁର୍ଣ୍ଣାମେଣ୍ଟରେ ଖେଳିବା ଲାଗି ତାଙ୍କ ନିକଟରେ ସୁଯୋଗ ରହିଛି। କିନ୍ତୁ ଏ ସମ୍ପର୍କରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଥିବା ଡାକ୍ତରମାନେ ଚୂଡାନ୍ତ ନିଷ୍ପତ୍ତି ନେବେ।

## ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି-୨୦ ମୁକାବିଲା ଆଜି

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତୀୟ ମହିଳା

ତିରୁଅନନ୍ତପୁରମ,୨୫।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ମହିଳା ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିଶାଖାପାଟଣାରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଜିତିଥିଲା। ଦଳ ୨-୦ରେ ଆଗୁଆ ରହିଥିଲାବେଳେ ଏଠାରେ ତୃତୀୟ ମ୍ୟାଚ୍ ଜିତି ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟ ନେଇ ଆସନ୍ତାକାଲି ପଡ଼ିଆକୁ ଓହ୍ଲାଇବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ, ବୋଲିଂରେ ପ୍ରଭାବ ବିସ୍ତାର କରିଥିବା ଭାରତ ଏଠାରେ ମଧ୍ୟ ବିଜୟୀ ହେବ ବୋଲି ଆଶା କରିବା ସ୍ୱାଭାବିକ୍। ଏହି ମ୍ୟାଚ୍‌ଦ୍ୱୟରେ ଭାରତର ଶାଣିତ ବୋଲିଂକୁ ଶ୍ରୀଲଙ୍କା ବ୍ୟାଟର ମୁକାବିଲା କରିପାରି ନ ଥିଲେ। ଉଭୟ ମ୍ୟାଚ୍‌ରେ ରନ୍ ଚେଜ୍‌ରେ ଭାରତର ଟପ୍ ଅର୍ଡର ଅତି ସହଜରେ ଟାର୍ଗେଟକୁ ହାସଲ କରିନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଜେମିମା ରୋଡ୍ରିଗ୍ରେଜ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲା। ଫିଲ୍ଡିଂରେ ଭାରତ ପ୍ରଥମ ମ୍ୟାଚ୍‌ରେ ୫ଟି କ୍ୟାଚ୍ ହାତଛଡ଼ା କରିଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚ୍‌ରେ ୩ଜଣ ଖେଳାଳିଙ୍କୁ ରନ୍‌ଆଉଟ କରି ଭରଣା କରିନେଇଛନ୍ତି। ଏଭଳି ସ୍ଥିତିରେ ଭାରତ ଯେ ଆସନ୍ତାକାଲିର ମୁକାବିଲାକୁ ସହଜରେ ଜିତିବ ଏଭଳି ଆଶା ପୋଷଣ କରାଯାଇପାରେ।





ସାନ୍ତାବେଶରେ ଜେମିମା ଓ ମନ୍ଧାନା

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅନ୍ୟପକ୍ଷରେ ଶ୍ରୀଲଙ୍କା ଦଳ ଅନେକ ନୂଆ ଖେଳାଳିଙ୍କୁ ନେଇ ସିରିଜ୍ ଖେଳିବାକୁ ଆସିଛି। ନୂଆ ଓ ପୁରୁଣା ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ହୋଇନାହିଁ। ଯାହା ଫଳରେ ଏମାନେ ମିଳିତଭାବେ ଲଢ଼ୁଆ ଖେଳ ପ୍ରଦର୍ଶନ କରିପାରି ନାହାଁନ୍ତି। କୁହାଯାଏ ଭେନ୍ୟୁ ବଦଳିଲେ ଭାଗ୍ୟ ମଧ୍ୟ ପରିବର୍ତ୍ତନ ହୋଇଥାଏ। ସିରିଜ୍‌ର ପ୍ରଥମ ୨ଟି ମ୍ୟାଚ୍ ବିଶାଖାପାଟଣାରେ ଖେଳାଯାଇଥିଲାବେଳେ ଶ୍ରୀଲଙ୍କା ଉଭୟ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲା। ଏବେ ପରବର୍ତ୍ତୀ ୩ଟି ମ୍ୟାଚ୍ ତିରୁଅନନ୍ତପୁରମରେ ଖେଳାଯିବ। ଏଠାରେ ଶ୍ରୀଲଙ୍କା ଲଢ଼େଇ କରିବ ବୋଲି ଆଶା କରାଯାଉଛି। ଦଳର ପ୍ରଥମ ୪ଜଣ ବ୍ୟାଟରଙ୍କୁ ବାଦ୍ ଦେଲେ ଅନ୍ୟ କେହି ଭଲ ଆରମ୍ଭ କରିପାରି ନାହାନ୍ତି। ଭିଷ୍ମି ଗୁଣରତ୍ନେ, ଚାମରି ଆଟାପାଟ୍ଟୁ, ହାସିନୀ ପରେରା, ହର୍ଷିତା ସମରବିକ୍ରମ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭଲ ଆରମ୍ଭ କରିଥିଲେ। କିନ୍ତୁ ତାହାକୁ ବଡ଼ ସ୍କୋରରେ ପରିଣତ କରିବାରେ ଅସମର୍ଥ ହୋଇଥିଲେ। ବୋଲରମାନେ ଆଦୌ ପ୍ରଭାବ ପକାଇ ପାରି ନାହାନ୍ତି। ଏଣୁ ଏହି ମ୍ୟାଚ୍‌କୁ କିପରି ଦଳ ଜିତିବ ତାହାକୁନେଇ ଯୋଜନା ଚାଲିଛି। ଗତ ୧୧ଟି ମ୍ୟାଚ୍‌ରେ ଭାରତ ୯ଟିରେ ବିଜୟୀ ହୋଇଛି। ଶେଷଥର ୨୦୨୪ ଜୁଲାଇରେ ଶ୍ରୀଲଙ୍କା ବିଜୟୀ ହୋଇଥିଲା। ଏଥର ଦଳ ପୁଣିଥରେ ବିଜୟୀ ହେବ ବୋଲି ଆଶା କରିଛି।

### ଖେଳାଳି ଦଳ

**ଭାରତ :** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ରେଜ୍, ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ସ୍ନେହ ରାଣା, ରିଚା ଘୋଷ ଓ ଜି କମଳିନୀ (ଉଭୟେ ୱିକେଟରକ୍ଷକ), ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼, ଶ୍ରୀ ଚରଣି, ବୈଷ୍ଣବୀ ଶର୍ମା, ହର୍ଲିନ ଦେଓଲ, ଅମନଜୋତ କୌର।

**ଶ୍ରୀଲଙ୍କା:** ଚାମରି ଆଟାପାଟ୍ଟୁ (ଅଧିନାୟିକା), ଭିଷ୍ମି ଗୁଣରତ୍ନେ, ହାସିନୀ ପରେରା, ହର୍ଷିତା ସମରବିକ୍ରମ, ନୀଳାକ୍ଷିକା ଡି ସିଲ୍‌ଭା, କାଭିଶା ଦିଲହରୀ, ଇମେଶ ଦୁଲାନୀ, କୌଶିନର ନୁଥ୍ୟାଙ୍ଗନା, ମାଲସା ସେହାନୀ, ଇନୋକା ରଣବୀରା, ଶାସିନର ଗିମାନୀ, ନିମେଶା ମଦୁଶାନୀ, କାବ୍ୟା କାଭିଣ୍ଡି, ରଶ୍ମିକା ସେୱାଣ୍ଡି, ମାଲକି ମଦାରା।

## ବିଜୟ ହଜାରେ ଟ୍ରଫି / ଗୋଟିଏ ଦିନରେ ରେକର୍ଡ ୨୨ ଶତକ

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସ ସମ୍ପୂର୍ଣ୍ଣ ଭାବେ ବ୍ୟାଟରଙ୍କ ନାମରେ ରହିଥିଲା। ଯେଉଁଥି ପାଇଁ ପ୍ରଥମ ଦିନରେ ଏକାଧିକ ଶତକ ଓ ରେକର୍ଡ ସୃଷ୍ଟି ହୋଇଥିଲା। ସେଥିମଧ୍ୟରୁ ପ୍ରମୁଖ ହେଲା ପ୍ରଥମ ଦିନରେ ଖେଳାଯାଇଥିବା ୧୮ଟି ମ୍ୟାଚ୍‌ରେ ମୋଟ୍ ୨୨ଟି ଶତକ ଓ ଓଡ଼ିଶାର ସ୍ୱସ୍ତିକ ସାମଲ (୨୧୨)ଙ୍କ ବ୍ୟାଟରୁ ଗୋଟିଏ ଦ୍ୱିଶତକ ଦେଖିବାକୁ ମିଳିଥିଲା। ଯାହାକି ଟୁର୍ଣ୍ଣାମେଣ୍ଟ ଇତିହାସରେ ଗୋଟିଏ ଦିବସରେ ରେକର୍ଡ ଶତକ ଭାବେ ଲିପିବଦ୍ଧ ହୋଇଛି। ଏଥିପୂର୍ବରୁ ୧୨ ଡିସେମ୍ବର ୨୦୨୧ ଓ ୩ ଜାନୁଆରୀ ୨୦୨୫ରେ ୧୯ଟି ଲେଖାଏ ଶତକ ବିଜୟ ହଜାରେ ଟ୍ରଫିରେ ହୋଇଥିଲା।

### ବିଘ୍ନେଶଙ୍କ ବିଶ୍ୱରେକର୍ଡ କ୍ୟାଚ୍, ମୋସୁଙ୍କ ବ୍ୟୟବହୁଳ ସ୍ପେଲ

ଅପରପକ୍ଷରେ କେରଳର ବିଘ୍ନେଶ ପୁଥୁର ତ୍ରିପୁରା ବିପକ୍ଷରେ ଦମ୍‌ଦାର ଫିଲ୍ଡିଂ କରି ଏକାକୀ ୬ଟି କ୍ୟାଚ୍ ଧରିଥିଲେ। ଏଥିସହ ଲିଷ୍ଟ-ଏ କ୍ରିକେଟ୍‌ରେ ପ୍ରଥମ ଫିଲ୍ଡର (ଅଣୱିକେଟ୍‌କିପର) ଭାବେ ଗୋଟିଏ ମ୍ୟାଚରେ ୬ଟି କ୍ୟାଚ୍ ଧରି ପୁଥୁର ବିଶ୍ୱରେକର୍ଡ କରିଛନ୍ତି।





ପୂର୍ବରୁ ମହାନ ଫିଲ୍ଡର ଜଣ୍ଟି ରୋଡ୍ସଙ୍କ ସମେତ ଏକାଧିକ ଖେଳାଳି ୫ଟି କ୍ୟାଚ୍ ଧରି ରେକର୍ଡ କରିଥିଲେ। ସେହିଭଳି ଅରୁଣାଚଳ ପ୍ରଦେଶର ଦ୍ରୁତ ବୋଲର ମିବୋମ ମୋସୁ ଲିଷ୍ଟ-ଏ କ୍ରିକେଟ୍‌ରେ ଗୋଟିଏ ମ୍ୟାଚରେ ସବୁଠୁ ବ୍ୟୟବହୁଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଗତକାଲି ସେ ବିହାର ବିପକ୍ଷରେ ୯ ଓଭର ବୋଲିଂ କରି ୧୧୬ ରନ ବ୍ୟୟ କରିଥିଲେ। ପୂର୍ବରୁ ଲିଷ୍ଟ-ଏ'ରେ ସବୁଠୁ ମହଙ୍ଗା ବୋଲର ହେବାର ଅଲୋଡ଼ା ରେକର୍ଡ ନେଦରଲାଣ୍ଡସର ବାସ୍ ଡି ଲିଡ୍‌ଙ୍କ ନାମରେ ରହିଥିଲା। ୨୦୨୩ରେ ଲିଡ୍ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ୧୧୫ ରନ ବ୍ୟୟ କରିଥିଲେ।

## ଆଜିଠାରୁ ଚତୁର୍ଥ ଆସେସ୍ ଟେଷ୍ଟ

# ୪ ବର୍ଷ ପରେ ଫେରିଲେ ରିଚାର୍ଡସନ୍

ମେଲବୋର୍ଣ୍ଣ,୨୫।୧୨(ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଆସନ୍ତାକାଲିଠାରୁ ଆସେସ୍ ସିରିଜ୍‌ର ଚତୁର୍ଥ ମୁକାବିଲା ଏଠାରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ୩ଟି ମୁକାବିଲାରେ ଅଷ୍ଟ୍ରେଲିଆ ସହଜ ବିଜୟ ହାସଲ କରି ଆସେସ୍ କବ୍‌ଜା କରିନେଇଛି। ଏହି ବିଜୟ ଘରୋଇ ଦଳକୁ ସନ୍ତୁଷ୍ଟି ଦେଇନାହିଁ। ଚତୁର୍ଥ ତଥା ବକ୍ସିଂ ଡେ' ଟେଷ୍ଟରେ ଦଳ କିପରି ବିଜୟୀ ହେବ ସେଥିଲାଗି ଆଗୁଆ ଯୋଜନା କରିଛି। ମ୍ୟାଚ୍ ଆରମ୍ଭର ଗୋଟିଏ ଦିନ ପୂର୍ବରୁ ୧୨ଜଣିଆ ଦଳ ଘୋଷଣା କରିଛି। ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ଷ୍ଟିଭ୍ ସ୍ମିଥ୍ ଦଳର ନେତୃତ୍ୱ ନେଉଛନ୍ତି। ସ୍ମିଥ୍‌ଙ୍କ ନେତୃତ୍ୱରେ ପ୍ରଥମ ଦୁଇଟି ଟେଷ୍ଟରେ ଅଷ୍ଟ୍ରେଲିଆ ଯେପରି ପ୍ରଦର୍ଶନ କରିଛି, ଶେଷ ଦୁଇଟି ଟେଷ୍ଟରେ ତାହାର ପୁନରାବୃତ୍ତି ହେବ ବୋଲି ଦଳ ଆଶା ରଖିଛି। ଘୋଷଣା କରାଯାଇଥିବା ୧୨ଜଣ ଖେଳାଳିଙ୍କ ମଧ୍ୟରେ ଅଲରାଉଣ୍ଡର ଗ୍ରୀନ୍‌ଙ୍କୁ ମିଶାଇ ୬ଜଣ ଫାଷ୍ଟ ବୋଲର ରହିଛନ୍ତି। ଏହା ମଧ୍ୟରୁ ଗ୍ରୀନ୍‌ଙ୍କ ବ୍ୟତୀତ



୪ଜଣ ଫାଷ୍ଟ ବୋଲର ଖେଳିବା ନିଶ୍ଚିତ। ମିଚେଲ ଷ୍ଟାର୍କ, ସ୍କଟ ବୋଲାଣ୍ଡ, ବ୍ରେଣ୍ଡାନ ଡୋଗେଟ, ମାଇକେଲ ନେସର ଓ ଝାଇ ରିଚାର୍ଡସନ ରହିଛନ୍ତି। ରିଚାର୍ଡସନ ଯଦି ସୁଯୋଗ ପାଆନ୍ତି, ତେବେ ୪ ବର୍ଷ ପରେ ସେ ଟେଷ୍ଟ କ୍ରିକେଟ ଖେଳିବେ। ନାଥାନ ଲାୟନଙ୍କ ସ୍ଥାନରେ ଟଡ୍ ମର୍ଫି ଏକମାତ୍ର ସ୍ପିନର ଭାବେ ରହିଛନ୍ତି।

ଅନ୍ୟପକ୍ଷରେ କ୍ରମାଗତ ପରାଜୟ ପରେ ଇଂଲଣ୍ଡ

**ଖେଳ ଆରମ୍ଭ : ଭୋର ୫ଟା**
**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଦଳ ପ୍ରବଳ ଚାପରେ ରହିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ଲାଗି ଶେଷ ଦୁଇଟି ଟେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଉଭୟଙ୍କ କ୍ୟାରିୟରରେ ଏହି ଟେଷ୍ଟର ଫଳାଫଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମଝିରେ ବିଶ୍ରାମ ନେବାବେଳେ ଖେଳାଳିଙ୍କ ଅତ୍ୟଧିକ ମଦ୍ୟପାନ ଯୋଗୁ ଦଳ ସମାଲୋଚିତ ହୋଇଛି। ଏଣୁ ଶେଷ ଦୁଇଟି ଟେଷ୍ଟରେ ଦଳ ଭଲ ପ୍ରଦର୍ଶନ ନ କଲେ ମ୍ୟାକ୍‌କୁଲାମ ଇସ୍ତଫା ଦେବାର ଆଶଙ୍କା ରହିଛି।

# ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ

## ବିଡବ୍ଲ୍ୟୁଏଫ୍ ଆଥ୍‌ଲେଟ୍ସ କମିଶନର ଅଧ୍ୟକ୍ଷା ମନୋନୀତ

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଦୁଇ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ ମିଳିଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍‌ର ଆଥ୍‌ଲେଟ୍ସ କମିଶନର ଅଧ୍ୟକ୍ଷା ଭାବେ ସିନ୍ଧୁ ମନୋନୀତ ହୋଇଛନ୍ତି। ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ଏହି ବଡ଼ ଦାୟିତ୍ୱକୁ ନେଇ ସିନ୍ଧୁ କହିଛନ୍ତି, 'ମୁଁ ଏହି ଭୂମିକାକୁ ଆଥ୍‌ଲେଟ ଓ ପ୍ରଶାସନ ମଧ୍ୟରେ ଏକ ସେତୁ ଭାବେ ଦେଖୁଛି। ଆମ କ୍ରୀଡ଼ାରେ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ଆଥ୍‌ଲେଟ୍‌ମାନଙ୍କ ସହ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ଆଥ୍‌ଲେଟ୍‌ଙ୍କ ସ୍ୱର ଓ ଦାବିକୁ ମୁଁ ସ୍ପଷ୍ଟ ଭାବେ ଉଠାଇବି'। ସିନ୍ଧୁଙ୍କୁ ସହାୟତା କରିବା ଲାଗି ନେଦରଲାଣ୍ଡସର ଡେବୋରା ଜିଲି ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସିନ୍ଧୁ ଏଥିପୂର୍ବରୁ ୨୦୧୭ରୁ କମିଶନ ଓ ୨୦୨୦ରୁ ବିଡବ୍ଲ୍ୟୁଏଫ୍ ଇଣ୍ଟିଗ୍ରିଟି ଆମ୍ବାସାଡର ଭାବେ କାର୍ଯ୍ୟ କରିଥିଲେ।





## ରୋହିତ୍‌ଙ୍କୁ ନେଇ ଦ୍ୱନ୍ଦ୍ୱ

ବିଜୟ ହଜାରେ ଟ୍ରଫିରେ ମୁମ୍ବଇ ପକ୍ଷରୁ ଖେଳୁଥିବା ରୋହିତ୍ ଶର୍ମାଙ୍କ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏହି ଫଟୋରେ ମୁମ୍ବଇ ଦଳର ୱିକେଟ୍‌କିପର ହାର୍ଦ୍ଦିକ ତୋମାରଙ୍କ ନିକଟରେ ସ୍ଲିପରେ ରୋହିତ ଫିଲ୍ଡିଂ କରୁଥିବାର ଦେଖିବାକୁ ମିଳୁଛି। ତେବେ ଏହି ଦୁଇଜଣଙ୍କ ମଧ୍ୟରୁ ରୋହିତ୍ କିଏ ତାହାକୁ ନେଇ ପ୍ରଶଂସକ ବେଶ୍ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କାହିଁକି ନା ତୋମାର ଅବିକଳ ରୋହିତ୍‌ଙ୍କ ପରି ଦେଖାଯାଉଥିବାରୁ ପ୍ରଶଂସକଙ୍କୁ ରୋହିତ୍ କିଏ ବୋଲି ଚିହ୍ନିବା କାଠିକର ହୋଇଛି।

## ଜାତୀୟ ସିନିଅର ଥ୍ରୋବଲ: ଏଥର ପଦକ ଜିତିବ ଓଡ଼ିଶା

ଭୁବନେଶ୍ୱର, ୨୫।୧୨ (ସମିସ): କେରଳର କୋଟାୟମଠାରେ ଆସନ୍ତା ୨୮ରୁ ୩୧ ତାରିଖଯାଏ ୪ଠମ ଜାତୀୟ ସିନିଅର ଥ୍ରୋବଲ ଲାଗି ଓଡ଼ିଶା ଦଳ ଆସନ୍ତାକାଲି କୋଟାୟମ ଯିବ। ଏଥିରେ ମୋଟ ୩୪ଜଣ ଖେଳାଳି ରହିଥିଲାବେଳେ ମହିଳା ଦଳର ନେତୃତ୍ୱ ନେଉଛନ୍ତି ସୁଧାସିନ୍ଧୁ ସାହୁ ଓ ସୁଶାନ୍ତ ଦାସ ପୁରୁଷ ଦଳର ଅଧିନାୟକ ରହିଛନ୍ତି। କୋଚ୍ ଦିପ୍ତୀରଞ୍ଜନ ସାମନ୍ତରାୟ ଓ ମ୍ୟାନେଜର ଅଭିଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ କେରଳ ଯାଇଥିବା ଓଡ଼ିଶା ଦଳ ଏଥର ପଦକ ଜିତିବ ବୋଲି ଓଡ଼ିଶା ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଜଣାଇଛନ୍ତି।

## ମୁକ୍ତେଶ୍ୱର କପ୍: ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର, ୨୫।୧୨ (ସମିସ): ପ୍ରଥମ ଦଳ ଭାବେ ପାରାମାଉଣ୍ଟ ସ୍ପୋର୍ଟିଂ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୯ ରନରେ ନିମପୁରର ରାଇଜିଂ ଷ୍ଟାର୍ କ୍ଲବକୁ ହରାଇଦେଇଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୩୦ ଓଭରରେ ୭ ୱିକେଟ୍ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକହିତ୍ ପ୍ରଧାନ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ରାଇଜିଂ ଷ୍ଟାର୍ ୨୯.୨ ଓଭରରେ ୧୨୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଇଜିଂ ଷ୍ଟାର୍‌ର ଶୈଳେଶ ନାୟକ ୩୬ ରନ କରିଥିଲେ। ପାରାମାଉଣ୍ଟ ବୋଲର ସ୍ୱାଧୀନ ଓ ଶୁଭେନ୍ଦୁଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପ୍ରତୀକହିତ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଓଡ଼ିଶା ଜୁନିଅର ଦଳର ବୋଲିଂ କୋଚ୍ ପ୍ରୀତମଜିତ୍ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ରାମେଶ୍ୱର ସ୍ପୋର୍ଟିଂ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ।



### ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍

## ମାନେଶ୍ୱରୀଙ୍କୁ କାଂସ୍ୟ

କଟକ,୨୫।୧୨(ସମିସ): ଛତିଶଗଡର ରାୟପୁରରେ ଚାଲିଥିବା ୪୫ତମ ଜାତୀୟ ଜୁନିୟର ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଦ୍ୱିତୀୟ ପଦକ ମିଳିଛି। ଏକକ ବାଳିକା ରିକର୍ଭ ରାଉଣ୍ଡରେ ମାନେଶ୍ୱରୀ ହାଁସଦା ନିକଟତମ ପ୍ରତିଦ୍ୱନ୍ଦୀ ଉତ୍ତରପ୍ରଦେଶର ମାଧବୀ ଚୌହ୍ୱାନଙ୍କୁ ଟାଇବ୍ରେକରରେ ପରାସ୍ତ କରି କାଂସ୍ୟ ବିଜୟୀ ହୋଇଛନ୍ତି। ପଦକ ହାସଲ କରିବାରେ ମାନେଶ୍ୱରୀ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ରିକର୍ଭ ଖେଳାଳି। ଯୁକ୍ତ ଦୁଇରେ ପାଠ ପଢୁଥିବା ମାନେଶ୍ୱରୀ ହେଉଛନ୍ତି କିସ୍‌ର ପ୍ରଶିକ୍ଷକ ରାଜେଶ ହାଁସଦାଙ୍କ ଝିଅ। ଏହି ସଫଳତା ପାଇଁ ମାନେଶ୍ୱରୀଙ୍କୁ ରାଜ୍ୟ ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।



# ବିଦ୍ୟାଳୟ ସମୂହ ଅସି ଚାଳନା ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର,୨୫।୧୨(ସମିସ): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଆସନ୍ତା ୨୭ରୁ ୩୧ ଯାଏ ୧୭ ବର୍ଷରୁ କମ୍ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳକୁ ଆଜି ଓଡ଼ିଶା ଛାଡିବା ପୂର୍ବରୁ ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ପ୍ରତିଯୋଗିତା ଲାଗି ମନୋନୀତ ବାଳକ ଖେଳାଳିମାନେ ହେଲେ ନିଶାଙ୍କ ପଟେଲ, ବିଭୁତି ପଟେଲ୍, ଲିଖିତ ବିଶ୍ୱାଳ, ସମୀର ପରାଭୁଏ, ମାନସ ପଧାନ, କାହ୍ନା ଗଡତିଆ, ସ୍ୱାଗତ ପଟେଲ, ହିସେଠ ଖୋରା, ପ୍ରେମ୍‌ଜିତ ବେଶରା, ଦେବାଶିଷ ପଟେଲ, ଜୀବନଜ୍ୟୋତି ପାଇକରାଏ, ଅବିନାଶ ସ୍ୱାଇଁ। ବାଳିକା ବିଭାଗରେ ଶୁଭଶ୍ରୀ ନାଏକ, ଝିଲି ସେଠ୍, ଅର୍ଚ୍ଚିତା ଛତ୍ରିଆ, ସଞ୍ଜନା ଜାଲ, ଝରଣା ସେଠ୍, ମୁକ୍ତି ବିଶ୍ୱାଳ, ଅମ୍ରିତା ଆଡଜୁଆଡି, ମୁସ୍କାନ ନାଗ, ଶ୍ରୀୟାଶ୍ରୁତି ପଟେଲ, ରୁକ୍ମଣୀ ସୁନା, ସାରିକା ପଟେଲ ଓ ପ୍ରିୟଙ୍କା ବାରିକ ମନୋନୀତ ହୋଇଛନ୍ତି। ପୁରନ୍ଦର ସେଠ୍ ଓ ଅନ୍ୱେଷା ରାଉତ ପ୍ରଶିକ୍ଷକ, କ୍ଷିତେଶ୍ୱର ବିଶ୍ୱାଳ ଓ ସ୍ୱପ୍ନା ସେଠ୍ ପ୍ରବନ୍ଧକ ଭାବେ ଦଳ ସହ ଯାଇଛନ୍ତି ବୋଲି ଓଡ଼ିଶା ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଜଣାଇଛନ୍ତି।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS